ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
18 FEBRUARY 2026

ବୁଧବାର
୧୮ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 273 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୭୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ'
ପରେ 'ଜନ ଗଣ ମନ' ଗାନ

ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍:

ଗୁରୁତ୍ୱପୂର୍ଣ୍ଣ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ବିଧି ବ୍ୟବସ୍ଥା ଅନୁସାରେ ଅଧିବେଶନର ପ୍ରଥମ ଦିନ ପୂର୍ବାହ୍ନ ୧୧ରେ ଆରମ୍ଭ ହୋଇଛି । ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କୁ ଗାର୍ଡ ଅଫ୍ ଅନର ଦେବାପରେ ସେ ଗୃହ ଭିତରକୁ ପ୍ରବେଶ କରିଛନ୍ତି । ଲୋକଭବନରୁ ରାଜ୍ୟପାଳ ବିଧନସଭା ପହଞ୍ଚିବା ପରେ ତାଙ୍କୁ ଗୃହ ଭିତରକୁ ପାଛୋଟି ନେଇଥିଲେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ।

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପ୍ରଥମେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ' ଗାନ ହୋଇଥିଲା । ଏହାପରେ 'ଜନ ଗଣ ମନ' ଗାନ ହୋଇଛି । ସବୁ ସମଦ୍ୟ ନିଜ ଆସନରେ ଛିଡ଼ା ହୋଇ ଏହି ଗୀତ ଦ୍ୱୟକୁ ସମ୍ମାନ ଜଣାଇଥିଲେ । ଗୃହରେ ରାଜ୍ୟପାଳ ଡ. କମ୍ଭମ୍ପାଟି ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ଶୋକ ବ୍ୟକ୍ତ କରିବା ପରେ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ । ଜୟ ଜଗନ୍ନାଥ କହି ସେ ଅଭିଭାଷଣ ▶▶ ୫

ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା

ବଜେଟ୍ ଅଭିଭାଷଣ: ରାଜ୍ୟସରକାରଙ୍କୁ ପ୍ରଶଂସାରେ ପୋତିଲେ ରାଜ୍ୟପାଳ

ମୋ ସରକାର ନିର୍ମାଣ କରୁଛି ଏକ ସମୃଦ୍ଧ, ସଶକ୍ତ, ସମାବେଶୀ ଓଡ଼ିଶା

ବିକଶିତ ଭାରତର ଓଡ଼ିଶା ହେବ ଗ୍ରୋଥ୍ ଇଞ୍ଜିନ୍ ଓ ସେମି କଣ୍ଡକ୍ଟର ହବ୍

୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ୍ ଆମେରିକୀୟ ଡଲାର୍ ଅର୍ଥନୀତି କରିବାକୁ ଟାର୍ଗେଟ୍

୧ ଘଣ୍ଟା ୪୬ ମିନିଟ୍‌ର ଅଭିଭାଷଣ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍:

ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରାୟ ୧ଘଣ୍ଟା ୪୬ ମିନିଟ୍ ଧରି ସେ ଅଭିଭାଷଣ ଦେଇଛନ୍ତି । ଅର୍ଥାତ ରାଜ୍ୟପାଳ ପୂର୍ବାହ୍ନ ୧୧ଟା୫ରୁ ମଧ୍ୟାହ୍ନ ୧୨.୫୧ ମିନିଟ୍ ଯାଏ ଅଭିଭାଷଣ ରଖିଛନ୍ତି । ଏହା ଏକ ରେକର୍ଡ଼ । ନିଜ ଅଭିଭାଷଣରେ ରାଜ୍ୟପାଳ କହିଛନ୍ତି ଯେ, 'ଚାଲିବି ଚାଲିବି ନ ପଡିବି ଥକି, ମୁଦିବା ଆଗରୁ ଆଖି'.. । ଅଭିଭାଷଣ ପରେ ବାଚସ୍ପତି ଓ ଅନ୍ୟମାନେ ତାଙ୍କୁ ଗୃହରୁ ଆନନ୍ଦର ସହ ବିଦାୟ ଦେଇ ତାଙ୍କ ଗାଡ଼ି ପାଖରେ ଚାଡ଼ିଥିଲେ ।

ପ୍ରତିଶ୍ରୁତିବଦ୍ଧ । ଏନେଇ ବହୁ ପଦକ୍ଷେପ ନେଇଛନ୍ତି । ମୋ ସରକାର ଏକ ସମୃଦ୍ଧ, ସଶକ୍ତ ଓ ସମାବେଶୀ ଓଡ଼ଶା ନିର୍ମାଣ କରୁଛି, ଅଭିବୃଦ୍ଧି ସହାନୁଭୂତି ବହନ କରେ ଏବଂ ବିକାଶ ମାର୍ଯ୍ୟାଦା ପ୍ରଦାନ କରେ । ଭିଜନ ୨୦୩୬ ଆଡ଼କୁ ଆଗେଇ ଯାଉଥିବା ଆମର ଯାତ୍ରା, ଲୋକଙ୍କ ଆତ୍ମ ବିଶ୍ୱାସ ଦ୍ୱାରା ପରିଚାଳିତ, ଅନୁଷ୍ଠାନ ଦ୍ୱାରା ସଶକ୍ତ ଓ ପ୍ରତ୍ୟେକ ଓଡ଼ିଆର ଭବିଷ୍ୟତ ଦ୍ୱାରା ପ୍ରେରିତ । ରାଜ୍ୟସରକାରଙ୍କୁ ଏଭଳି ଭାବେ ପ୍ରଶଂସାରେ ପୋତିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ।

ଦୁଇ ପର୍ଯ୍ୟାୟ ବିଶିଷ୍ଟ ବିଧାନସଭାର ପ୍ରଥମ ଅଧିବେଶନ ପ୍ରଥମ ଦିନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ନିଜ ଅଭିଭାଷଣରେ ଏଭଳି ଭାବେ ରାଜ୍ୟସରକାରଙ୍କୁ ପ୍ରଶଂସାରେ ପୋତିଛନ୍ତି । ପ୍ରାୟ ୧ଘଣ୍ଟା ୪୬ ମିନିଟ୍ ଧରି ସେ ଅଭିଭାଷଣ ଦେଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ, ଆମେ ଲୋକଙ୍କ ପାଇଁ ଯେଉଁ ପ୍ରତିଶ୍ରୁତି ବହନ କରୁଛୁ ତାହା ଆମେ ତାହା ହାସଲ କରୁଛୁ ଓ ଯାହା ହାସଲ କରିଛୁ, ତାହା ଆମ ପାଇଁ ବଡ଼ ଓ ଓଡ଼ିଶା ପ୍ରତି ଆମର ଯେଉଁ ଭବିଷ୍ୟତ ଅଛି, ତାହା ଆମେ ଏପର୍ଯ୍ୟନ୍ତ ଯାହା ନିର୍ମାଣ କରିଛୁ, ତାହାଠାରୁ ଉଜ୍ଜ୍ୱଳ । ୨୦୩୬ ଏପ୍ରିଲ ୧ ତରଖ ଆମ ସମ୍ମୁଖରେ ସତ୍ୟନିଷ୍ଠ ପ୍ରତଜ୍ଞା ଭଳି ଦଣ୍ଡାୟମାନ । ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିଆନ ଆମେରିକୀୟ ଡଲାର ଅର୍ଥନୀତି ଟାର୍ଗେଟ । ୮୩୦୦ କୋଟି ଟଙ୍କାର ରାମେଶ୍ୱରରୁ ପାରାଦ୍ୱୀପ ଉପକୂଳ ରାଜପଥ ଅନୁମୋଦନ । ୮୦୩୮ କୋଟି ବ୍ୟୟରେ ଭୁବନେଶ୍ୱର ବାଇପାସ ।ଇଣ୍ଡିଆ ସେମିକାଣ୍ଡକ୍ଟର ମିଶନ ଅଧୀନରେ ୨୦୬୬ କୋଟି ବିନିଯୋଗ ଯୋଜନା । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୦୬ କୋଟି । ୨୦୩୦ ସୁଦ୍ଧା ସୌର, ବାୟୁ ଓ ଉନ୍ନତ ଶକ୍ତି ସଂଚୟ ସମାଧାନ ପାଇଁ ୧୦ ଗିଗାୱାଟ ପୁନଃ ନବୀକରଣ କ୍ଷମତା ସ୍ଥାପନ ।

ରାଜ୍ୟପାଳ କହିଛନ୍ତି ଯେ, 'ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡ଼ିଶାକୁ ବଡ଼ ପ୍ରକଳ୍ପ ମିଳୁଛି, ଏହା ଉଜ୍ଜ୍ୱଳ ଓଡ଼ିଶାର ଭବିଷ୍ୟତକୁ ଦର୍ଶାଉଛି । ଚଳିତ ବର୍ଷ ରାଜ୍ୟ ସରକାର ୨୭୧୧.୬୫ କିଲୋମିଟର ବିଶିଷ୍ଟ ୬୪୮ ଟି ରାସ୍ତା ନିର୍ମାଣ କରିବେ ରାଜ୍ୟ ସରକାର। ଜାତୀୟ ଶିକ୍ଷାନୀତୀକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ ଜାତୀୟ ଶିକ୍ଷାନୀତୀ ଅନୁସାରେ ପ୍ରଥମ ଶ୍ରେଣୀରେ ନାମଲେଖା ବୟସ ୬+ ବର୍ଷ ଓ ଫଶିଶୁ ବାଟିକା' ନାମରେ ୪୫ ହଜାରରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଆରମ୍ଭ ହୋଇଛି । ପ୍ରଥମ ଥର ପାଇଁ ୫ରୁ ୬ ବର୍ଷ ବୟସର ପ୍ରାୟ ୩.୨ ଲକ୍ଷ ଶିଶୁ ନାମ ଲେଖାଇଛନ୍ତି । ରାଜ୍ୟରେ ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି । ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧.୮ ଲକ୍ଷରୁ ୩୨ ଲକ୍ଷକୁ ବୃଦ୍ଧି କରାଯିବ । ୨୦୩୬ରେ ଓଡ଼ିଶା ଗଠନର ଶହେ ବର୍ଷ ପୂରଣ ହେବ । ୨୦୩୬ ଓ ୨୦୪୭ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି । ବହୁମୁଖୀ ଦ୍ରାବିଦ୍ୟକୁ ୫ ପ୍ରତିଶତକୁ କମାଇବା ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି । ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା । ଆତ୍ମନିର୍ଭର ଭାରତରେ ସେମି କଣ୍ଡକ୍ଟର ହବ୍ ହେବ ଓଡ଼ିଶା । ରାଜ୍ୟରେ ରାସ୍ତାର ଆଧୁନିକୀକରଣ କରାଯାଉଛି । ଚଳିତ ବର୍ଷ ରାଜ୍ୟ ସରକାର ୨୭୧୧.୬୫ କିଲୋମିଟର ବିଶିଷ୍ଟ ୬୪୮ ଟି ରାସ୍ତା ନିର୍ମାଣ କରିବେ ରାଜ୍ୟ ସରକାର ।

ରାଜ୍ୟପାଳ କହିଛନ୍ତି ଯେ, ରାଜ୍ୟରେ ନୂଆ ସରକାର୍ ଆସିବା ପରେ ୧୬ ଲକ୍ଷ ୪୨ ହଜାର ଲକ୍ଷାପତି ଦିଦି ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସରକାର । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୬ ଲକ୍ଷ ୧୯ ହଜାର ସୃଷ୍ଟି କରିବାକୁ ଧାର୍ଯ୍ୟ କରାଯାଇଥିଲା । ୫ଏଏଏ ସଦସ୍ୟ ମାନଙ୍କୁ ▶▶ ୫

ସୁରକ୍ଷା କଡ଼ାକଡ଼ି: ଜଗିଛନ୍ତି କମାଣ୍ଡୋ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍:

ବଜେଟ୍ ଅଧିବେଶନ ପାଇଁ ସୁରକ୍ଷା କଡ଼ାକଡି କରାଯାଇଛି । ଜଗିଛନ୍ତି କମାଣ୍ଡୋ । ବିଧାନସଭା ଚତୁଃପାର୍ଶ୍ୱରେ ମୁତୟନ ହୋଇଛନ୍ତି ୨୦ ପ୍ଲାଟୁନ୍ ପୁଲିସ ଫୋର୍ସ । ଡଗ୍ ସ୍କ୍ୱାର୍ଡ, ବମ୍ ସ୍କ୍ୱାର୍ଡ, ସ୍ନେକ୍ ହେଲ୍ପଲାଇନ, ଅଗ୍ନିଶମ ବିଭାଗ ବି ସଜାଗ୍ । ସିସିଟିଭି କ୍ୟାମେରା ସର୍ଭିଲାନ୍ସରେ ଗାନ୍ଧିମାର୍ଗ ସହ ରହିଛି ସମଗ୍ର ଅଞ୍ଚଳ । ଗୁଇନ୍ଦା ବିଭାଗର ଅଧିକାରୀମାନେ ସାଧା ପୋଷାକରେ ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇ ଭିତିରିଆ ତଥ୍ୟ ସଂଗ୍ରହ କରୁଛନ୍ତି ।

ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହରୁ ଦୁଇ ବାଳ ଅପରାଧୀ ଚମ୍ପଟ୍

ଅନୁଗୋଳ,୧୭।୨/ଏନ୍ଏନ୍ଏସ୍:

ଅନୁଗୋଳ ସହର ମଧ୍ୟସ୍ଥଳରେ ଥିବା ପର୍ଯ୍ୟବେକ୍ଷଣ ଗୃହରୁ ଦୁଇଜଣ ନାବାଳକ ଆଜକୁ ଦୁଇଦିନ ହେବ ଚମ୍ପଟ୍ ମାରିଥିବା ଜଣାପଡ଼ିଛି । ପର୍ଯ୍ୟବେକ୍ଷଣ ଗୃହ ପାଚେରୀ ତଳେ ନିର୍ମାଣ ପାଇଁ

ଡ୍ରେନ୍ ଗାତ ଦେଇ ଯାଇଥିବା ସୂଚନା
ସିସି କ୍ୟାମେରାକୁ ବୁଲେଇ ହେଲେ ଫେରାର୍

ଖୋଳା ଯାଇଥିବା ଡ୍ରେନ୍ ଗାତ ଦେଇ ସେମାନେ ଫେରାର୍ ହୋଇଥିବା ଜଣାପଡିଛି । ଏହି ଦୁଇ ନାବାଳକ ବାଲେଶ୍ୱର ଓ କଟକ ଜିଲ୍ଲାର । ପୋକ୍ସୋ ମାମଲାରେ ସେମାନଙ୍କୁ ପର୍ଯ୍ୟବେକ୍ଷଣ ଛାତ୍ରାବାସ ଓ ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଥିଲା ।

ଘଟଣାରୁ ପ୍ରକାଶ ଯେ ପରିବିକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହରେ ରହୁଥିବା ନାବାଳକ ଅଭିଯୁକ୍ତଙ୍କ ପାଇଁ ବିଭିନ୍ନ ତାଲିମ ▶▶ ୫

ଆଜିଠାରୁ ଯୁକ୍ତ ଦୁଇ ପରୀକ୍ଷା

ପରୀକ୍ଷା ଦେବେ ୪ଲକ୍ଷ ୧୬ ହଜାର ୨୩ ପରୀକ୍ଷାର୍ଥୀ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍:

ଆସନ୍ତକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ଯୁକ୍ତ ଦୁଇ ପରୀକ୍ଷା । ସୁରୁଖୁରୁରେ ପରୀକ୍ଷା ପରିଚାଳନା ନେଇ +୨ ପରିଷଦ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ୨୦୨୬ ଶିକ୍ଷାବର୍ଷରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ +୨ ପରୀକ୍ଷାରେ ମୋଟ ୪ଲକ୍ଷ ୧୬ହଜାର ୨୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି +୨ ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି । ତେବେ ସେଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩ଲକ୍ଷ ୭୬ହଜାର ୫୩୫ ଜଣ ରହିଥିବା ବେଳେ ଏକ୍ସରେଗୁଲାର ପରୀକ୍ଷାର୍ଥିଙ୍କ ସଂଖ୍ୟା ୨୫ହଜାର ୮୮ଜଣ ରହିଛନ୍ତି । କଳାରେ ମୋଟ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨ଲକ୍ଷ ୫୬ହଜାର ୭୦୭ଜଣ ରହିଛନ୍ତି । ଏଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨ଲକ୍ଷ ୪୧ହଜାର ୬୨୨ଜଣ ରହିଥିବା ବେଳେ ଏକ୍ସରେଗୁଲାର ପରୀକ୍ଷାର୍ଥିଙ୍କ ସଂଖ୍ୟା ୧୫ହଜାର ୮୫ଜଣ ରହିଛନ୍ତି । ସେହିପରି ବାଣିଜ୍ୟରେ ମୋଟ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୪ ହଜାର ୬୨୧ଜଣ ରହିଛନ୍ତି । ଏଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୩ ହଜାର ୧୦୨ ଜଣ ରହିଥିବା ବେଳେ ଏକ୍ସରେଗୁଲାର ପରୀକ୍ଷାର୍ଥିଙ୍କ ସଂଖ୍ୟା ୧୫ଶହ୧୯ ଜଣ ରହିଛନ୍ତି । ବିଜ୍ଞାନରେ ମୋଟ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧ଲକ୍ଷ ୧୪ହଜାର ୩୬୩ ଜଣ ରହିଛନ୍ତି । ଏଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧ଲକ୍ଷ ୬ହଜାର ୬୪୭ ଜଣ ରହିଥିବା ବେଳେ ଏକ୍ସରେଗୁଲାର ପରୀକ୍ଷାର୍ଥିଙ୍କ ସଂଖ୍ୟା ୭ହଜାର ୭୧୬ ଜଣ ରହିଛନ୍ତି । ଧନ୍ଦାମୂଳକଶିକ୍ଷାରେ ମୋଟ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୫ହଜାର ୯୩୨ଜଣ ରହିଛନ୍ତି । ଏଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୫ହଜାର ୧୬୪ ଜଣ ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥିଙ୍କ ସଂଖ୍ୟା ୭୬୮ ଜଣ ରହିଛନ୍ତି । ପ୍ରଥମ ଦିନ ବିଜ୍ଞାନ ବିଭାଗର ସାହିତ୍ୟ ପରୀକ୍ଷା ରହିଛି । ସକାଳ ୧୦ଟା ରୁ ୧ଟା ପର୍ଯ୍ୟନ୍ତ ହେବ ପରୀକ୍ଷା କରାଯିବ । ପରୀକ୍ଷାର୍ଥୀମାନେ ସକାଳ ୯ଟା୩୦ରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବେ । ୯.୪୫ରେ ପ୍ରଶ୍ନପତ୍ର ଦିଆଯିବ ଏବଂ ୯ଟା୫୫ରେ ଉତ୍ତରଖାତା ବଣ୍ଟାଯିବ । ୧୦ଟାରୁ ପରୀକ୍ଷା ଆରମ୍ଭ ହେବ । ତେବେ ଚଳିତବର୍ଷ ପ୍ରଥମଥର ଲାଗି, କଲେଜ, ଜୋନ ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ ବ୍ୟବସ୍ଥା କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନିକ ସ୍ତରରେ ମଧ୍ୟ ସ୍କ୍ୱାଡ ରଖାଯିବ । ସେଥିରେ ୨୪ ଘଣ୍ଟିଆ ସିସିଟିଭି ସର୍ଭିଲାନ୍ସ ସହ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସକାଳ ୮ଟା ୩୦ ସୁଦ୍ଧା ପ୍ରଶ୍ନ ପତ୍ର ହଲରେ ପହଞ୍ଚିବ । ଯୁକ୍ତ ଦୁଇ ପରୀକ୍ଷା ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍ ହେବା ସହିତ ୧୩୫୭ଟି ପରୀକ୍ଷା କେନ୍ଦ୍ର ଓ ୭ଟି ଉପ- କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ୩୦ ଜିଲ୍ଲାରେ ୩୫ ସ୍ଥାନରେ ସ୍କ୍ୱାର୍ଡ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି । ସେହିପରି ପ୍ରଶ୍ନ ପତ୍ର ଲିକ ନ ହେବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ▶▶ ୫

ଜୋନ୍, ଜିଲ୍ଲା ଏବଂ କଲେଜସ୍ତରରେ ନିୟୋଜିତ ହେବେ ସ୍କ୍ୱାଡ୍
୯.୪୫ରେ ପ୍ରଶ୍ନପତ୍ର, ୯.୫୫ରେ ଉତ୍ତରଖାତା, ୧୦ଟାରୁ ପରୀକ୍ଷା ଆରମ୍ଭ
ପରୀକ୍ଷା ଶେଷ ହେବାର ୪୫ ଦିନ ମଧ୍ୟରେ ପ୍ରକାଶ ପାଇବ ରେଜଲ୍ଟ

ବାଂଲାଦେଶର ନୂଆ ଭାଗ୍ୟ ବିଧାତା ତାରିକ୍ ରେହମାନ୍

ଢାକା,୧୭।୨/ଏଜେନ୍ସି:

ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ପି) ମୁଖ୍ୟ ତାରିକ୍ ରେହମାନ୍ ମଙ୍ଗଳବାର ବିଧ୍ୱବଦ୍ଧ ବାଂଲାଦେଶର ନୂଆ ତଥା ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏଥିସହ ବାଂଲାଦେଶରେ ଆଜିଠୁ ତାରିକ ରେହମାନଙ୍କ ଶାସନ ଆରମ୍ଭ ହୋଇଛି । ନିକଟରେ ହୋଇଥିବା ସାଧାରଣ ନିର୍ବାଚନରେ ତାଙ୍କ ଦଳ ବିଏନ୍ପି ନେତୃତ୍ୱାଧୀନ ମେଣ୍ଟ ଏକ ବିରାଟ ବିଜୟ ହାସଲ କରିବା ପରେ ତାରିକ୍ ରେହମାନ୍ ବାଂଲାଦେଶର ନୂଆ ଭାଗ୍ୟ ବିଧାତା ସାଜିବା ସ୍ପଷ୍ଟ ହୋଇଯାଇଥିଲା । ତେବେ ବାଂଲାଦେଶକୁ ଏବେ ଯେତେବେଳେ ନୂଆ ପ୍ରଧାନମନ୍ତ୍ରୀ ତଥା ନୂଆ ସରକାର ମିଳିଛି ସେତେବେଳେ ମଧ୍ୟବର୍ତ୍ତୀକାଳୀନ ସରକାର ସ୍ୱତଃ ନିଷ୍ପ୍ରଭ ହୋଇଯାଇଛି । ଅନ୍ତରୀଣ ସରକାରରେ ମୁଖ୍ୟ ସାଜିଥିବା ମହମ୍ମଦ ୟୁନୁସ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଅବଶ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ଦେଶର ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି କିନ୍ତୁ ଏସମ୍ପର୍କରେ ତାରିକ୍ ରେହମାନ୍ କିମ୍ବା ତାଙ୍କ ଦଳ ପକ୍ଷରୁ କୌଣସି ସଂକେତ ଦିଆଯାଇନାହିଁ । ପ୍ରକାଶ, ତାରିକ୍ ରେହମାନ୍ ପୂର୍ବତନ ତଥା ଦିବଂଗତ ପ୍ରଧାନମନ୍ତ୍ରୀ ଖାଲେଦା ଜିଆ ଏବଂ ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମାନଙ୍କ ପୁଅ । ସେ ୧୭ ବର୍ଷ ଲଣ୍ଡନରେ ରହିବା ପରେ ଦୁଇ ମାସ ପୂର୍ବରୁ ବାଂଲାଦେଶ ଫେରିଥିଲେ ।

୪୯ ମନ୍ତ୍ରୀଙ୍କ ସହ ଶପଥ ନେଲେ ବିଏନ୍ପି ମୁଖ୍ୟ
ଶପଥ ଉତ୍ସବରେ ଯୋଗଦେଲେ ଓମ୍ ବିର୍ଲା, ବିକ୍ରମ ମିଶ୍ରି

ତାରିକ୍ ରେହମାନ୍‌ଙ୍କ ଶପଥ ଗ୍ରହଣ ▶▶ ୫

ଟ୍ରଲର୍-ବାଇକ୍ ଧକ୍କା, ୩ ମୃତ

ରାୟଗଡ଼ା,୧୭।୨/ଏନ୍ଏନ୍ଏସ୍:

ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍ ଟିକିରି ରାସ୍ତାର ଏକ ପେଟ୍ରୋଲ୍ ପମ୍ପ୍ ନିକଟରେ ଟ୍ରଲର୍ ସହ ବାଇକ୍ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଟିକିରି ପଞ୍ଚାୟତ ଅନ୍ତର୍ଗତ ମହତପୁଟ ଖୁରିଗାଁ ଗ୍ରାମର ନରେନ୍ଦ୍ର ଝଡ଼ିଆ (୨୫), ଉମାକାନ୍ତ ଝଡ଼ିଆ (୧୪) ଓ ଟୁନୁ

କ୍ଷତିପୂରଣ ଦାବିରେ ରାସ୍ତାରୋକ

ଝଡ଼ିଆ (୨୩)। ତେବେ ମୃତ ପରିବାରକୁ କ୍ଷତିପୂରଣ ଦାବିରେ ମଙ୍ଗଳବାର ସକାଳେ ଗ୍ରାମବାସୀ ରାସ୍ତାରୋକ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । କ୍ଷତିପୂରଣ ପ୍ରତିଶ୍ରୁତି ପରେ ଅପରାହ୍ନରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଘଟଣାରୁ ପ୍ରକାଶ, ସୋମବାର ରାତିରେ ଉପରୋକ୍ତ ୩ ଜଣ ବାଇକ୍ ଯୋଗେ ମହତପୁଟ ଖୁରିଗାଁରୁ ରେଙ୍ଗା ପଞ୍ଚାୟତ ଅଭିମୁଖେ ଯାଉଥିଲେ । ଏହି ସମୟରେ ଟିକିରି ରାସ୍ତାର ଏକ ପେଟ୍ରୋଲ୍ ପମ୍ପ୍ ନିକଟରେ ଅଟକି ରହିଥିବା ଟ୍ରଲର୍ ସହିତ ବାଇକ୍ ଧକ୍କା ହୋଇଥିଲା । ଟ୍ରଲର୍‌କୁ ବାଇକ୍ ପିଟିବାରୁ ୩ ଜଣ ଗୁରୁତର ହୋଇଥିଲେ । ସମସ୍ତଙ୍କୁ ଉଦ୍ଧାର କରି କାଶୀପୁର ସିଏଚ୍‌ସି ଏବଂ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଅବସ୍ଥାରେ ଥିବା ନରେନ୍ଦ୍ରଙ୍କ କାଶୀପୁର ସିଏଚ୍‌ସିରେ ଏବଂ ମୁନା ଓ ଉମାକାନ୍ତଙ୍କ ରାୟଗଡ଼ା ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏହି ଘଟଣାରେ ମୃତକଙ୍କ ପରିବାର ସହିତ ଗ୍ରାମବାସୀ ରାସ୍ତାରୋକ କରିବାରୁ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଜେନା, କାଶୀପୁର ତହସିଲଦାର୍, କେକେ ଦୋରା ଓ ଟିକିରି ଥାନାଧିକାରୀ ଦୀନକୃଷ୍ଣ ମିଶ୍ର ପ୍ରମୁଖ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ । ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଲେଖାଏଁ ଏବଂ ସଂପ

ସ୍କୁଟି ଆଗକୁ ମାଙ୍କଡ଼ ଡେଇଁଲା, ଦମ୍ପତି ଆହତ

ବୁଗୁଡ଼ା,୧୭।୨/ଏନ୍‌ଏନ୍‌ଏସ୍‌: ବୁଗୁଡ଼ା-ନୟାଗଡ ୩୩ ନଂ ରାଜ୍ୟ ରାଜପଥର କରବୁଲିଠାରେ ସ୍କୁଟି ଆଗକୁ ମାଙ୍କଡ଼ କୁଦିପଡିବାରୁ ଦୁର୍ଘଟଣା ଘଟି ଦମ୍ପତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଆହତ ସ୍ୱାମୀ ଓ ସ୍ତ୍ରୀ ଦ୍ୱୟ ହେଲେ ଆସ୍କାର ସୁନିଲ ସାହୁ ଓ ବର୍ଷା ସାହୁ । ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ସ୍କୁଟି ଯୋଗେ ଆସ୍କାରୁ ଓଡଗାଁକୁ ଯାଉଥିଲା ବେଳେ କରବୁଲିଠାରେ ମାଙ୍କଡ଼ ପଲ ମଧ୍ୟରୁ ମାଙ୍କଡ଼ଟିଏ ସ୍କୁଟି ଆଗକୁ କୁଦି ପଡିବାରୁ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ବର୍ଷାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସୁନିଲଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଉଭୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଉଭୟଙ୍କ ଚିକିତ୍ସା କରାଯାଇଥିଲା ।

ବାବା ବିରୁପାକ୍ଷଙ୍କ ଜାଗର ଯାତ୍ରା ଉଦ୍‌ଯାପିତ

ଫୁଲବାଣୀ,୧୭।୨/ଏନ୍‌ଏନ୍‌ଏସ୍‌: କନ୍ଧମାଳ ଜିଲ୍ଲା ଡ଼ିଷ୍ଟିରାଗାଁ ବାବା ବିରୁପାକ୍ଷଙ୍କ ଐତିହାସିକ ଜାଗର ଯାତ୍ରା ଉଦଯାପିତ ହୋଇଯାଇଛି । ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଏହି ଯାତ୍ରା ତିନିଦିନ ଧରି ମହାସମାରୋହରେ ପାଳିତ ହୋଇଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମଗମ ଦେଖିବାକୁ ମିଳିଥିଲା । ତିନିଦିନ ଧରି ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲଗାତାର ଭାବରେ ପରିବେଷଣ ହୋଇଥିବା ବେଳେ ପ୍ରଥମ ଦିନ ମେଲୋଡି, ଦ୍ୱିତୀୟ ଦିନରେ କାଳ୍ପନିକ ନାଟକ ଓ ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ପୂର୍ଣ୍ଣ ରାମାୟଣ ନାଟକ ପରିବେଷଣ ହୋଇଥିଲା ଓ ଯାତ୍ରା କମିଟିର ସଭାପତି ସରୋଜ ଦିଗାଲଙ୍କ ସଭାପତିତ୍ୱ ଓ ଉପଦେଷ୍ଟା ରାଜେଶ କୁମାର ନାଏକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ଦିନରେ ଅନୁଷ୍ଠିତ ନାଟକର ଉଦଘାଟନୀ ଉତ୍ସବର ସମାଜସେବୀ ଜଗନ୍ନାଥ ଦିଗାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ପାରମ୍ପରିକ କଳାକାର ସଙ୍ଘର ସଭାପତି ଅକ୍ଷୟ କୁମାର କର୍ଣ୍ଣ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଷ୍ଟିରଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୁପାଲୀ ନାଏକ, ପଞ୍ଚାୟତର ତଥ୍ୟପରିଚାଳିକା ରିତାରାଣୀ ଦଳବେହେରା ଗାଁର ପାଟ ଭୁକ୍ତା ଡମ୍ବରୁ ବିଶୋଇଙ୍କ ସହ ବହୁ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ଯାତ୍ରାର ଉଦଯାପନୀ ଉତ୍ସବରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଂଚଳରୁ ଆସିଥିବା ରାଜ୍ୟର ଜଣାଶୁଣା ନାଟ୍ୟଗୁରୁ ଉଦିତ କୁମାର ଦଶ ଓ ତାଙ୍କ କଳାକାର ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଏହି ରାମାୟଣ ନାଚର ଉଦ୍ଘାଟନୀ ଉତ୍ସବରେ କନ୍ଧମାଳ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା ସଭାପତି ଘନକୁମାର ଶବର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକ, ବରିଷ୍ଠ ସାମ୍ବାଦିକ ମହାଦେବ ସାହୁ, ଯୁବ କଂଗ୍ରେସ ନେତା ଟଙ୍କିତ ନାଏକ, ଫିରିଙ୍ଗିଆ ବ୍ଲକ କଂଗ୍ରେସ ସଭାପତି କୃପାସିନ୍ଧୁ ବିଶୋଇ, ଯୁବନେତା ସଞ୍ଜୟ ଦିଗାଳ, କଟରିଙ୍ଗିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦିରଥ ଦିଗାଳ, ବିମଳ ଦିଗାଳ, ଭାସ୍କର ପାତ୍ରଙ୍କ ସହ ବହୁ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଯାତ୍ରା କମିଟିର ସମସ୍ତ ସଦସ୍ୟ ଓ ଉପଦେଷ୍ଟା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିବା ବେଳେ ତିନି ଦିନ ଧରି କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

ଚାକିରି ନିୟମିତ ପାଇଁ ଚୁକ୍ତିଭିତ୍ତିକ ପାରାମେଡିକ୍ କର୍ମଚାରୀଙ୍କ ଦାବି

ଫୁଲବାଣୀ,୧୭।୨/ଏନ୍‌ଏନ୍‌ଏସ୍‌: ଦୀର୍ଘ ୧୦ରୁ ୨୦ ବର୍ଷ ଧରି ସ୍ୱାସ୍ଥ୍ୟ ବିଭାଗରେ ସେବା ଯୋଗାଇ ଆସୁଥିଲେ ମଧ୍ୟ ପାରାମେଡିକ କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରାଯାଇ ନାହିଁ । ସରକାର ଇତି ମଧ୍ୟରେ ଆୟୁଷ ଡାକ୍ତର ମାନଙ୍କ ବେତନ ବୃଦ୍ଧି କରିଛନ୍ତି । କିନ୍ତୁ ଚୁକ୍ତି ଭିତ୍ତିକ ପାରାମେଡିକ କର୍ମଚାରୀଙ୍କ ଦାବି ପ୍ରତି ଅଣଦେଖା କରାଯାଇଛି । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ମୋବାଇଲ ହେଲଥ ୟୁନିଟ ମାନଙ୍କରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ, ଷ୍ଟାଫ ନର୍ସ ଓ ଏଏନଏମ ମାନେ ନିରବଚ୍ଛିନ୍ନ ଭାବେ ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସମସ୍ତ ସରକାରୀ ବ୍ୟବସ୍ଥାରୁ ବଞ୍ଚିତ ହୋଇ ରହିଛନ୍ତି । ଉଚ୍ଚ ନ୍ୟାୟାଳୟ ଏମାନଙ୍କ ଚାକିରି ସ୍ଥାୟୀ କରିବା ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ଏହି ଆଦେଶ ପାଳନ ହୋଇ ନ ଥିବା ଅଭିଯୋଗ କରିଛନ୍ତି କର୍ମଚାରୀ । ତେଣୁ ତୁରନ୍ତ ଏହି ଚୁକ୍ତି ଭିତ୍ତିକ କର୍ମଚାରୀ ମାନଙ୍କ ଚାକିରି ନିୟମିତ କରି ପଦୋନ୍ନତି, ପେନସନ, ଇନକ୍ରିମେଣ୍ଟ, ଇନସର୍ଭିଭ, ଇପିଏଫ ଭଳି ସୁବିଧା ଯୋଗାଇ ଦେବା ପାଇଁ ଦାବି କରାଯାଇଛି । ଆଜି ଓଡିଶା ପାରାମେଡିକ ଚୁକ୍ତି ଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏ ନେଇ ଏକ ଦାବିପତ୍ର ପ୍ରେରଣ କରାଯାଇଛି ।

ଶିଳ୍ପାଞ୍ଚଳ ଛକରୁ ପୁଣି ଜବରଦଖଲ ଉଚ୍ଛେଦ

ଭଙ୍ଗାଗଲା ବହୁ କୋଠା, ଦୋକାନ ଗୃହ

ବ୍ରହ୍ମପୁର,୧୭।୨/ଏନ୍‌ଏନ୍‌ଏସ୍‌: ଶିଳ୍ପାଞ୍ଚଳ ରେଳ ଓଭରବ୍ରିଜ୍ ନିକଟସ୍ଥ ଆଙ୍କୁଲିରୁ ଲାଞ୍ଜିପଲ୍ଲୀକୁ ସଂଯୋଗ କରୁଥିବା ଅଣଓସାରିଆ ରାସ୍ତାର ଗୋଟିଏ ପାର୍ଶ୍ୱରୁ ପୁଣି ଜବରଦଖଲ ଉଚ୍ଛେଦ କରାଯାଇଛି । ଏକାଧିକ ବିଲ୍ଡିଂ ଓ କେତେକ ଦୋକାନ ଗୃହକୁ ଆଜି ଭଙ୍ଗାଯାଇଥିଲା । ତିନୋଟି ଜେସିବି ମେସିନ୍ ଯୋଗେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା ଉଚ୍ଛେଦ କାର୍ଯ୍ୟ । ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ପୁଲିସ୍ ମୁତୟନ ରହିଥିଲେ। ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଆସନ୍ତା କାଲି ମଧ୍ୟ ଚାଲିବ ବୋଲି ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ, ଗତ ୨୦୧୦ ମସିହାରେ ଇଞ୍ଜିନିୟରିଂ ସ୍କୁଲରୁ ଶିଳ୍ପାଞ୍ଚଳ ଛକକୁ ସଂଯୋଗ କରୁଥିବା ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୬ରେ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ବ୍ରିଜ୍‌ର ଉଭୟ ସର୍ଭିସ୍ ରୋଡ ଜବରଦଖଲରେ ରହିଯାଇଥିଲା । ଫଳରେ ବ୍ରିଜ୍‌ର ଶେଷ ଭାଗ ଶିଳ୍ପାଞ୍ଚଳ ଛକ ରାସ୍ତା ସଂକୀର୍ଣ୍ଣ ହୋଇପଡିଥିଲା । ଶିଳ୍ପାଞ୍ଚଳ ଛକ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିଲା । ରାସ୍ତାର ଉଭୟ ପାର୍ଶ୍ୱର ଚାରିଚକିଆ ଯାନ ଯିବା ଆସିବା ବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଥିଲା । ରାଜନୈତିକ ଦଳ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଆନ୍ଦୋଳନ ମଧ୍ୟ କରାଯାଇଥିଲା । ବିଳମ୍ବରେ ହେଲେ ମଧ୍ୟ ଲୋକଙ୍କ ସମସ୍ୟାକୁ ଗୁରୁତର ସହ ନେଇଛି ପ୍ରଶାସନ । ତତ୍ପରତା ଦେଖାଇ ଶିଳ୍ପାଞ୍ଚଳ ଛକ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରଖିଛି । ରାସ୍ତା ସଂପ୍ରସାରଣ ହେଲେ ଦୁର୍ଘଟଣା ଥମିବା ସହ ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ମିଳିବ ବୋଲି ଲୋକେ ଆଶାବ୍ୟକ୍ତ କରିଛନ୍ତି ।

ଆସିକା ସମବାୟ ଚିନିଶିଳ୍ପରୁ ଉତ୍ପାଦିତ ପ୍ରଥମ ଚିନି ଠାକୁରଙ୍କୁ ସମର୍ପଣ

ଆସିକା,୧୭।୨/ଏନ୍‌ଏନ୍‌ଏସ୍‌: ପୂର୍ବ ପ୍ରଚଳିତ ପ୍ରଥା ଅନୁଯାୟୀ ଚଳିତ ଆଖୁପେଡା ଋତୁରେ ଆସିକା ସମବାୟ ଚିନିଶିଳ୍ପରୁ ଉତ୍ପାଦିତ ପ୍ରଥମ ଚିନିକୁ ଓଡଗାଁର ପ୍ରସିଦ୍ଧ ମନ୍ଦିର ରଘୁନାଥ ଜିଉ, ଚିନିଶିଳ୍ପ ନୁଆଗାଁର ଜଗନ୍ନାଥ ମନ୍ଦିର, ପୁରୁଷୋତ୍ତମପୁର ନିକଟସ୍ଥ ମା ତାରାତାରିଣୀଙ୍କ ମନ୍ଦିର, ଆସିକାର ଅଧୀଷ୍ଠାତ୍ରୀ ଦେବୀ ମା ଖମ୍ଭେଶ୍ୱରୀଙ୍କ ମନ୍ଦିରକୁ ସମର୍ପଣ କରାଯାଇଛି । ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଓ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ପରାମର୍ଶକ୍ରମେ ସମବାୟ ଚିନିଶିଳ୍ପର ଫସଲାଦକ ସନ୍ତୋଷ କୁମାର ମଲିକ, କର୍ମଚାରୀ ସୁମନ୍ତ କୁମାର ପଟ୍ଟନାୟକ, ରାଜେଶ୍ କୁମାର ନାୟକ, ଉଲ୍ଲାସ କୁମାର ରେଡି, ସୁନିଲ୍ କୁମାର ପରିଡାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ମନ୍ଦିରକୁ ଗସ୍ତ କରି ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହ ଚିନିଶିଳ୍ପର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଚଳିତବର୍ଷର ଉତ୍ପାଦିତ ପ୍ରଥମ ଚିନିକୁ ସମର୍ପଣ କରିଥିବା ଜଣାପଡିଛି । ଚଳିତ ବର୍ଷ ଆଖୁପେଡା ଋତୁ ଆରମ୍ଭରୁ ଆଖୁ ଯୋଗାଣ ଓ ଆଖୁପେଡା କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା ବେଳେ ଦୈନିକ ପ୍ରାୟ ହାରାହାରି ୮୪୧ ଟନ୍ ଆଖୁପେଡା ହେଉଛି । ମଙ୍ଗଳବାର ସକାଳ ୬ଟା ସୁଦ୍ଧା୧୫୧୩୫.୬୫୯ ମେଟ୍ରିକ୍ ଟନ୍ ଆଖୁ ପେଡା ସରିଥିବା ଜଣାପଡିଛି । ଚଳିତ ବର୍ଷ ଆଖୁପେଡା ଋତୁ ଗତ ଜାନୁୟାରୀ ମାସ ୩୦ ତାରିଖରୁ ଆରମ୍ଭ ହୋଇଛି । ଚଳିତ ଆଖୁପେଡା ଋତୁରେ ଆସିକା ସମବାୟ ଚିନିଶିଳ୍ପ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ ମଧ୍ୟରୁ ଆସିକା, ଧରାକୋଟ, ଶେରଗଡ, ସାନଖେମୁଣ୍ଡି, ଦିଗପହଣ୍ଡି, ଭଞ୍ଜନଗର, ସୋରଡା, ବେଲଗୁଣ୍ଠା, ବୁଗୁଡା, ପୋଲସରା, କବିସୂର୍ଯ୍ୟନଗର, ପୁରୁଷୋତମପୁର, ଖଲିକୋଟ, ହିଞ୍ଜିଳିକାଟ୍, ବେଗୁନିଆପଡା, ଜଗନ୍ନାଥପ୍ରସାଦ ଇତ୍ୟାଦି ୧୬ଟି ବ୍ଲକ ପରିସରଭୁକ୍ତ ଅଞ୍ଚଳ ସମେତ ନୟାଗଡ ଜିଲ୍ଲାର ନୟାଗଡ, ଓଡଗାଁ, ରଣପୁର, ନୁଆଗାଁ ବ୍ଲକ ପରିସରଭୁକ୍ତ ଅଞ୍ଚଳରେ ୧୨୧୯ ଏକର ଜମିରେ ଆଖୁଚାଷ କରିଥିବା ଜଣାପଡିଛି । ଚଳିତ ବର୍ଷ ଆସିକା ସମବାୟ ଚିନିଶିଳ୍ପ ପ୍ରାୟ ୨୫ ହଜାର ମେଟ୍ରିକ୍ ଟନ୍ ଆଖୁ ପେଡିବା ଲାଗି ଲକ୍ଷ୍ୟ ରଖିଛି । ଆଖୁ ଚାଷୀଙ୍କୁ ଚାଷ ପ୍ରତି ପ୍ରୋତ୍ସାହିତ ଲାଗି ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା ଓ ପରିଚାଳନା ପରିଷଦର ସଭାପତି ରବନ୍ଦ୍ର ପଣ୍ଡା ଉଦ୍ୟମ ଜାରି ରଖିଛନ୍ତି ।

ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ 'ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ'

ବ୍ରହ୍ମପୁର,୧୭।୨/ଏନ୍‌ଏନ୍‌ଏସ୍‌: ସମାଜକୁ ବରିଷ୍ଠ ନାଗରିକମାନଙ୍କ ଅବଦାନକୁ ସ୍ୱୀକାର କରି ସେମାନଙ୍କ ପ୍ରତି ସମାଜର ଆନୁଗତ୍ୟ ପ୍ରକାଶ କରିବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରଶାସନ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ବ୍ରହ୍ମପୁର ମହାନଗର ନିଗମର ନୂତନ ସମ୍ମିଳନୀ କକ୍ଷରେ 'ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଲେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ପ୍ରାକ୍ତନ ଡେପୁଟି କମିଶନର ଆଦିତ୍ୟ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ନେହ ଓ ସମ୍ମାନ କରିବା ବୋଲି କହିଥିଲେ। ଏହି ଆଲୋଚନା ଚକ୍ରର ବିଷୟ ରହିଥିଲା 'ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ' । ଆଲୋଚନା ଚକ୍ରରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକମାନେ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଡ. ସଂଗୀତା ବାବୁ, ନମିତା ମହାପାତ୍ର ଓ ବିରୁପକ୍ଷ ଦାସ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁଶାନ୍ତ କୁମାର ପଟ୍ଟନାୟକ । ଦ୍ୱିତୀୟରେ ଏମ୍ ରାଜୀବ ଓ ମିହିର କାନ୍ତ ମହାପାତ୍ର ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ରୋନିତ କୁମାର ସେଠୀ ଓ ଦିନବନ୍ଧୁ ଶ୍ରୀପଲଭ । ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀର ପ୍ରତିଷ୍ଠା ଦିବସ

ନାଟକ 'ଉଭା କୁବେର ପୋତା ସପନ' ମଞ୍ଚସ୍ଥ

ବ୍ରହ୍ମପୁର,୧୭।୨/ଏନ୍‌ଏନ୍‌ଏସ୍‌: ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଆଜି ୩୭ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ଙ୍କ. ଆଶୁତୋଷ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଡା.ତିରୁପତି ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁବାସ ମହାରଣା, ଙ୍କ.ଅପୂର୍ବ ପଟ୍ଟନାୟକ,ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର, ବିଜିତ୍ରାନନ୍ଦ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଗତ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଅତିଥି ମାନେ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀର ପ୍ରୟାସ ନେଇ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସୀମାଞ୍ଚଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଅବସରରେ ନାଟ୍ୟକାର ସ୍ୱର୍ଗତ ରଣଜିତ ପଟ୍ଟନାୟକଙ୍କ ରଚିତ ସଜ୍ଜା ସମାହିତ ପାଢ଼ୀଙ୍କ ନିର୍ଦ୍ଦେଶିତ ନାଟକ 'ଉଭା କୁବେର ପୋତା ସପନ' ମଞ୍ଚସ୍ଥ ହୋଇ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ନାଟକରେ ମାଧବ ପାତ୍ର ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ। ଜିତୁ, ସପନ, ଚନ୍ଦନ, ସନ୍ଦୀପ ଓ ସଜ୍ଜା ପ୍ରମୁଖ ଅଭିନୟ କରିଥିଲେ । ନାଟକ ପରିଚାଳନାରେ ରାଜଗୋପାଳ ପାଢ଼ୀ, ନବୀନ ହୋତା, ସୁଶାନ୍ତ ରାଉଳ, ରାମଚନ୍ଦ୍ର ସାସମଲ ଓ ସୁନିଲ ସ୍ୱାଇଁ ସହଯୋଗ କରିଥିଲେ । ଏହି ଅବସରରେ କଳାକାର କାର୍ତ୍ତିକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଜ୍ୱାଇଁକୁ ହତ୍ୟା ଧମକ ଅଭିଯୋଗରେ ଶଳା ଗିରଫ

ବୁଗୁଡ଼ା,୧୭।୨/ଏନ୍‌ଏନ୍‌ଏସ୍‌: ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମ କୁମୁଟିସାହିର ଟୁକୁନା ଡାକୁଆଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା'ଠାରୁ ବନ୍ଧୁକ ଜବତ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଠାକୁରାଣୀ ମନ୍ଦିର ସାହିର ମନୋଜ କୁମାର ଡାକୁଆ(୨୮) । ଏନେଇ କେସ୍ ନଂ ୭୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି । ପ୍ରକାଶ ଯେ, କିଛି ଦିନ ତଳେ ଜ୍ୱାଇଁ ଟୁକୁନା ତାଙ୍କର ଶାଳକକୁ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନରେ ନିବେଶ କରିବା ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆରେ ଏକ ଆକାଉଣ୍ଟ ଖୋଲିବା

ବିଧାନସଭାର ବଜେଟ୍ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ପାରମ୍ପରିକ ଗାର୍ଡ ଅଫ୍ ଅନର୍ ଗ୍ରହଣ କରି ଗୃହକୁ ପ୍ରବେଶ କରୁଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପତି

ବଜେଟ୍ ଅଧିବେଶନରେ ଯୋଗଦେବା ପାଇଁ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ବିଧାନସଭାକୁ ଆସୁଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ

ଟାର୍ଗେଟ୍ ୨୦୩୦: ଦେଶକୁ ଓଡ଼ିଶା ଯୋଗାଇବ ୧୦୦ ନିୟୁତ ଟନ୍ ଇସ୍ପାତ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍: ମୁଣ୍ଡପିଛା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ ଟନ୍ ଇସ୍ପାତ ଯୋଗାଇବାକୁ ଓଡ଼ିଶା ନିଜକୁ ପ୍ରସ୍ତୁତ ରଖୁଛି। ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନରେ ଅଭିଭାଷଣ ଦେଇ ଏହା ତଥ୍ୟ ରଖିଛନ୍ତି ରାଜ୍ୟପାଳ ଡ଼ ହରି ବାବୁ କୁମ୍ଭମ ପାଟି। ରାଜ୍ୟପାଳ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ବାର୍ଷିକ ପ୍ରାୟ ୪୫.୬୨ ନିୟୁତ ଟନ୍ ସ୍ଥାପିତ କ୍ଷମତା ବିଶିଷ୍ଟ କାର୍ଯ୍ୟକ୍ଷମ ୫୫ଟି ଇସ୍ପାତ କାରଖାନା ଅଛି। ଦେଶର ମୋଟ୍ ସ୍ଥାପିତ ଇସ୍ପାତ କ୍ଷମତାର ପ୍ରାୟ ୨୩%। ଏହି କ୍ଷମତାକୁ ବଢ଼ାଇବାକୁ ପଡ଼ିବ। ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ଇସ୍ପାତ ଯୋଗାଇବ ଓଡ଼ିଶା। ଏନେଇ ମୋ ସରକାର ନୂଆ ଖସଡ଼ା ପ୍ରସ୍ତୁତ କରିସାରିଛି ବୋଲି ସେ କହିଛନ୍ତି।

ଦିବଂଗତଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍: ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ବ୍ୟକ୍ତ କରାଯାଇଛି। ସେମାନେ ଥିଲେ ପୂର୍ବତନ ବିଧାନସଭା ସଦସ୍ୟ କାହ୍ନୁଚରଣ ଲେଙ୍କା, ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଚିତା ମହାନ୍ତି ଏବଂ ରାସେଶ୍ୱରୀ ପାଣିଗ୍ରାହୀ। ଗୃହ ଆରମ୍ଭ ହେବା ପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ନିଜର ଅଭିଭାଷଣ ଦେବା ପୂର୍ବରୁ ଦିବଙ୍ଗତ ନେତାଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ସିପିଏମ ସଭ୍ୟ ଲକ୍ଷ୍ମଣ ମୁଣ୍ଡା। ଏମାନେ ପୂର୍ବତନ ବିଧାନସଭା ସଦସ୍ୟ କାହ୍ନୁଚରଣ ଲେଙ୍କା, ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଚିତା ମହାନ୍ତି ଏବଂ ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଗୃହ ଶୋକ ପ୍ରକାଶ କରିଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ନିଜ ଆସନ ବାହାରେ ଛିଡ଼ା ହୋଇ ଶୋକବ୍ୟକ୍ତ କରିଥିଲେ। ଏହା ପରେ ଏକ ମିନିଟ୍ ନିରବ ପ୍ରାର୍ଥନା ହୋଇଥିଲା।

ଆଖିବୁଜିଲେ ଚିକିଟି ପିଇଓ

ବ୍ରହ୍ମପୁର,୧୭।୨/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲାର ଅତିରିକ୍ତ ତହସିଲଦାରଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗ ପରେ ବିଷପାନ କରିଥିବା ଚିକିଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବି. ଦଣ୍ଡପାଣି ପାତ୍ରଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ଗତ କିଛି ଦିନ ପୂର୍ବରୁ ଅତିରିକ୍ତ ତହସିଲଦାରଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ଳୀଳ ଇଙ୍ଗିତ କରିଥିବା ଅଭିଯୋଗ ହୋଇଥିଲା। ଅତିରିକ୍ତ ତହସିଲଦାର ଏନେଇ ଗୋଳଗୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲୋକଲଜ୍ଜା ଓ ଗିରଫ ଭୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ ପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କର ଏମ୍କେସିଜି ମେଡିକାଲରେ ଚିକିତ୍ସା ଜାରି ରହିଥିଲା। ଚଳିତ ମାସ ୩ ତାରିଖରେ ସୁନାପୁର ବେଳାଭୂମି ମହୋତ୍ସବର ମାରାଥନ୍ ସମୟରେ ଅତିରିକ୍ତ ତହସିଲଦାରଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ। ୪ ତାରିଖରେ ଗୋଳଗୁରା ଥାନା ପୁଲିସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ପାଇଁ ଡାକିଥିଲେ। ଲୋକଲଜ୍ଜା ଓ ଗିରଫ ଭୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ ପାନ କରିଥିଲେ। ଗୋଳଗୁରା ଥାନା ପୁଲିସ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

ଅପରେସନ୍ ନ୍ୟାୟସିଦ୍ଧ

ଦୁଇ ମାମଲାରେ ଅଭିଯୁକ୍ତଙ୍କୁ ୨୧ ବର୍ଷ ଲେଖାଏଁ କାରାଦଣ୍ଡାଦେଶ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍: ନାବାଳିକାମାନଙ୍କୁ ଯୌନ ଶୋଷଣ କରୁଥିବା ଅପରାଧୀମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ନ୍ୟାୟସିଦ୍ଧ' ଆରମ୍ଭ କରାଯାଇଛି। ଏହି ଅଭିଯାନ ଅଧୀନରେ ତ୍ୱରିତ ତଦନ୍ତ, ଶୀଘ୍ର ଚାର୍ଜସିଟ୍ ଦାଖଲ ଓ ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୃତ୍ତାନ୍ତ ରାୟ ପ୍ରକାଶ ପାଇଛି। ତେବେ ପ୍ରଥମ ମାମଲାଟିରେ ସମ୍ବଲପୁର ଜିଲ୍ଲାର ପୋକ୍ସୋ କୋର୍ଟ ବିଚାରପତି ଜଣେ ୧୧ ବର୍ଷୀୟା ନାବାଳିକାଙ୍କ ସହ ଦୁଷ୍କର୍ମ ସମ୍ପର୍କିତ ଏକ ସମ୍ବେଦନଶୀଳ ମାମଲାରେ ବୃତ୍ତାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୬୫(୨) ଓ ପୋକ୍ସୋ ଆଇନ ଧାରା ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ ୨୧ ବର୍ଷ କଠୋର କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅପରାଧ ଘଟିବାଠାରୁ ଆରମ୍ଭ କରି ବୃତ୍ତାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ମାତ୍ର ୭୯ ଦିନ ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ନୂତନ ଭାରତୀୟ ଆଇନର କାର୍ଯ୍ୟକାରିତାର ଏକ ଉତ୍କୃଷ୍ଟ ଉଦାହରଣ। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମସିହା ନଭେମ୍ବର ୨୯ ତାରିଖରେ ସମ୍ବଲପୁର ଜିଲ୍ଲା ଧାମା ଥାନା ଅଧୀନ ଭେରାପାଲି ଗ୍ରାମରେ ଅଭିଯୁକ୍ତ ଏହି ଘୃଣ୍ୟ ଅପରାଧ ଘଟାଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ମା'ଙ୍କୁ ସୂଚନା ଦେବା ପରେ ପରବର୍ତ୍ତୀ ସମୟରେ ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଘଟଣାର ତ୍ୱରିତ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା । ଏହା ସହ ସଠିକ ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ସେହିପରି ଦ୍ୱିତୀୟ ମାମଲାଟିରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ପୁଲିସ ଥାନା (ମାମଲା ନଂ– ୯୯, ତା. ୦୭.୦୫.୨୦୨୨) ଅଧୀନ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଭିଷ୍ମ ପୁଲେଇ (୨୭)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୨୧ ବର୍ଷ କଠୋର କାରାଦଣ୍ଡ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ମାମଲାର ତ୍ୱରିତ ତଦନ୍ତ, ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟା ଓ କଠୋର ଦଣ୍ଡାଦେଶ ସୁନିଶ୍ଚିତ ହେଉଥିବା ପ୍ରତିଫଳିତ ହେଉଛି। ଏହା ଅପରାଧୀମାନଙ୍କ ପାଇଁ ସ୍ପଷ୍ଟ ବାର୍ତ୍ତା ତଥା ଆଇନର କଠୋରତାକୁ ପ୍ରତିପାଦନ କରୁଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ବଲପୁର ଜିଲ୍ଲା ଏସ୍ପି ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଥିବାରୁ ସେ ସନ୍ତୋଷବ୍ୟକ୍ତ କରିଛନ୍ତି।ମହିଳା ଓ ଶିଶୁଙ୍କ ସୁରକ୍ଷା ନିମନ୍ତେ ଓଡ଼ିଶା ପୁଲିସ ଆଗାମୀ ଦିନରେ ମଧ୍ୟ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ ଜାରି ରଖିବ।

ଅପରେସନ୍ 'ସାଇବର୍ କବଚ' ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

କଟକ,୧୭।୨/ଏନ୍ଏନ୍ଏସ୍: ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ' ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ସେହି ଅନୁଯାୟୀ, ସାଇବର ଠକେଇରେ ବ୍ୟବହୃତ 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ସମଗ୍ର ରାଜ୍ୟରେ ମୋଟ ୩୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୁଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ କରିଥିବା ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୁଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ କରିବା ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲ୍ଲା ପୁଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ପୁରୀ ଜିଲ୍ଲା ପୁଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି । ନବରଙ୍ଗପୁର ଜିଲ୍ଲା ପୁଲିସ ପକ୍ଷରୁ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ କରି ୭ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ସେହିପରି ବରଗଡ଼ ଜିଲ୍ଲା ପୁଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲ୍ଲା ପୁଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ୍, କଳାହାଣ୍ଡି ଜିଲ୍ଲା ପୁଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ୍ କରିଛି। ସେହିପରି ରାୟଗଡ଼ା ଜିଲ୍ଲା ପୁଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ୍ ଜାରି କରିଛି ଏବଂ କୋରାପୁଟ ଜିଲ୍ଲା ପୁଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲ୍ଲାର ଏସ୍ପି ଓ ଡିସିପି ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଟିମ୍ମାନଙ୍କ ସକ୍ରିୟ ସହଯୋଗରେ ଚାଲିଥିଲା। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି 'ଅପରେସନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ନିମନ୍ତେ ଓଡ଼ିଶା ପୁଲିସ ସର୍ବଦା ଦୃଢ଼ ସଂକଳ୍ପବଦ୍ଧ।

ପୂର୍ତ୍ତ ବିଭାଗର ପ୍ରକଳ୍ପ ଓ୍ୱାରୀ ଖର୍ଚ୍ଚର ସମୀକ୍ଷା

ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ହେବ ଉନ୍ନୟନ ଓ ସମ୍ପ୍ରସାରଣ

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍: ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବାକୁ ହେଲେ ବିଭିନ୍ନ ଭିତ୍ତଭୂମି ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ଏବଂ ନୂତନ ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରିବା ଜରୁରୀ ଓ ବିଗତ ବର୍ଷରେ ପୂର୍ତ୍ତ ବିଭାଗ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସାରିବା ଏବଂ ବଜେଟ ଅର୍ଥକୁ ସଠିକ ଭାବେ ଖର୍ଚ୍ଚ କରିବା କ୍ଷେତ୍ରରେ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଥିଲା। ସେହିଭଳି ଚଳିତ ବର୍ଷ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବିଭାଗ ଯେପରି ଭଲ ପ୍ରଦର୍ଶନ କରିବ ସେଥିନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗର ପ୍ରକଳ୍ପ ଓ୍ୱାରୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି। ଆଜି ଲୋକସେବା ଭବନ ସ୍ଥିତ ସଚ୍ଚିନ୍ଦନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପ ଗୁଡିକର ଅଗ୍ରଗତି ଓ ବଜେଟର ଖର୍ଚ୍ଚ ସମୀକ୍ଷା କରିବା ସହ ବ୍ୟୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ନେଇ ନିର୍ଦ୍ଦେଶ ଦେବା ସହ ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ଉନ୍ନୟନ ଏବଂ ସମ୍ପ୍ରସାରଣ, ଏକାପ୍ର, ସମଲେଇ, ଅବଡ଼ା ପ୍ରକଳ୍ପ ସମେତ ବିଭିନ୍ନ ରାସ୍ତା, କୋଠାବାଡି ଓ ସେତୁ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଙ୍କ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ସିଭିଲ ଙ୍କ ସତ୍ୟବ୍ରତ ବେହେରା, ଇଆଇସି ରୋଡ୍ସ ଙ୍କ ଧାନଚାନ୍ଦ ନାୟକ, ଅର୍ଥପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ପଣ୍ଡିତ ଦିନଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬

ପ୍ରଶିକ୍ଷିତ ହେବେ ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା, ୭ ମୋର୍ଚ୍ଚାର ନେତା

ଭୁବନେଶ୍ୱର,୧୭।୨/ଏନ୍ଏନ୍ଏସ୍: ପ୍ରଶିକ୍ଷଣ ଭାରତୀୟ ଜନତାପାର୍ଟି କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ। ବିଜେପି ତାର କାର୍ଯ୍ୟକର୍ତ୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବାକୁ ବିଭିନ୍ନ ସମୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ 'ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬'କୁ ସଫଳ କରିବା ପାଇଁ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଚଳିତବର୍ଷ ପାର୍ଟିର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ପ୍ରଶିକ୍ଷଣ ଟୋଲି ସଦସ୍ୟା ତଥା ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟସଭା ସାଂସଦ କବିତା ପଟିଦାର, ପୂର୍ବ କ୍ଷେତ୍ର ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ପ୍ରଶିକ୍ଷଣ ଟୋଲି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦେଇ ଏବଂ ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତି, ଏହା ହେଉଛି ବିଜେପିର ମୂଳମନ୍ତ୍ର । ସମାଜ ଓ ରାଷ୍ଟ୍ର ପ୍ରତି ଦାୟିତ୍ୱ ଓ କର୍ତ୍ତବ

ଏଏନ୍‌ଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତକାର: ୨୦୪୭ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ୩ ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ୍

- ଏଆଇକୁ ନେଇ ଭୟଭୀତ ହେବା ଅପେକ୍ଷା ଏହାକୁ ନିଜ ଦକ୍ଷତାରେ ସାମିଲ କରିବା ଉଚିତ୍
- ଏଆଇ ମାନବକୈନ୍ଦ୍ରିକ ହେବା ସହିତ ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବା ଉଚିତ୍, ଏହା ହିଁ ଆମର ଲକ୍ଷ୍ୟ

ନୂଆଦିଲ୍ଲୀ,୧୭।୨/ଏଜେନ୍ସି: ଦେଶର ରାଜଧାନୀ ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖବର ସରବରାହ ସଂସ୍ଥା ଏଏନ୍‌ଆଇକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି। ଏଥିରେ ସେ ସମ୍ମିଳନୀର ବାର୍ତ୍ତା ସର୍ବଜନ ହିତାୟ, ସର୍ବଜନ ସୁଖାୟ (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି। ଏହି ସାକ୍ଷାତକାରର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଉପସ୍ଥାପିତ କରାଯାଇଛି।

ଏଏନ୍‌ଆଇ: ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ୍ ସାଉଥ୍‌ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହି ସମ୍ମିଳନୀର ମୂଳମନ୍ତ୍ର ହେଉଛି "ସର୍ବଜନ ହିତାୟ, ସର୍ବଜନ ସୁଖାୟ" (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି)। ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଏବଂ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

ପ୍ରଧାନମନ୍ତ୍ରୀ: ଆଜି, ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ସଠିକ ମାର୍ଗଦର୍ଶନ କରାନଯାଏ ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, "ସର୍ବଜନ ହିତାୟ, ସର୍ବଜନ ସୁଖାୟ" (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି) ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ।_ଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି' ହେବା ଉଚିତ୍। ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ। ଏହି ଶିଖର ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ। ଏଆଇ ସିଷ୍ଟମଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ। ତେଣୁ, ଆମେ ଚାହୁଁଛୁ ଯେ ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନରହୁ। ଗ୍ଲୋବାଲ୍ ସାଉଥରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶ ପ୍ରାଥମିକତାକୁ ବୃଦ୍ଧି କରିଛି। ଏଆଇ ଶାସନ, ସମାବେଶୀ ଡାଟାସେଟ୍, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ଉପଲବ୍ଧତା ଆମ ପାଇଁ ସୀମିତ ପ୍ରସଙ୍ଗ ନୁହେଁ, ବରଂ ସେଗୁଡ଼ିକ ମୁଖ୍ୟ ପ୍ରସଙ୍ଗ। ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବ-କୈନ୍ଦ୍ରିକ ରହି ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବା ଉଚିତ୍।

ଏଏନ୍‌ଆଇ: ଆପଣ ସବୁବେଳେ ସଶକ୍ତିକରଣ ଏବଂ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

ପ୍ରଧାନମନ୍ତ୍ରୀ: ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖେ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧି କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହିତ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଏଆଇ ପୂର୍ବରୁ ପ୍ରଭାବ ବିସ୍ତାର କରି ଆସୁଛି। ଆମେ ପ୍ରାଥମିକ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା, ମଧୁମେହ ରେଟିନୋପାଥି, ଏପିଲେପ୍ସି ଏବଂ ଅନ୍ୟାନ୍ୟ ରୋଗର ପ୍ରାରମ୍ଭିକ ଚିହ୍ନଟ ପାଇଁ ଏଆଇ-ଆଧାରିତ ସମାଧାନ ଦେଖୁଛୁ। ଶିକ୍ଷା କ୍ଷେତ୍ରରେ, ଭାରତୀୟ ଭାଷାରେ ଏଆଇ-ଚାଳିତ ବ୍ୟକ୍ତିଗତ ଶିକ୍ଷା ପ୍ଲାଟଫର୍ମ ଗ୍ରାମାଞ୍ଚଳ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶୈକ୍ଷିକ ସହାୟତା ପାଇବାରେ ସାହାଯ୍ୟ କରୁଛି। ଏକ ଅତ୍ୟନ୍ତ ଅନନ୍ୟ ପଦକ୍ଷେପ କ୍ରମେ, ଅମୂଲ ହଜାର ହଜାର ଗ୍ରାମର ୩୬ଲକ୍ଷ ମହିଳା ଦୁଗ୍ଧ ଚାଷୀଙ୍କ ପାଖରେ ପହଞ୍ଚିବା ପାଇଁ ଏଆଇର ବ୍ୟବହାର କରୁଛି। ଗୁଜୁରାଟୀରେ ଗୋରୁ ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତା ଉପରେ ପ୍ରକୃତ-ସମୟରେ ମାର୍ଗଦର୍ଶନ ପ୍ରଦାନ କରୁଛି। ଏଥିସହିତ ତୃଣମୂଳ ସ୍ତରର ମହିଳା ଉତ୍ପାଦକମାନଙ୍କୁ ସଶକ୍ତ କରୁଛି। କୃଷି କ୍ଷେତ୍ରରେ, ଭାରତ ଭିସ୍ତାର ପ୍ରୟାସର ଲକ୍ଷ୍ୟ ହେଉଛି ଫସଲ ପରାମର୍ଶ, ମୃତ୍ତିକା ବିଶ୍ଳେଷଣ ଏବଂ ପାଣିପାଗ ବୁଦ୍ଧିମତ୍ତା ସହିତ ଏଆଇକୁ ଏକୀକୃତ କରିବା। ଏହା ଚାଷୀମାନଙ୍କୁ ଉତ୍ତମ ତଥା ସ୍ଥାନୀୟ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଐତିହ୍ୟ ସଂରକ୍ଷଣରେ ମଧ୍ୟ ଏଆଇ ପ୍ରାଚୀନ ପାଣ୍ଡୁଲିପିର ଡିଜିଟାଇଜେସନ୍ ଏବଂ ବ୍ୟାଖ୍ୟାକୁ ସକ୍ଷମ କରୁଛି। ଏହା ଭାରତର ସଭ୍ୟତାଗତ ଜ୍ଞାନ ପ୍ରଣାଳୀକୁ ଉନ୍ମୁକ୍ତ କରୁଛି। ଯେତେବେଳେ ବିଶ୍ୱ ଏଆଇ ବିଭାଜନକୁ ଗଭୀର କରିବା ବିଷୟରେ ଚିନ୍ତିତ, ଠିକ୍ ସେହି ସମୟରେ ଭାରତ ବିଭାଜନକୁ ଦୂର କରିବା ପାଇଁ ଏହାକୁ ବ୍ୟବହାର କରୁଛି। ଆମେ ପ୍ରତ୍ୟେକ ଗ୍ରାମ, ଜିଲ୍ଲା ଏବଂ ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆର୍ଥିକ ସୁଯୋଗ ପ୍ରଦାନ କରିବା ପାଇଁ ଏହାକୁ ଏକ ଦକ୍ଷ ଉପକରଣ ରୂପେ ଉପଯୋଗ କରୁଛୁ।

ଏଏନ୍‌ଆଇ: ପ୍ୟାରିସ୍‌ରେ ଏଆଇ ଆକ୍ସନ୍ ଶିଖର ସମ୍ମିଳନୀ ୨୦୨୫ରେ ଆପଣଙ୍କ ଅଭିଭାଷଣରେ, ଆପଣ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି ? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ କିପରି ଚିନ୍ତା କରୁଛନ୍ତି ?

ପ୍ରଧାନମନ୍ତ୍ରୀ: ଏଆଇରେ ପକ୍ଷପାତିତା ଏବଂ ସୀମାବଦ୍ଧତା ସମ୍ପର୍କରେ ଚିନ୍ତା ଗଭୀର ଭାବରେ ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ, ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଏବଂ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି। ଏହା ଏପରି ଏକ ସମସ୍ୟା ଯାହା ପାଇଁ ବିଶ୍ୱ ସହଯୋଗ ଆବଶ୍ୟକ। ବିଶେଷ କରି ଭାରତ ପାଇଁ, ଆମେ ଅଭିନବ ଆହ୍ୱାନ ଏବଂ ସୁଯୋଗର ସମ୍ମୁଖୀନ ହେଉଛୁ। ଆମର ବିବିଧତା - ଭାଷାଗତ, ସାଂସ୍କୃତିକ, ଆଞ୍ଚଳିକ - ଅର୍ଥ ହେଉଛି ଏଆଇ ପକ୍ଷପାତିତା ଏପରି ଉପାୟରେ ପ୍ରକାଶିତ ହୋଇପାରେ ଯାହା ପାଶ୍ଚାତ୍ୟ ପ୍ରସଙ୍ଗରେ ସ୍ପଷ୍ଟ ନ ହୋଇପାରେ। ମୁଖ୍ୟତଃ ଇଂରାଜୀ ତଥ୍ୟ କିମ୍ବା ସହରାଞ୍ଚଳ ପ୍ରସଙ୍ଗରେ ପ୍ରଶିକ୍ଷିତ ଏକ ଏଆଇ ସିଷ୍ଟମ ଗ୍ରାମୀଣ ଉପଭୋକ୍ତା କିମ୍ବା ଆଞ୍ଚଳିକ ଭାଷା କହୁଥିବା ଲୋକଙ୍କ ପାଇଁ ଖରାପ ପ୍ରଦର୍ଶନ କରିପାରେ। ସକାରାତ୍ମକ ବିକାଶ ହେଉଛି ଯେ ଭାରତ ଏହାକୁ ଅଧିକ ବ୍ୟବସ୍ଥିତ ଭାବରେ ସମାଧାନ କରିବା ଆରମ୍ଭ କରିଛି। ଆମେ ଭାରତର ବହୁଳତାକୁ ପ୍ରତିନିଧିତ୍ୱ କରୁଥିବା ବିବିଧ ଡାଟାସେଟ୍ ସୃଷ୍ଟି କରିବା ଉପରେ ବର୍ଦ୍ଧିତ ଧ୍ୟାନ ଦେଉଛୁ। ଆଞ୍ଚଳିକ ଭାଷାରେ ଏଆଇ ବିକାଶ ଉପରେ ଅଧିକ ଗୁରୁତ୍ୱାରୋପ କରୁଛୁ। ଭାରତୀୟ ଶିକ୍ଷାନୁଷ୍ଠାନ ଏବଂ ଟେକ୍ କମ୍ପାନୀଗୁଡ଼ିକରେ ନିରପେକ୍ଷତା ଏବଂ ପକ୍ଷପାତିତା ଉପରେ ବଢୁଥିବା ଗବେଷଣା ଦେଖୁଛୁ।

ଏଏନ୍‌ଆଇ: ଆଧାର ଏବଂ ୟୁପିଆଇ ଭଳି କମ୍ ମୂଲ୍ୟର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ୍ ସାଉଥକୁ ସାହାଯ୍ୟ କରିପାରିବ ?

ପ୍ରଧାନମନ୍ତ୍ରୀ: ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ୍ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି। ପ୍ରଥମତଃ, ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ। ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଞ୍ଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା। ଦ୍ୱିତୀୟତଃ, ଆମେ ଏହାକୁ ଆରମ୍ଭରୁ ବ୍ୟାପକତା ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଡିଜାଇନ୍ କରିଥିଲୁ। ଆମର ବ୍ୟବସ୍ଥା ସାମାଜିକ-ଆର୍ଥିକ ସ୍ଥିତି, ସାକ୍ଷରତା ସ୍ତର, ଅଞ୍ଚଳ କିମ୍ବା ଭାଷା ନିର୍ବିଶେଷରେ ୧୪୦ କୋଟି ଲୋକଙ୍କ ପାଇଁ କାମ କରେ। ଯେତେବେଳେ ଏଆଇ ଏହି ଭିତ୍ତିଭୂମିରେ ବିସ୍ତାରିତ ହୁଏ, ଶାସନ ବହୁତ ଅଧିକ ପ୍ରତିକ୍ରିୟାଶୀଳ ଏବଂ ଦକ୍ଷ ହୋଇପାରିଥାଏ। ଏଆଇ କଲ୍ୟାଣ ଲକ୍ଷ୍ୟ ହାସଲକୁ ଉନ୍ନତ କରିପାରିବ, ଠକେଇ ଚିହ୍ନଟ ବ୍ୟବସ୍ଥାକୁ ମଜବୁତ କରିପାରିବ, ଭିତ୍ତିଭୂମିର ଆକଳିତ ରକ୍ଷଣାବେକ୍ଷଣକୁ ସକ୍ଷମ କରିପାରିବ, ସହରାଞ୍ଚଳ ଯୋଜନାକୁ ସମର୍ଥନ କରିପାରିବ ଏବଂ ସାର୍ବଜନୀନ ପ୍ରଣାଳୀରେ ସ୍ୱଚ୍ଛତା ବୃଦ୍ଧି କରିପାରିବ।

ଅନୁରୂପ ଭାବେ, ଆମେ ସମାଜରେ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି, ଦୃଢ଼ ଡାଟା ଗୋପନୀୟତା ସୁରକ୍ଷା, ଚିନ୍ତାଶୀଳ ନିୟାମକ ଢାଞ୍ଚା ଏବଂ ଏଆଇ ସାକ୍ଷରତାର ଗୁରୁତ୍ୱକୁ ବୁଝୁଛୁ। ଏକ ମାନବ-କୈନ୍ଦ୍ରିକ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ନିର୍ମାଣର ଅଭିଜ୍ଞତା ସହିତ, ଏଆଇର ଲାଭ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବାକୁ ନିଶ୍ଚିତ କରିବା ପାଇଁ ଭାରତ ସର୍ବୋତ୍ତମ ସ୍ଥାନରେ ଅଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଭାରତର ଚାଷୀ, ଛୋଟ ସହରର ଛାତ୍ରଛାତ୍ରୀ, ଏମଏସଏମଇ, ମହିଳା ଉଦ୍ୟୋଗୀ, ଅସଂଗଠିତ ଶ୍ରମିକ ଏବଂ ଯୁବବର୍ଗଙ୍କ ପାଖରେ ଏଆଇକୁ ଭାରତ ପହଞ୍ଚାଇପାରିବ। ଏହାକୁ ଏକ ସଂକୀର୍ଣ୍ଣ ସହରାଞ୍ଚଳ ଅଭିଜାତ୍ୟ ବର୍ଗଙ୍କ ମଧ୍ୟରେ ସୀମିତ ରଖୁ ନାହିଁ। ପ୍ରଯୁକ୍ତିବିଦ୍ୟା ଭୌଗଳିକ ସ୍ଥିତ, ଲିଙ୍ଗ କିମ୍ବା ଆୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ସେବା କରିବା ଉଚିତ୍। କେବଳ ନିଜସ୍ୱ ସ୍ୱାର୍ଥ ପାଇଁ ଏଆଇ ଗ୍ରହଣୀୟ ନୁହେଁ। ଏଆଇ ପ୍ରକୃତରେ ନାଗରିକମାନଙ୍କୁ ସଶକ୍ତ କରିବା ଉଚିତ୍। ଏହା ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଏବଂ ଗ୍ଲୋବାଲ୍ ସାଉଥ୍ ପାଇଁ ଏକ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ଆବଶ୍ୟକ।

ଏଏନ୍‌ଆଇ: ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ। ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

ପ୍ରଧାନମନ୍ତ୍ରୀ: କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ଏକ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଏବଂ ଉଦ୍ୟୋଗ ଶକ୍ତି ଅଛି। ଆମର ଷ୍ଟାର୍ଟଅପ୍, ଗବେଷଣା ପ୍ରତିଷ୍ଠାନ ଏବଂ ଟେକ୍ ଇକୋସିଷ୍ଟମ୍ ଏଆଇ ସମାଧାନ ନିର୍ମାଣ କରିପାରିବେ ଯାହା ଉତ୍ପାଦନକୁ ବୃଦ୍ଧି କରିପାରିବ, ଶାସନକୁ ଉନ୍ନତ କରିବା ସହ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ। ମୁଁ ନିଶ୍ଚିତ ଯେ ଆମର ଯୁବପିଢ଼ି ଭାରତୀୟ ବାସ୍ତବତା ପାଇଁ ଏଆଇ ସମାଧାନ ନିର୍ମାଣ କରିପାରିବେ, ଯାହା ଚାଷୀ, ଏମଏସଏମଇ, ମହିଳା ଉଦ୍ୟୋଗୀ ଏବଂ ତୃଣମୂଳ ସ୍ତରର ଉଦ୍ଭାବକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଆମେ ଆମର ପ୍ରତିଭାବାନ ଯୁବପିଢ଼ିଙ୍କ ଦ୍ୱାରା ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଏଆଇକୁ ଏକ ପ୍ରୋତ୍ସାହନକାରୀ ରୂପେ କରିବା ପାଇଁ ପ୍ରତ୍ୟେକ ପ୍ରୟାସକୁ ମଜବୁତ କରିବା ପାଇଁ ପ୍ରତିବଦ୍ଧ। କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ। ଏହା ଡାଟା ସେଣ୍ଟର ଏବଂ କ୍ଲାଉଡ୍ ଭିତ୍ତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପୁଟ୍ କ୍ଷମତାକୁ ମଜବୁତ କରେ। ଇଣ୍ଡିଆ ଏଆଇ ଫ୍ରେମୱାର୍କ ଅଧୀନରେ, ଷ୍ଟାର୍ଟଅପ୍ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଚ-କର୍ମକ୍ଷମ ଏଆଇ କମ୍ପୁଟ୍ ସମ୍ବଳଗୁଡ଼ିକର ଉପଲବ୍ଧତା ସହିତ ସମର୍ଥନ କରାଯାଉଛି।

ସେମିକଣ୍ଡକ୍ଟର ଉତ୍ପାଦନ, ଇଲେକ୍ଟ୍ରୋନିକ୍ସ ପିଏଲଆଇ, ଏଆଇ ଉତ୍କର୍ଷ କେନ୍ଦ୍ର ଏବଂ ଡିଜିଟାଲ୍ ଦକ୍ଷତା ପାଇଁ ନିରନ୍ତର ପ୍ରୟାସ ହାର୍ଡୱେର୍ ଏବଂ ମାନବ ପୁଞ୍ଜି ଭିତ୍ତିଭୂମି ଉଭୟକୁ ମଜବୁତ କରୁଛି। ସଂକ୍ଷେପରେ, ଆମେ କେବଳ ପ୍ରତିଭାକୁ ପ୍ରୋତ୍ସାହିତ କରୁନାହୁଁ, ବରଂ ଭାରତକୁ ଏଆଇ ବିପ୍ଳବରେ ଅଂଶଗ୍ରହଣ କରିବାରୁ ଏହାକୁ ଗଠନ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ନୀତିଗତ ଇକୋସିଷ୍ଟମ ଏବଂ ଦକ୍ଷତା ଆଧାର ନିର୍ମାଣ କରୁଛୁ।

ଏଏନ୍‌ଆଇ: ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

ପ୍ରଧାନମନ୍ତ୍ରୀ: ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ହୋଇଛି। ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଏବଂ ଆହ୍ୱାନ ଉଭୟ ଉପସ୍ଥାପନ କରିଥାଏ। ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ୍ ଆଧାରିତ ଅଟୋମେସନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ। ମୌଳିକ ପରିବର୍ତ୍ତନ ହେଉଛି ଯେ ଆଇଟି କ୍ଷେତ୍ରକୁ ଏଆଇ ବଦଳାଇ ନାହିଁ। ବରଂ ଏହାକୁ ରୂପାନ୍ତରିତ କରୁଛି। ସାଧାରଣ ଉଦ୍ଦେଶ୍ୟ ଭିତ୍ତିକ ଏଆଇ ଉପକରଣଗୁଡ଼ିକ ବ୍ୟାପକ ହୋଇଥିବାବେଳେ, ଏଣ୍ଟରପ୍ରାଇଜ୍-ଗ୍ରେଡ୍ ଏଆଇ ଗ୍ରହଣୀୟତା ଏବେ ବି ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ କେନ୍ଦ୍ରିତ ରହିଛି । ବର୍ତ୍ତମାନର ଆଇଟି ଫାର୍ମଗୁଡ଼ିକ ଜଟିଳ ବ୍ୟବସାୟିକ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏକ ଶକ୍ତିଶାଳୀ ଭାରତୀୟ ଏଆଇ ଇକୋସିଷ୍ଟମକୁ ସକ୍ଷମ କରିବା ପାଇଁ, ସରକାର ଇଣ୍ଡିଆଏଆଇ ମିଶନ ଉପରେ କେନ୍ଦ୍ରିତ ଏକ ବ୍ୟାପକ ରଣନୀତି ଆପଣାଇଛନ୍ତି । ଆମେ ଆମର ପ୍ରାରମ୍ଭିକ ଜିପିୟୁ ଲକ୍ଷ୍ୟ ଅତିକ୍ରମ କରିସାରିଛୁ ଏବଂ ଆମେ ଷ୍ଟାର୍ଟଅପ୍ ଓ ଉଦ୍ୟୋଗଗୁଡ଼ିକ ପା

ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ୱାଗତ ଜଣାଇଲା ଶିକ୍ଷକ ସଂଘ

ଖୋର୍ଦ୍ଧା,୧୭।୨/ଏନ୍‌ଏନ୍‌ଏସ୍: ଆଜି ଅପରାହ୍ନ ୬ଟା ସମୟରେ ପଞ୍ଚାୟତ ସମିତି, କାର୍ଯ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘ, ଖୋରଧା ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ ଜଣ ପ୍ରତିନିଧି ମଣ୍ଡଳୀ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖୋରଧା ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭେଟି ଲାଲମାଟିର ଖୋରଧାଗଡ଼କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କର ଉପଶାସନ ସଚିବ ସହିତ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ ଓ.ଏସ୍.ଡ଼ି ଭାବେ କାର୍ଯ୍ୟରତ ଥିଲେ। ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଥିଲେ। ସେ ଜଣେ ସଚ୍ଚୋଟ, କର୍ମଯୋଗୀ, ନିର୍ଭିକ, ସାହାସୀ ଓ ଶିକ୍ଷକମାନଙ୍କୁ ଭଲ ପାଉଥିବା ବ୍ୟକ୍ତିତ୍ୱ। ଖୋରଧାର ଶିକ୍ଷା ଓ ବ୍ଲକର ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ବଳିଷ୍ଠ ଭୂମିକା ରହିବ ବୋଲି ସଂଘ ଆଶାବାଦୀ ଅଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ଉପସଭାପତି ରଶ୍ମି ଦାସ, ସହ-ସମ୍ପାଦକ ଜ୍ୟୋତିମୟୀ ନାୟକ, ରବି ନାରାୟଣ ପଣ୍ଡା, ପ୍ରଭାସିନି ବେହେରା, ପ୍ରତିମା ବେହେରା, ରାମଚନ୍ଦ୍ର ବ୍ରହ୍ମା, ରାଜୀବଲୋଚନ ମହାପାତ୍ର, ମାଧବ ଚନ୍ଦ୍ର ରଣା, ପ୍ରତାପ ସ୍ୱାଇଁ ପ୍ରମୁଖ ସାମିଲ୍ ଥିଲେ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୭।୨/ଏନ୍‌ଏନ୍‌ଏସ୍: ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମୋଟ ୭୯ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୭୧ଗୋଟି ବ୍ୟକ୍ତିଗତ, ୮ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ତତ୍‌କ୍ଷଣାତ ୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ବ୍ରହ୍ମଗିରି ବିଡ଼ିଓ ମନୀଷା ଷଡ଼ଙ୍ଗୀ, ତହସିଲଦାର ଶଶିଭୂଷଣ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

୨ ସେଣ୍ଟରରେ ୨୫୦ ମାଟ୍ରିକ୍ ପରୀକ୍ଷାର୍ଥୀ

କଣ୍ଟିଲୋ,୧୭।୨/ଏନ୍‌ଏନ୍‌ଏସ୍: ଚଳିତ ୨୦୨୬ ବର୍ଷର ମାଟ୍ରିକ ପରୀକ୍ଷା ହେବାକୁ ଆଉ ଗୋଟିଏ ଦିନ ମାତ୍ର ରହିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ କଣ୍ଟିଲୋର ଦୁଇଟି ବିଦ୍ୟାଳୟ ଯଥା ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ କୁଞ୍ଜବିହାରୀ ବାଳିକା ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କ ପାଇଁ ସେଣ୍ଟର୍ ହୋଇଛି। ସୂଚନାଯୋଗ୍ୟ ଜଣାପଡିଛି ଯେ, ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ ସେଣ୍ଟରରେ କଣ୍ଟିଲୋ କେବି ଗ୍ୟାର୍ଲସ ହାଇସ୍କୁଲର ଛାତ୍ରୀମାନେ ଓ ଏସବି ହାଇସ୍କୁଲ ବେଣାଗାଡିଆର ଛାତ୍ରଛାତ୍ରୀମାନେ ମିଶି ମୋଟ ୧୨୬ ଜଣ ପରୀକ୍ଷା ଦେବାକୁ ଥିଲା ବେଳେ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସେଣ୍ଟରରେ ସିଧାମୂଳା ଉଚ୍ଚ ବିଦ୍ୟାଳୟ, ମର୍ଦ୍ଦରାଜପୁର ଉଚ୍ଚ ବିଦ୍ୟାଳୟ ଓ କଳପଙ୍ଗି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ମିଶି ମୋଟ ୧୨୪ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଉଭୟ ସେଣ୍ଟର୍‌ର ଶିକ୍ଷକମାନଙ୍କ ଠାରୁ ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ନିଶ୍ଚିତ ଭାବେ ରଖିବା ପାଇଁ ପୁଲିସ ଅଧିକାରୀଙ୍କ ସାହାଯ୍ୟ ସହଯୋଗ ନିହାତି ଆବଶ୍ୟକ ବୋଲି ଉଭୟ ସ୍କୁଲ୍‌ର ପ୍ରଧାନ ଶିକ୍ଷକମାନେ ଆମ ପ୍ରତିନିଧିଙ୍କୁ ଅବଗତ କରିଛନ୍ତି। ସ୍ଥାନୀୟ ଫାଣ୍ଡି ବାବୁ ସ୍ୱାଗତ କୁମାର ଦାଶ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

ଦାରୁବ୍ରହ୍ମଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଚାରିଛକ,୧୭।୨/ଏନ୍‌ଏନ୍‌ଏସ୍: ଚାରିଛକ ନିକଟସ୍ଥ ବାହାରଣା ଗ୍ରାମରେ ଥିବା ଶ୍ରୀଶ୍ରୀ ଦାରୁବ୍ରହ୍ମଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଆଜି କଳସଯାତ୍ରା ହୋଇଯାଇଛି। ଏହି କଳସ ଯାତ୍ରା ବାହାରଣାରୁ ବାହାରି ପବିତ୍ର ପ୍ରାଚୀ ନଦୀ ଗୋତୀର୍ଥ ଘାଟରୁ ନୀତି ନିୟମ ଅନୁସାରେ ୧୦୮ କଳସ ଯାତ୍ରା ଆଣି କଳସ ଧାରୀ ମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ବାହାରଣା ସମେତ ଖୁଲିସ, ଅଟେଇହୁଡା, ମାଧୁପୁର, ଜୋରକୁଳ, ଛତିନିଆ ପ୍ରମୁଖ ଗ୍ରାମରୁ ମହିଳା ପୁରୁଷ କଳସ ଧାରୀମାନେ କଳସ ଆଣିଥିଲେ। ଏହି ଯାତ୍ରାରେ ଗ୍ରାମର ପ୍ରମୋଦ କୁମାର ମିଶ୍ର, ଆଦିକନ୍ଦ ମିଶ୍ର, ଦାମୋଦର ମିଶ୍ର, ବେଣୁଧର ମହାପାତ୍ର, ସର୍ବେଶ୍ୱର ରଥ, ଅମୂଲ୍ୟ ମିଶ୍ର, ସୁରେନ୍ଦ୍ର ମିଶ୍ର, ସଦାଶିବ ମିଶ୍ର, ପଦ୍ମନାଭ ମିଶ୍ର, ନିରଞ୍ଜନ ମିଶ୍ର, ଦୁର୍ଗାପ୍ରସାଦ ମିଶ୍ର, ଈଶ୍ୱର ଭୋଇ, ପ୍ରକାଶ ବାରିକ, ବ୍ରହ୍ମନନ୍ଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲାରେ କାର୍ଯ୍ୟକାରୀ ହେଉନି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ସୌରଶକ୍ତି ବ୍ୟବହାରରେ ଅର୍ଥ ସାଜିଛି ବାଧକ

ଖୋର୍ଦ୍ଧା,୧୭।୨/ଏନ୍‌ଏନ୍‌ଏସ୍: କେନ୍ଦ୍ର ସରକାର ସାଧାରଣ ଖାଉଟିଙ୍କ ବିଦ୍ୟୁତ ବୋଝ କମାଇବା ନିମନ୍ତେ ନିର୍ବାଚନ ପୂର୍ବରୁ ୩ଶହ ୟୁନିଟ ବିଦ୍ୟୁତ ଛାଡ କରିବା ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତେବେ ନିର୍ବାଚନ ପରେ ସାଧାରଣ ଖାଉଟି ସରକାରୀ ପ୍ରତିଶ୍ରୁତି ଅନୁଯାଇ କିପରି ବିଦ୍ୟୁତ ବିଲ ବୋଝରୁ ମୁକୁଳିବେ ତାକୁ ନେଇ ସୂର୍ଯ୍ୟଘର ଯୋଜନା ପ୍ରଣୟନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଖାଉଟିମାନେ ୨ଲକ୍ଷ ବ୍ୟୟରେ ସୋଲାର ଶକ୍ତି ବ୍ୟବହାର କରିବେ। ଯାହା ବାବଦକୁ ଓଡ଼ିଶା ସରକାର ୬୦ ହଜାର ସବ୍‌ସିଡି ପ୍ରଦାନ କରିବା ପାଇଁ ଧାର୍ଯ୍ୟ ରହିଥିବା ବେଳେ କେନ୍ଦ୍ର ସରକାର ଏ ବାବଦକୁ ସବ୍‌ସିଡି ଆକାରରେ ୭୮ ହଜାର ପ୍ରଦାନ କରିବେ। ଏବଂ ଜଣେ ଗ୍ରାହକ ଚାହିଁଲେ ବ୍ୟାଙ୍କ ଋଣ ଦ୍ୱାରା ମଧ୍ୟ ଏହି ଯୋଜନାକୁ ଉପଲବ୍ଧ କରିପାରିବ। କିନ୍ତୁ ବିଡମ୍ବନାର ବିଷୟ କେନ୍ଦ୍ର ସରକାରଙ୍କ ଏହି ଯାଜନା ଖୋର୍ଦ୍ଧା ଜିଲ୍ଲାରେ ଫଳପ୍ରଦ ହେଉନଥିବା ଭଳି ମନେ ହେଉଛି। କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମଗ୍ର ଜିଲ୍ଲାରେ ଆଣ୍ଠେଇଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୌରଶକ୍ତି ଉତ୍ପାଦନ ପାଇଁ ଜନସାଧାରଣଙ୍କୁ ବ୍ୟାପକ ସବସିଡ୍ ପ୍ରଦାନ କରୁଛନ୍ତି। ଏହା ସତ୍ତ୍ୱେ ଖୋର୍ଦ୍ଧା ଜିଲ୍ଲାରେ ଏଥିପ୍ରତି ଲୋକେ ମୁହାଉ ନଥିବା କାରଣ ଜିଲ୍ଲାପ୍ରଶାସନ କିମ୍ବା ସରକାରୀ ସ୍ତରରେ କେହି ଚିନ୍ତା କରୁନଥିବା ଭଳି ମନେ ହେଉଛି। ଜିଲ୍ଲାରେ କାଁ ଭାଁ କିଛି ଲୋକଙ୍କ ଘରେ ସୌରଶକ୍ତି ବସାଇ ଥିବାବେଳେ ୯୦ ପ୍ରତିଶତ ଲୋକେ ଏହାକୁ ଲଗାଇବା ପାଇଁ ଆଗ୍ରହ ମନେ କରୁ ନଥିବା ମନେହେଉଛି। ଏହାର ମୂଳ କାରଣ ଖୋର୍ଦ୍ଧା ଜିଲ୍ଲାରେ ବସବାସ କରୁଥିବା ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଛନ୍ତି। ସେଥିରୁ ଅନେକ ଦୈନିକ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ

ଦିନକୁ ରୋଜଗାର ହେଉଥିବା ମଜୁରୀ ନିଜ ପରିବାର ପୋଷଣରେ ଚାଲିଯାଉଛି। ଏହିପରି କ୍ଷେତ୍ରରେ ଜଣେ ଗରିବ ସରକାରଙ୍କ ସୌରଶକ୍ତି ବ୍ୟବହାର କରିବା ପାଇଁ ୨ ଲକ୍ଷ ଆଣିବ କେଉଁଠୁ। ଯାହାକୁ ନେଇ ଜିଲ୍ଲାରେ ସୌରଶକ୍ତି ଯୋଜନା ଆଗକୁ ବଢିପାରୁ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯଦିଓ ସରକାର ୧ ଲକ୍ଷ ୩୮ ହଜାର ସବ୍‌ସିଡି ଆକାରରେ ପ୍ରଦାନ କରିବେ ତେବେ ପ୍ରଥମେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସବସିଡ ଅର୍ଥ ଗ୍ରାହକଙ୍କୁ ପ୍ରଦାନ କରିବାକୁ ପଡିବ ଏବଂ ଋଣ ଯଦି କରନ୍ତି ତେବେ ମାସିକ ପାଖାପାଖି ୧୦ ହଜାର ଟଙ୍କା ଦେୟ ପ୍ରଦାନ କରିବାକୁ ପଡିବ। ଯାହା ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସାଧାରଣ ବର୍ଗ ଲୋକେ ଆଗ୍ରହ ପ୍ରକାଶ କରୁନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଣ ପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବେ ଜିଲ୍ଲାରେ ବିଫଳ ହୋଇଛି। ସରକାରଙ୍କ ଚିନ୍ତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ବସାଇ ସୌରଶକ୍ତି ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ବିଦ୍ୟୁତ ଶକ୍ତି ପାଇପାରିବେ। ଯାହା କି ଏବେ ଖୋର୍ଦ୍ଧା ଜିଲ୍ଲା ବାସୀଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଛି। ଅନ୍ୟପଟେ ଦାୟିତ୍ୱରେ ରହିଥିବା କମ୍ପାନୀ ଗୁଡ଼ିକ ପ୍ରତି ଲୋକଙ୍କ ବିଶ୍ୱାସ ଭରସା ପାଉନଥିବା ବେଳେ ସରକାରୀ ସ୍ତରରେ ସେହି ଭଳି ଆଖିଦୃଷ୍ଟିଆ ପ୍ରଚାର ପ୍ରସାର ଅଭାବରୁ ଏହି ଯୋଜନା ଜିଲ୍ଲାରେ ଆଗେଇ ପାରୁନଥିବା ଅନୁମାନ ହେଉଛି। ଯାହାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଅଗ୍ରିମ ସବ୍‌ସିଡି ଅର୍ଥ ପ୍ରଦାନ କଲେ ଗରିବ ଲୋକେ ଏହାର ଉପକୃତ ପାଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଂଜିନ ସରକାର ରହିଥିବା ବେଳେ ସାଧାରଣ ନିର୍ବାଚନ ଇସ୍ତାହାରରେ ୩ଶହ ୟୁନିଟ ବିଦ୍ୟୁତ ଛାଡକୁ ପ୍ରସଙ୍ଗ କରି ବିରୋଧ ଦଳ ବାରମ୍ବାର ସମାଲୋଚନା କରିଆସୁଥିବା ବେଳେ ସାଧାରଣ ଲୋକେ ଏହାକୁ ଭୁଲିଯିବା ପୂର୍ବରୁ ବିରୋଧୀ ଲୋକଙ୍କୁ ମାନେ ପକାଉଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏବଂ ସରକାରଙ୍କ ଏହି ସୌରଶକ୍ତି ଯୋଜନା କାହିଁକି ଆଗକୁ ବଢି ପାରୁନାହିଁ ତାହା ଉପରେ ବିଚାର ବିମର୍ଷକୁ ନେଇ କାର୍ଯ୍ୟକାରୀ କରିବା ଉଚିତ ବୋଲି ସର୍ବସାଧାରଣରେ ଦୃଢ଼ ଦାବି ହେଉଛି।

ପିମିଟ୍ କଲେଜ ପକ୍ଷରୁ ରକ୍ତଦାନ ଶିବିର

ଓଡ଼ଗାଁ,୧୭।୨/ଏନ୍‌ଏନ୍‌ଏସ୍: ଓଡ଼ଗାଁ ଏନଏସି ଅନ୍ତର୍ଗତ କୁମ୍ଭିଆପଲ୍ଲୀ ପିମିଟ୍ ଆବାସିକ ମହାବିଦ୍ୟାଳୟ ଓ ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୪୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆମ ଓଡ଼ିଶା ସଂଯୋଜକ ସୁନୀଲ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଓଡ଼ଗାଁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଯୋଗଦେଇ ସବୁଠାରୁ ରକ୍ତଦାନ ଏକ ମହତ କାମ ବୋଲି କହିଥିଲେ। ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ହେଉଛି ମହନୀୟତା। ତେଣୁ ସମସ୍ତ ଛାତ୍ରଛାତ୍ରୀ ରକ୍ତଦାନ କରିବାକୁ ସେ ପ୍ରେରଣା ଦେଇଥିଲେ। ପିମିଟ୍ କଲେଜ ସଂପାଦକ ସୁଶୀଲ କୁମାର ପ୍ରଧାନ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତ ଦିଅନ୍ତୁ ଓ ଅନ୍ୟର ଜୀବନ ବଞ୍ଚାଇବାରେ ସହଯୋଗ କରନ୍ତୁ ବୋଲି କହିଥିଲେ। ଯୁକ୍ତଦୁଇ ଅଧକ୍ଷ ସୁରେଶ କୁମାର ପ୍ରଧାନ, +୩ ଅଧକ୍ଷ ସୁନୀଲ କୁମାର ମହାପାତ୍ର, ନିତିଦିନ ସାମ୍ବାଦିକ ଗଣେଶ୍ୱର ସାହୁ, ସୁନିତା ମିଶ୍ର, ଲକ୍ଷ୍ମୀପ୍ରିୟା ପଟ୍ଟ ନାୟକ, ସୁମନ ପ୍ରିୟଦର୍ଶନୀ, ପ୍ରତିଭା ବାରିକ, ବିଷ୍ଣୁ ନାୟକ, ସୂର୍ଯ୍ୟମଣୀ ଦାଶ, ଜ୍ୟୋତିର୍ମୟୀ ପରିଡ଼ା, ସୂଜାତା ଦାସ, ପ୍ରିତିପ୍ରଜ୍ଞା ମହାପାତ୍ର, ମୃତ୍ୟୁଞ୍ଜୟ ପଣ୍ଡା ଆଦି ସହଯୋଗ କରିଥିଲେ। ନୟାଗଡ଼ ରକ୍ତ ଭଣ୍ଡାରରୁ ଡ଼ା. ବୈଜୟନ୍ତୀ ଜେନା, କାଉନସିଲର ଅଜୟ କୁମାର ପଟ୍ଟ ନାୟକ, ପବିତ୍ର ମୋହନ ସାହୁ, ରବିନ୍ଦ୍ରନାଥ ସାହୁ, ଅଭିମନ୍ୟୁ ସାହୁ, କୈଳାସଚନ୍ଦ୍ର ଲେଙ୍କା, ରଞ୍ଜିତା ସାଥୁଆ, ପଞ୍ଚୁ ଦଲେଇ, ଶବଦର ମଲ୍ଲିକ ଆଦି ସହଯୋଗ କରିଥିଲେ।

ଚାପମୁକ୍ତ ହୋଇ ମାଟ୍ରିକ୍ ପରୀକ୍ଷା ଦେବାକୁ ପରାମର୍ଶ

ଓଡ଼ଗାଁ,୧୭।୨/ଏନ୍‌ଏନ୍‌ଏସ୍: ଆଉ ଗୋଟିଏ ଦିନ ପରେ ଆରମ୍ଭ ହେବ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ପରୀକ୍ଷାର୍ଥୀମାନେ ଏଥିପାଇଁ ପ୍ରସ୍ତୁତ ହୋଇସାରିଥିବା ଦେଖାଯାଇଛି। ତେବେ ପରୀକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରାହାସ ବିଦ୍ୟାପୀଠ ସାକେରୀର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଓ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅରକ୍ଷିତ ସାହୁ ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଞ୍ଚି ମାଟ୍ରିକ ପରୀକ୍ଷା ପାଇଁ ଶୁଭକାମନା ଜଣାଇବା ସହ କୌଣସି ଚାପର ବଶବର୍ତ୍ତୀ ନହୋଇ ପରୀକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ତା'ସହିତ କିଭଳି ଶାନ୍ତିଶୃଙ୍ଖଳା ସହ ପରୀକ୍ଷାଦେବା ଓ ତରବର ନହୋଇ ପ୍ରଶ୍ନପଢି ସଠିକ୍ ଉତ୍ତର ଦେବାପାଇଁ ପରାମର୍ଶ ଦେଇଥିଲେ। ପରୀକ୍ଷା ଫଳାଫଳ ପ୍ରକାଶ ପାଇବାପରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ସୂଚନାଦେବା ସହିତ ପରୀକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ସଫଳତାପାଇଁ ପ୍ରଭୁ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ନିକଟରେ କାମନା କରିଥିଲେ।

ଜାତୀୟ ବାଳିକା ଦିବସରେ ସଚେତନତା

କଣ୍ଟିଲୋ,୧୭।୨/ଏନ୍‌ଏନ୍‌ଏସ୍: ଶୁକ୍ରବାର ଓ ଶନିବାର ଦୁଇଦିନ ଧରି କୁଞ୍ଜବିହାରୀ ନୋଡାଲ ବାଳିକା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ବାଳିକା ଦିବସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ପ୍ରଥମ ଦିବସ ଶୁକ୍ରବାର ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟତ୍ରୀମାନେ ପଦ ଯାତ୍ରାରେ ଗ୍ରାମ ପରିକ୍ରମା କରି ବେଟି ବଚାଓ ବେଟିପଢାଓ, କନ୍ୟା ସନ୍ତାନଙ୍କ ସୁରକ୍ଷା, ବାଲ୍ୟ ବିବାହ ନ କରିବା, ଶିକ୍ଷାକୁ ଅଗ୍ରାଧିକାର ଦେବା ଓ ଶସସ୍ତ୍ରିକରଣ ସମ୍ପର୍କେ ପ୍ଲାକାର୍ଡ ଧରି ସଚେତନତା କରିଥିଲେ। ଶନିବାର ଦିତୀୟ ଦିବସରେ କିଶୋରୀ ମାନଙ୍କର ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୋଷକ ତତ୍ତ୍ୱ ପ୍ରଦର୍ଶନୀ, ଚିତ୍ରାଙ୍କନ ଓ ପୋଷ୍ଟର ପେଙ୍ଟିଂ, ଡିବେଟ୍ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ଛାତ୍ରୀ ମାନଙ୍କ ଦ୍ୱାରା ବାଲ୍ୟବିବାହ ସମ୍ପର୍କିତ ନାଟକ ଓ ନୃତ୍ୟ ପରିବେଷଣ କରି ସଚେତନତା ସୃଷ୍ଟି କରାଯାଇଥିଲା। ସୋମବାର ଶିକ୍ଷୟିତ୍ରୀ ବିଳାସିନୀ ଦଳେଇଙ୍କ ଦାୟିତ୍ୱରେ ନାରୀ ସଶକ୍ତୀକରଣ ଉପରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା ବେଳେ, ଶିକ୍ଷୟିତ୍ରୀ ମନସ୍ୱିନୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ, ଶକ୍ତି ସଂରକ୍ଷଣ ଓ ଶିକ୍ଷାକ୍ଷେତ୍ରରେ ଏଆଇର ଭୂମିକା ସମ୍ପର୍କରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ଓ ସରିତା ମହାରଣା ପରିଚାଳନା କରିଥିଲେ।

ଶକ୍ତିଶ୍ରୀ ସଶକ୍ତୀକରଣର ଉଦ୍‌ଯାପନୀ ଉତ୍ସବ

ଚିଲିକା,୧୭।୨/ଏନ୍‌ଏନ୍‌ଏସ୍: ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ଦ୍ୱାରା ଆୟୋଜିତ ଅମୃରକ୍ଷା କୌଶଳ ଶିବର କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ବହୁଳ ସଂଖ୍ୟକ ଛାତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ

ନିତି ଭାରତୀ

ଈଶ୍ୱର ଜଣେ। ତାଙ୍କ ସମ ଆଉ କେହି ନାହାନ୍ତି। ତାଙ୍କର ଅନ୍ତ ନାହିଁ। ସମସ୍ତ ଜୀବନ୍ତ ପ୍ରାଣୀଙ୍କ ଶରୀରରେ ସେ ବିଦ୍ୟମାନ।
- ରାଜା ରାମ ମୋହନ ରାୟ

NITIDIN
ନିତିଦିନ
ବୁଧବାର, ୧୮ ଫେବ୍ରୁଆରୀ ୨୦୨୬

ତମାଖୁ ଓ ନିକୋଟିନ୍‌ଯୁକ୍ତ ଦ୍ରବ୍ୟ ନିଷେଧାଦେଶର ଫଳପ୍ରଦତା

ନିରଞ୍ଜନ ସାହୁ

ଚଳିତ ୨୦୨୬ ଜାନୁଆରୀ ଏକୋଇଶ ତାରିଖରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ତମାଖୁ ଓ ନିକୋଟିନ୍‌ଯୁକ୍ତ ଦ୍ରବ୍ୟ ନିଷିଦ୍ଧ କରାଗଲା ବୋଲି ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହି ନିଷେଧାଦେଶଟି ପାଠ କଲେ ଆପଣଙ୍କର ଧାରଣା ହେବ ଯେ ଏହା ଫଳରେ ଦୀର୍ଘ ଦିନରୁ ଚାଲି ଆସିଥିବା ଏକ ଅସଙ୍ଗତିକୁ କେବଳ ଦୂର କରାଯାଇଛି, ତାହା ନୁହେଁ, ବରଂ ମାନନୀୟ ସୁପ୍ରିମ୍‌କୋର୍ଟଙ୍କର ଏକ ଆଦେଶର ଅନୁପାଳନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶିକାର ସଫଳ ପ୍ରୟୋଗ କରାଗଲା ବୋଲି ଧାରଣା ସୃଷ୍ଟି କରାଯାଇଛି। ସତେ ଅବା ଏହା ଗୋଟିଏ ଗୁଳିରେ ତିନି ତିନିଟା ଶିକାର।

୨୦୧୩ ଗୁଟ୍‌ଖା ନିରୋଧ ଆଦେଶରେ କ'ଣ ଅସଙ୍ଗତି ରହିଲା ଯେ ତାହାର ପୁନର୍ବିଚାର କରିବାକୁ ପଡ଼ିଲା- ଏଇ ପ୍ରଶ୍ନରେ ଆପଣ ଆନ୍ଦୋଳିତ ହେବେଣି। ଆଗରୁ ପାନ ମସଲା ସହିତ ଗୁଟ୍‌ଖା ମିଶା ହୋଇ ବିକ୍ରି କରାଯିବାକୁ ନିଷିଦ୍ଧ କରାଯାଇଥିଲା। ଆମ ଦେଶରେ ବୁଦ୍ଧି ଦେବା ଲୋକଙ୍କର ତ ଅଭାବ ନାହିଁ! ଗୁଟ୍‌ଖା ବିକ୍ରେତା ସଂଘ ନିଷ୍ପତ୍ତି ନେଲେ, ସେମାନେ ପାନ ମସଲା ଓ ଗୁଟ୍‌ଖାକୁ ଭିନ୍ନ ଭିନ୍ନ ପ୍ୟାକେଟ୍‌ରେ ବିକିବେ, ଅର୍ଥାତ୍ ତାହା ବଳରେ ସେମାନେ ସରକାରୀ ଆଦେଶରେ ଥିବା ଦୁର୍ବଳତାର ଫାଇଦା ଉଠେଇଲେ।

ଆପଣମାନେ ମନେ ପକେଇ ପାରିବେ ଦୁଇ ଆଇନଜୀବୀଙ୍କ ବିଷୟରେ ଥିବା କାହାଣୀଟିଏ। ଥରେ ଦୁଇ ଆଇନଜୀବୀ ବନ୍ଧୁ ଗୋଟିଏ ହୋଟେଲକୁ ଗଲେ। ସେମାନେ ନିଜ ନିଜ ଘରୁ ସେମାନଙ୍କ ଖାଦ୍ୟ ନେଇ ଯାଇଥିଲେ। ହୋଟେଲରେ ପହଞ୍ଚି ଚା' ବରାଦ କଲେ ଏବଂ ନିଜ ନିଜ ଘରୁ ନେଇଥିବା ଖାଦ୍ୟ ଖାଇବାକୁ ଆରମ୍ଭ କରିବାକୁ ଯାଉଛନ୍ତି, ଏତିକ ବେଳେ ହୋଟେଲର ପ୍ରତିରକ୍ଷା କର୍ମଚାରୀ ତାଙ୍କ ପାଖକୁ ଝପଟି ଆସି କାନ୍ଥରେ ଲେଖା ହୋଇଥିବା ଏକ ନିଷେଧାଦେଶ ପଢ଼ିବାକୁ କହିଲେ। କାନ୍ଥରେ ଲେଖା ଥିଲା- 'ନିଜ ନିଜ ଘରୁ ଆଣିଥିବା ଖାଦ୍ୟ ଖାଇବା ସମ୍ପୂର୍ଣ୍ଣ ଭାବେ ମନା'। ନିଷେଧାଦେଶ ପଢୁ ପଢୁ ଦୁଇ ଆଇନଜୀବୀ ବନ୍ଧୁ ହସିଲେ ଏବଂ ପରସ୍ପରର ଟିଫିନ୍ କ୍ୟାରିଅରରେ ଥିବା ଖାଦ୍ୟକୁ ବଦଳେଇ ଦେଲେ ଏବଂ ଦୃଢ଼ ଭାବରେ ଜଣେଇଲେ ଯେ ସେମାନେ ବହୁ ଅଭିଜ୍ଞତାସମ୍ପନ୍ନ ଆଡ୍‌ଭୋକେଟ୍ ଏବଂ ସେମାନେ କୌଣସି ବୈଧାନିକ ନିଷେଧାଦେଶର ଅବମାନନା କରୁ ନାହାନ୍ତି।

୨୦୧୩ର ଆଦେଶ ସେଇଭଳି ଭାବରେ ଅଦରକାରୀ ହୋଇ ପଡ଼ି ରହିଲା କହିଲେ ଚଳେ। ଏହାକୁ ତିରିଶଟି ଜିଲ୍ଲାରୁ ଅଠେଇଶଟି ଜିଲ୍ଲାର ସମ୍ପୃକ୍ତ ଅଧିକାରୀମାନେ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ କହି ଏଡ଼େଇ ଗଲେ। କେବଳ ରାଜ୍ୟ ପ୍ରଶାସନର ପାଖରେ ଥିବାରୁ ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ମାତ୍ର ୧୯ଟି କେସ୍ ରୁଜୁ ହୋଇ ପାରିଲା ଏବର ନୂଆ ଆଇନ ଆସିବା ପର୍ଯ୍ୟନ୍ତ, ଯାହା କେବଳ ଥିଲା ଧର୍ମକୁ ଆଖିଠାର।

ଏଇ ଆଦେଶଟିର ପଟ୍ଟଭୂମି ହେଲା, ଅନେକ ଲୋକ ତମାଖୁ ଜାତୀୟ ନିକୋଟିନ୍‌ଯୁକ୍ତ ପଦାର୍ଥ ବ୍ୟବହାର କରନ୍ତି। ସେଗୁଡ଼ିକୁ ପାଟିରେ ପକାଇ କଳରେ ଜାକନ୍ତି ବା ପାକୁଳି କରନ୍ତି। ଏହା ବ୍ୟବହାରକାରୀଙ୍କର ଅଭ୍ୟାସରେ ପଡ଼ିଯାଏ ଏବଂ କାଳକ୍ରମେ ସେମାନଙ୍କ ଭିତରୁ ଅନେକ ଦୁରାରୋଗ୍ୟ କ୍ୟାନ୍‌ସର୍ ରୋଗରେ ପୀଡ଼ିତ ହୋଇଥାନ୍ତି। ଏଇ ବ୍ୟବହାରକାରୀଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୪୨ ଶତାଂଶ। ତେଣୁ ଏଭଳି ଏକ ପ୍ରଚଳିତ ଧାରାକୁ ବାସ୍ତବରେ କାର୍ଯ୍ୟକାରୀ କରିବା ବହୁତ କାଠିକର ପାଠ। ଏହା ଅସମ୍ଭବ ନୁହେଁ, ମାତ୍ର ଏଥିପାଇଁ ଆବଶ୍ୟକ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ। କାର୍ଯ୍ୟାନୁଷ୍ଠାନ ନେବାକୁ ଯେଉଁ ବିଭାଗମାନେ ସମ୍ପର୍କିତ, ସେମାନଙ୍କର ଅଧିକାରୀମାନଙ୍କୁ ପର୍ଯ୍ୟାପ୍ତ ତାଲିମ ଓ ସେମାନଙ୍କ କାମର ତ୍ୱରିତ ପର୍ଯ୍ୟବେକ୍ଷଣ ଏବଂ ତ୍ରୁଟି ପାଇଁ ଦଣ୍ଡ ବିଧାନ। ସାମାଜିକ ଅନୁଷ୍ଠାନମାନେ ମଧ୍ୟ ଲୋକଙ୍କ ଭିତରେ ଏକ ସକାରାତ୍ମକ ଧାରଣା ସୃଷ୍ଟି କରି ପାରିବେ।

ଯେଉଁ ଦାୟିତ୍ୱହୀନ କର୍ମଚାରୀଙ୍କ ପାଇଁ ଏହିପରି ଏକ ସମ୍ବେଦନଶୀଳ ପ୍ରସଙ୍ଗଟି ମୁହ୍ୟମାନ ଅବସ୍ଥାରେ ରହିଲା, ସେମାନଙ୍କୁ କେବେ ବି ସରକାର ଦଣ୍ଡ ଦେବାକୁ ଆଗେଇ ଆସିଲେନି, କାରଣ ଏହି ସମୟ ଭିତରେ ବେପାର ଭଲ ଚାଲିବାରୁ ସରକାର ୬୫୯୫ କୋଟି ଟଙ୍କାର ରାଜସ୍ୱ ପାଇଛନ୍ତି। ସରକାର ରାଜସ୍ୱ ପାଇଁ ନିଜର ନାଗରିକମାନଙ୍କୁ କ୍ୟାନ୍‌ସର୍‌ର ଚକ୍ରବ୍ୟୂହରେ ପକେଇ ଦେବେ, ତାହା କ'ଣ ଗ୍ରହଣୀୟ! ଚୋବେଇକି ଯେଉଁମାନେ ତମାଖୁଜାତୀୟ ଦ୍ରବ୍ୟ ଖାଉଛନ୍ତି, ସେମାନେ ଅନ୍ୟମାନଙ୍କଠାରୁ କୋଡ଼ିଏ ଗୁଣ ଅଧିକ କ୍ୟାନ୍‌ସର୍ ଭୋଗିବାର ସମ୍ଭାବନା। ଏହା କୁହେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କ ବାଣୀ।

ତମାଖୁକୁ ମଧ୍ୟ ଅନେକ ଲୋକ ଧୂମପାନ ଭାବରେ ବ୍ୟବହାର କରନ୍ତି। ତାହା ଏହି ନିଷେଧାଦେଶର ପରିସରଭୁକ୍ତ ନୁହେଁ, ଅର୍ଥାତ୍ ସିଗାରେଟ୍, ପ୍ୟାକେଟ୍‌ରେ 'ଏହା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ଏବଂ ବ୍ୟବହାରକାରୀ କ୍ୟାନ୍‌ସର୍ ଭୋଗି ପାରନ୍ତି'- ଏତକ ଲେଖିଦେଇ ସରକାର ତାଙ୍କର ଦାୟିତ୍ୱ ଶେଷ କରି ଦେଉଛନ୍ତି। ଆପଣ ଯଦି ଏହାକୁ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ନିଷେଧ କରାଯାଇ ପାରିବ କି ବୋଲି ପ୍ରଶ୍ନ କରିବେ, ଏହା ଏକ ରକମର ଅସମ୍ଭବ ବୋଲି ଅନେକ ଲୋକ କହିବେ। ଲୋକଙ୍କ ମୁହଁରେ ବାଡ଼ବଡା ନଥାଏ। କେତେକ କହିବେ- ଆଜ୍ଞା, ନିଶା ମାନେ ହେଲା ଗୋଟାଏ ଦୀର୍ଘ ଅଭ୍ୟାସ, ଯାହାକୁ ଆପଣ ବନ୍ଦ କରିଦେବେ। ତାକୁ ପାଇବାକୁ ସେ ଯେ କୌଣସି ବି କର୍ମ କରିବାକୁ ମଧ୍ୟ ପ୍ରସ୍ତୁତ ଥିବ। ଡ୍ରଗ୍ସ ଏତେ ମାରାତ୍ମକ ସେଇଥିପାଇଁ ଯେ ଥରେଅଧେ ନିଜ ଖର୍ଚ୍ଚ କରି ଜଣକର ଅଭ୍ୟାସ କରେଇ ଦେଲେ ସେ ଜୀବନସାରା ତମର ଚାକର ପାଲଟି ଯିବ, ବୋଲହାକ କରୁଥିବ। ଏହା ଏପରି ମାନସିକ ପ୍ରକ୍ରିୟା ସୃଷ୍ଟି କରେ, ଯାହା ଅପ୍ରତିରୋଧ। ଗୋଟିଏ ସୁସ୍ଥ ସମାଜ ଗଢ଼ିବାର

ଦାୟିତ୍ୱ କ'ଣ କେବଳ ସରକାର ଆଉ ବ୍ୟକ୍ତିଟିର ନୁହେଁ?

ତାମ୍ବୁଳ ବା ପାନ ପୁରାତନ କାଳରୁ ଓଡ଼ିଶା ଭୂଖଣ୍ଡରେ ଏକ ପ୍ରିୟ ଅମଳ। ଏଇ କିଛି ବର୍ଷ ତଳେ କୌଣସି ଗ୍ରାମାଞ୍ଚଳକୁ ଗଲେ ସେମାନେ ତାମ୍ବୁଳ ପ୍ରଦାନ କରି ନିଜର ଅତିଥିଙ୍କୁ ମୌଳିକ ସମ୍ବାଷଣ କରୁଥିଲେ। ପାନ କହିଲେ କେବଳ ପାନପତ୍ରକୁ ବୁଝାଏ ନାହିଁ; ତା' ସହିତ ଚୂନ, ଖଇ ଗୁଆ ଏବଂ ଗୁଣ୍ଡିକୁ ବୁଝାଉ ଥିଲା। ଏହି ଗୁଣ୍ଡିରେ ଧୂଆଁପତ୍ର ମିଶୁଥିବାରୁ ତାହା ମଧ୍ୟ ଥିଲା ନିକୋଟିନ୍ ସଂଯୁକ୍ତ। କ୍ରମେ ଏହାକୁ କୌଶଳରେ ଅଧିକ ରସାୟନଯୁକ୍ତ କରାହେଲା ଏବଂ ସେଗୁଡ଼ିକ ପାନମଧୁରୀ, ଜର୍ଦ୍ଦା, ଧୂଳିଗୁଣ୍ଡି, କିମାମ୍ ଆଦି ବିବିଧ ବିଭୂଷଣଯୁକ୍ତ ନାଁରେ ପ୍ରଚଳିତ ହେଲା। ଏମାନେ ଗୁଟ୍‌ଖାର ବିବିଧ ପ୍ରକରଣ। ଆଜିକାଲି ବଜାରରେ ମିଳୁଥିବା ରଜନୀଗନ୍ଧା ପରି ବହୁ ସୁଗନ୍ଧଯୁକ୍ତ ଏମାନଙ୍କର କାରନାମା। ଲୋଭନୀୟ ବିଜ୍ଞାପନ ଦ୍ୱାରା ଏଗୁଡ଼ିକ ଗ୍ରାହକମାନଙ୍କ ମଗଜରେ ବାସ କରିଯାଏ। ଏମିତି ଲୋକ ଅଛନ୍ତି, ଭାତ ଛାଡ଼ିଦେବେ ହେଲେ ଖଇନିକୁ ଛାଡ଼ି ପାରିବେନି। ଏମିମିତି ବି ଲୋକ ଅଛନ୍ତି, ମଦ ପିଇ ପିଇ ଖୁସବନ୍ତ ସିଂହ କୁଆଡ଼େ ଶହେ ବର୍ଷ ବଞ୍ଚିଥିଲେ, ଆଉ ଜୀବନସାରା ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ସ୍ୱାମୀ ବିବେକାନନ୍ଦଙ୍କର ମାତ୍ର ତେତିଶ ବର୍ଷରେ ଜୀବନ ଦୀପ ଲିଭିଗଲା। ଆୟୁଷ କେବଳ ନିଶା ଜବଳିତ ନୁହେଁ- ଏମିତି ବିତଣ୍ଡା ଯୁକ୍ତି ଶୁଣିଲେ ଆପଣ କ'ଣ କରିବେ; 'ମୂଢ଼ ସଭାରେ ମୂକ ଯଥା ଧାର୍ମିକ!' ଏବେ ଆପଣମାନେ କୁହନ୍ତୁ, ଏ ନିଷେଧାଦେଶ କାର୍ଯ୍ୟକାରୀ ହେବାକୁ ସରକାରଙ୍କର ଇଚ୍ଛାଶକ୍ତି ଅଛି ନା ଏହାଦ୍ୱାରା କେବଳ ଦୁର୍ନୀତି ବୃଦ୍ଧି ହୋଇ କିଛି ସରକାର କର୍ମଚାରୀ ଓ ନେତାଙ୍କ ବେଆଇନ, ତହବିଲ ବୃଦ୍ଧି ପାଇବ? ଏ ପର୍ଯ୍ୟନ୍ତ ବିସ୍ତୃତ ନିର୍ଦ୍ଦେଶାବଳୀ ଆସିନାହିଁ। ଦେଖିବା, ଆଗାମୀ ଦିନରେ ଏହାର କାର୍ଯ୍ୟକାରିତା କେତେ ଦୃଢ଼ ହେଉଛି! ଅବଶ୍ୟ ଏହା ଭିତରେ ସରକାର ଆଉ ଗୋଟାଏ ସ୍ୱଷ୍ଟୀକରଣ ଦେଇ ମୂଳ ବିଜ୍ଞପ୍ତିକୁ ଦୁର୍ବଳ କରି ସାରିଲେଣି। ନିଶାମୁକ୍ତି ଦିଗରେ ସରକାରଙ୍କ ଆଭିମୁଖ୍ୟ କେତେ ସ୍ପଷ୍ଟ, ତାହା ଏଥିରୁ ଜଣା।

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ। ମତାମତ ବ୍ୟକ୍ତିଗତ।)

ମୋ: ୯୪୩୮୪୮୨୯୧୧

ରେବନ୍ତ ରାଜୁତି

ତେଲେଙ୍ଗାନା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ନବେ ପ୍ରତିଶତ ପ୍ରହାର ଦର ସହିତ କଂଗ୍ରେସର ଅଭୂତପୂର୍ବ ବିଜୟ ଏହାର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ନିଜ ଦଳ ଭିତରେ ତଥା ସରକାରରେ ସର୍ବଶ୍ରେଷ୍ଠ ଯୋଗ୍ୟ ବ୍ୟକ୍ତି ଭାବରେ ପ୍ରମାଣିତ ଓ ଅଧିଷ୍ଠିତ କରିଛି। ଏହା ତାଙ୍କର ମୁଖ୍ୟମନ୍ତ୍ରିତ୍ୱକୁ ନିଃସନ୍ଦେହରେ ସମ୍ପୂର୍ଣ୍ଣ କାର୍ଯ୍ୟକାଳରୁ ମଧ୍ୟ ଆଗକୁ ଯିବା ଭଳି ସ୍ଥିତିରେ ଉପନୀତ କରାଇଛି। ତେବେ ଆସନ୍ତା ବିଧାନସଭା ନିର୍ବାଚନରେ କ୍ଷମତାକୁ କାଏମ୍ ରଖିବା ନିମନ୍ତେ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ରେବନ୍ତ ରେଡ୍ଡୀଙ୍କୁ ନିଜର ପ୍ରଶାସନକୁ- ଉଭୟ ରାଜ୍ୟ ସରକାର ଏବଂ ତୃଣମୂଳ ସ୍ତରରେ- ନିରନ୍ତର ପ୍ରଦାନ କରିବା ଭଙ୍ଗୀରେ ରଖିବାକୁ ପଡ଼ିବ। ଗ୍ରାମାଞ୍ଚଳଗୁଡ଼ିକୁ ସେବା ପ୍ରଦାନ କରିବାର ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ, କାରଣ ନିକଟରେ ଶେଷ ହୋଇଥିବା ଗ୍ରାମ ପଞ୍ଚାୟତ ନିର୍ବାଚନଗୁଡ଼ିକରେ ମଧ୍ୟ କଂଗ୍ରେସ ଉଲ୍ଲେଖନୀୟ ନିର୍ବାଚନୀ ଲାଭ ହାସଲ କରିଛି। ରେବନ୍ତ ରେଡ୍ଡୀଙ୍କ ପାଇଁ ପରବର୍ତ୍ତୀ ଅଗ୍ନି ପରୀକ୍ଷା ସାବ୍ୟସ୍ତ ହେବାକୁ ଯାଉଛି ଗ୍ରେଟର ହାଇଦ୍ରାବାଦ ଅଞ୍ଚଳ, ଯାହା ବର୍ତ୍ତମାନ ତିନି ଗୋଟି ଅଞ୍ଚଳ ଯଥା, ହାଇଦ୍ରାବାଦ, ସାଇବରାବାଦ ଏବଂ ମାଲକାଜଗିରି ମ୍ୟୁନିସିପାଲ କର୍ପୋରେସନ୍‌ରେ ବିଭକ୍ତ ହୋଇ ସାରିଛି। ଏହିସବୁ ଅଞ୍ଚଳରେ ତତ୍କାଳୀନ ଆଇଟି ମନ୍ତ୍ରୀ କେଟି ରାମାରାଓ ଯେପରି ଭାବରେ ବିକାଶର ନକ୍ସାକୁ ଉପସ୍ଥାପନ କରିଥିଲେ, ଭୋଟରମାନେ ତାହାଦ୍ୱାରା ପ୍ରଭାବିତ ହୋଇ ୨୦୨୩ ବିଧାନସଭା ନିର୍ବାଚନରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସପକ୍ଷରେ ଠିଆ ହୋଇଥିଲେ ଏବଂ କଂଗ୍ରେସକୁ ଏହି ଅଞ୍ଚଳରେ ରହିଥିବା ୨୪ଟି ଆସନ ମଧ୍ୟରୁ ଗୋଟିଏ ହେଲେ ପ୍ରଦାନ କରି ନଥିଲେ। ତେବେ ରେବନ୍ତ ରେଡ୍ଡୀ ସମସ୍ତ ତିନି ଗୋଟିଯାକ କର୍ପୋରେସନ୍‌ରେ ବିଜୟ ହାସଲ କରି ହାଇଦ୍ରାବାଦରେ ନିଜର ଛାପ ଛାଡ଼ିଯିବାକୁ ଅତ୍ୟନ୍ତ ଆଗ୍ରହୀ, ଯାହା ୨୦୨୯ ବିଧାନସଭା ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ରେବନ୍ତ ରେଡ୍ଡୀଙ୍କ ତେଲେଙ୍ଗାନା ଉଦୟ (ତେଲେଙ୍ଗାନା ରାଇଜିଂ) ୨୦୪୭ ମଡେଲ, ଯାହା ହାଇଦ୍ରାବାଦ ଏବଂ ଏହାର ଆଖପାଖ ଅଞ୍ଚଳକୁ ଅଭିବୃଦ୍ଧିର ଇଞ୍ଜିନ୍ ଭାବରେ ବ୍ୟବହାର କରି ୨୦୪୭ ସୁଦ୍ଧା ତେଲେଙ୍ଗାନାକୁ ୩ ଟ୍ରିଲିଅନ୍ ଡଲାରର ଅର୍ଥନୀତିରେ ପରିବର୍ତ୍ତିତ କରିବାର ଲକ୍ଷ୍ୟ ବହନ କରୁଛି, ତାହା ଆଞ୍ଚଳିକ ରିଙ୍ଗ୍ ରୋଡ୍ ଏବଂ ସମସାବାଦ୍‌ରେ ଏକ ଦ୍ରୁତଗତିସମ୍ପନ୍ନ ରେଳ ପେଣ୍ଠ ଭଳି ଅଧିକ ବଜେଟ୍‌ର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିବା ପରେ ଅଧିକ ପ୍ରୋତ୍ସାହନ ଲାଭ କରିଛି। ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ମତ ଯେ ହାଇଦ୍ରାବାଦର କେନ୍ଦ୍ରୀୟ ଅଞ୍ଚଳ ଏବଂ ଓଆରଆର୍ ଓ ଆରଆରଆର୍ ମଧ୍ୟରେ ପ୍ରସ୍ତାବିତ ବିକାଶମୂଳକ ପେଣ୍ଠଗୁଡ଼ିକ ଭାରତର ଏହି ପଞ୍ଚମ ଅର୍ଥନୀତିକ ଶକ୍ତିକେନ୍ଦ୍ରକୁ ଏକ ବୈଶ୍ୱିକ ନଗରୀରେ ପରିଣତ କରିବ। ଉତ୍କଟ ଆର୍ଥିକ ପ୍ରତିବନ୍ଧକଗୁଡ଼ିକ ସତ୍ତ୍ୱେ ରେବନ୍ତ ରେଡ୍ଡୀ ସରକାର ଏହାର ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ଅଧିକାଂଶ ପୂରଣ କରିବାରେ ସମର୍ଥ ହୋଇଛି, ଯେପରିକି ସେଗୁଡ଼ିକ ମଧ୍ୟରୁ ଅଳ୍ପ କେତେକ ହେଉଛି- ମହିଳାମାନଙ୍କୁ ମାଗଣାରେ ବସ୍‌ରେ ଯାତାୟାତ କରିବାର ସୁବିଧା ପ୍ରଦାନ କରିବା, ଫସଲ ଋଣ ଛାଡ଼, ଗରିବମାନଙ୍କୁ ମାଗଣାରେ ବିଜୁଳି ଯୋଗାଣ ଏବଂ ନୂଆ ରାସନ କାର୍ଡ ପ୍ରଦାନ ଇତ୍ୟାଦି। ଦରଦାମ୍ ଯେତେବେଳେ ଆକାଶଛୁଆଁ, ସେତେବେଳେ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ସରୁ ଚାଉଳ ଯୋଗାଇ ଦେବା ସମାଜର ସର୍ବନିମ୍ନ ସ୍ତରରେ ରହୁଥିବା ଲୋକମାନଙ୍କର ତାଙ୍କ ପ୍ରତି ଶ୍ରଦ୍ଧା ସଜ୍ଞାନ ସୃଷ୍ଟି କରିଛି ଏବଂ ସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଁ ନିରବଚ୍ଛିନ୍ନ ଭାବରେ ଚୟନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ହଜାର ହଜାର ସରକାରୀ ଚାକିରି ସୃଷ୍ଟି କରିବାରେ ସହାୟକ ହୋଇଛି।

ଘରୋଇ କ୍ଷେତ୍ରରେ କର୍ମନିଯୁକ୍ତି ସୃଷ୍ଟି ଯଦିଓ ରିୟଲ୍‌ଟି ଉଦ୍ୟୋଗରେ ମାନ୍ଦାବସ୍ଥା ଯୋଗୁଁ ସାମାନ୍ୟ ଧୀମା ହୋଇଛି, ତଥାପି ଆଇଟି ଉଦ୍ୟୋଗରେ ବୈଶ୍ୱିକ ପୁଞ୍ଜିନିବେଶର ପ୍ରବାହ ଯୋଗୁଁ ସାମାନ୍ୟ ବୃଦ୍ଧି ହୋଇଛି। ରାଜନୀତିକ କ୍ଷେତ୍ରରେ ଦଶନ୍ଧି ଦଶନ୍ଧିର ତଫସିଲଭୁକ୍ତ ଜାତିମାନଙ୍କ ବର୍ଗୀକରଣ ସମସ୍ୟାକୁ ସମାଧାନ କରି ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ତାଙ୍କର ଅପ୍ରତିହତ ଅନ୍ୱେଷଣ ଏବଂ ତାଙ୍କ ଦଳର ନେତା ରାହୁଲ ଗାନ୍ଧୀଙ୍କ ନାରା 'ଜିତ୍‌ନା ଆବାଦୀ ଉତ୍‌ନା ହକ୍' ଯାହାର ଅର୍ଥ ହେଉଛି, ଅବହେଳିତ ଶ୍ରେଣୀମାନଙ୍କ ନିମନ୍ତେ ସଂରକ୍ଷଣରେ ବୃଦ୍ଧି ଘଟାଇବା ତାଙ୍କର ମାଷ୍ଟର୍‌ଷ୍ଟ୍ରୋକ୍ ସମୂହ। ଯଦିଓ ପଛୁଆ ଶ୍ରେଣୀଗୁଡ଼ିକରେ ରହୁଥିବା ଲୋକମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ବୃଦ୍ଧିକୁ ବେଧ କରିବା ପାଇଁ ଆଇନଗତ ପ୍ରତିବନ୍ଧକଗୁଡ଼ିକ ତାଙ୍କୁ ପ୍ରତିରୋଧ କରୁଛି, ତେବେ ରେବନ୍ତ ରେଡ୍ଡୀ ନିଜେ ଏହାର ଏକ ରାଜନୀତିକ ସମାଧାନର ପନ୍ଥା ବାହାର କରିଛନ୍ତି- ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଅଧିକ ସଂଖ୍ୟାରେ ଟିକେଟ୍ ପ୍ରଦାନ କରିବା। ତାଙ୍କର ଏହି ପଦକ୍ଷେପ କେବଳ ତାଙ୍କୁ ଉପରୋକ୍ତ ବର୍ଗଗୁଡ଼ିକ ମଧ୍ୟରେ ଜନପ୍ରିୟ କରାଇ ନାହିଁ, ବରଂ ବିରୋଧୀ ଦଳମାନଙ୍କୁ ମଧ୍ୟ କଂଗ୍ରେସର ପଦାଙ୍କ ଅନୁସରଣ କରିବା ନିମନ୍ତେ ବାଧ କରିଛି। ଆଜିକା ଦିନରେ ତେଲେଙ୍ଗାନାରେ ନିର୍ବାଚିତ କାଉନ୍‌ସିଲର/କର୍ପୋରେଟରମାନଙ୍କ ମଧ୍ୟରୁ ୫୫.୪୬ ପ୍ରତିଶତ ପଛୁଆ ଶ୍ରେଣୀମାନଙ୍କ ଦ୍ୱାରା ଅଧିକୃତ, ଯାହା ବାଧତାମୂଳକ ୨୮ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାଠାରୁ ଅଧିକ ଏବଂ ମ୍ୟୁନିସିପାଲିଟି ଓ କର୍ପୋରେସନ୍‌ମାନଙ୍କରେ ଯଥାକ୍ରମେ ୩୫ ପ୍ରତିଶତ। ୟୁଏଲ୍‌ବିଗୁଡ଼ିକର ଅଧ୍ୟକ୍ଷ ପଦଗୁଡ଼ିକ ପାଇଁ ସିଦ୍ଧାନ୍ତମୂଳକ ଫଳାଫଳ ଆସିବା ପରେ ଅଧିକାଂଶ ପଛୁଆ ଶ୍ରେଣୀର ଲୋକମାନେ କ୍ଷମତାରେ ରହିବେ, ଯାହାର କାରଣ ହେଉଛି ଏହି ପରମ୍ପରାକୁ ଚଳାଇ ରଖିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତ୍ତି ଗ୍ରହଣ।

ଆଭାସୀ ଦୁନିଆର ମାୟାଜାଲ ଓ ବିଚ୍ୟୁତ ଯୁବପିଢ଼ି

ମାନସ କୁମାର କର

ଆଜିର ଯୁବଶକ୍ତି ଅନ୍ୟାୟ ଏବଂ ବିସଙ୍ଗତି ବିରୁଦ୍ଧରେ ଠିଆ ହେବା ଏବଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସଦା ପ୍ରସ୍ତୁତ ରହୁଛି। କିନ୍ତୁ ସମସ୍ୟା ହେଉଛି, ପ୍ରଯୁକ୍ତିବିଦ୍ୟା ଏବଂ ସୋସିଆଲ ମିଡିଆ ଦ୍ୱାରା ପ୍ରଭାବିତ ଏହି ପିଢ଼ି ସବୁକିଛି ତତ୍କାଳ ସୁଧାରିବାକୁ ଚାହୁଁଛି।

ସାରା ବିଶ୍ୱରେ ଯୁବକମାନଙ୍କର ନୂତନ ପିଢ଼ି ଅଧିକ ପ୍ରଖର ଏବଂ ତ୍ୱରିତ ପଦକ୍ଷେପ ନେଇ ଆଗକୁ ବଢୁଥିବା ଏକ ଗୋଷ୍ଠୀ। ସୋସିଆଲ ମିଡିଆ ଏବଂ ସ୍ମାର୍ଟଫୋନ୍ ଯୁଗର ଏହି ପିଢ଼ିକୁ ଆଜିକାଲି 'ଜେନ୍-ଜି' କୁହାଯାଉଛି। ଏହା ହିଁ ସେହି ନୂତନ ଯୁବଶକ୍ତି, ଯାହା ନିଜ ନିଜ ଦେଶରେ ଅନ୍ୟାୟ ଏବଂ ବିସଙ୍ଗତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି। କିଛି ସମୟ ପୂର୍ବରୁ ସମଗ୍ର ବିଶ୍ୱ ନେପାଳ, ଶ୍ରୀଲଙ୍କା ଏବଂ ବାଂ

ବିକାଶ ଠାରୁ ବହୁ ଦୂରରେ 'ଔ' ନାଳ ପୋଲ

ତାଳଚେର,୧୭।୨/ଏନ୍ଏନ୍ଏସ୍: ତାଳଚେର ପୌରପିଷଦ ଅନ୍ତର୍ଗତ ୱାର୍ଡ ନଂ-୧୬ ଗୋପୀନାଥପୁର ଗ୍ରାମର ଶ୍ମଶାନଘାଟକୁ ଲାଗି ରହିଥିବା ବହୁପୁରାତନ 'ଔ'ନାଳ ପୋଲ ଏବେ ବିକାଶ ଠାରୁ ବହୁ ଦୂରରେ। ପୌରପରିଷଦ ପକ୍ଷରୁ ବିଭିନ୍ନ ବିକାଶମୂଳକ କ୍ଷେତ୍ରରେ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହି ବହୁ ପୁରାତନ ରାଜା ରାଜୁଡ଼ା ଅମଳର ପୋଲ ଏବେ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ଏହି ପୋଲର ଅବସ୍ଥା ଏତେ ଶୋଚନୀୟ ଏହା ଉପରେ କୌଣସି ଗାଡ଼ିମଟର ଚାଲିଗଲେ ଏହା ଦୋହଲିବା ଭଳି ଅବସ୍ଥା ଦେଖାଦେଉଛି। ଗୋପୀନାଥପୁରର ଗ୍ରାମର ଶତାଧିକ ପୁରୁଷ, ମହିଳା, ସ୍କୁଲ, କଲେଜ ଛାତ୍ରଛାତ୍ରୀ, ମେଡିକାଲ, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ଇତ୍ୟାଦି ପ୍ରତ୍ୟେକ ଦିନ ଏହି ପୋଲଦେଇ ଯାତାୟତ କରିଥାନ୍ତି। ଏବଂ ତାଳଚେର ସହରବାସୀଙ୍କ ସମେତ ବିଭିନ୍ନ ଗାଁଗଣ୍ଡାରୁ ଲୋକମାନେ ବିବାହ, ବ୍ରତ, ଜନ୍ମଦିନ, ପିଣ୍ଡଦାନ, ପୂଜାପାଠ କରିବା ଉଦ୍ଦେଶ୍ୟରେ ତାଳଚେରର ଐତିହାସିକ ପଶ୍ଚିମେଶ୍ୱର ଶୈବପୀଠକୁ ଯିବାକୁ ହେଲେ ଏହି 'ଔ'ନାଳ ପୋଲ ହେଉଛି ଏକମାତ୍ର ବିକଳ୍ପର ସୂତ୍ରଧାର। ଏହି ପୋଲକୁ ଲାଗି ରହିଥିବା ଶାନ୍ତିଧାମ ଶ୍ମଶାନଘାଟ ରହିଛି। ଏହି ବିପଦପୂର୍ଣ୍ଣ ପୋଲ ଉପରେ କୋକେଇ ଧରି ଲୋକମାନେ ମଧ୍ୟ ଶବଦାହ କରିବା ନିମନ୍ତେ ଯାଇଥାନ୍ତି। ବଡ଼ବଜାର ଛକ ଠାରୁ ମଣ୍ଡାପାଳ ହସପିଟାଲ ଦେଇ ଯାଇଥିବା ଏକ ସିଙ୍ଗଲ କଜ୍ୱିଟ ରୋଡ଼ ରହିଛି, ଯାହାକି ଏହି 'ଔ'ନାଳ ପୋଲକୁ ସଂଯୋଗ କରୁଛି। ଏହି ରୋଡ଼ର ଅବସ୍ଥା ଏତେ ଶୋଚନୀୟ ନକହିବା ଭଲ। ରାସ୍ତାର ଉଭୟପାର୍ଶ୍ୱରେ ଖାଲଖମଣ, ଆବଡ଼ା, ଖାବଡ଼ା, ଦୁଇକଡ଼ରେ ବାଲିଭର୍ତ୍ତି, ଲୋକେ ଯେମିତି କି, ନିଜ କର୍ମକୁ ଆଦରି ଏହି ରାସ୍ତା ଉପରେ ଚଳପ୍ରଚଳ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଲୋକଙ୍କ ମୁହଁରୁ ଅନେକ ସମୟରେ ଶୁଣିବାକୁ ମିଳିଥାଏ। ସେମାନେ ଏକଥା ମଧ୍ୟ କହିଥାନ୍ତି କି, ନିର୍ବାଚନ ସମୟରେ ନେତାଏ ଗପ, କାହାଣୀ କହି ଲୋକଙ୍କ ମୁଣ୍ଡକୁ ଘ୍ୱାସ କରିବାକୁ ଚେଷ୍ଟା କରନ୍ତି ନୂଆ ନୂଆ ଉପଦେଶ ଦେଇ ଗ୍ରାମରେ କିମ୍ବା ସହରରେ ପଦଯାତ୍ରା କରିନ୍ତି ହେଲେ ନିର୍ବାଚନ ଶେଷ ହେଲାପରେ ସେମାନଙ୍କ ଦେଖା ଆଉ ମିଳିନଥାଏ। ଦେଶ ଯେତେ ବିକାଶ ପଥରେ ଗଲେ ମଧ୍ୟ ଗାଁଗଣ୍ଡାର ଏପରି ଦୁର୍ଦ୍ଦଶା ପରିବର୍ତ୍ତନ ହେବାର ନା ନେଉନାହିଁ। ପୁରୁଷ ପରେ ପୁରୁଷ ଚାଲିଯାଉଛନ୍ତି ମାତ୍ର ଦୁର୍ଦ୍ଦଶା ଯାଉନାହିଁ! ପୁରୁଣା ସରକାର ଚାଲିଯାଇଛି! ଏବେ ଡ଼ବଲ ଇଞ୍ଜିନ ସରକାର କାମ କରୁଛି! ନୂଆଁ ସରକାର ଗଢ଼ିବା ଦିନ ଠାରୁ ଏପର୍ଯ୍ୟନ୍ତ କୌଣସି ନେତା ଏପୋଲ ଉପରେ ଦୃଷ୍ଟି ଦେଇନାହନ୍ତି। ସେମିତି ଭଙ୍ଗାଦରା ଅବସ୍ଥା ଓ ବିପଦପୂର୍ଣ୍ଣ ଭାବେ ଲୋକମାନେ ଏହି ପୋଲ ଉପରେ ଚଳପ୍ରଚଳ କରୁଛନ୍ତି। ସହର ଠାରୁ ଗୋପୀନାଥପୁର ଗ୍ରାମଦେଇ ପଶ୍ଚିମେଶ୍ୱର ଶୈବପୀଠକୁ ପ୍ରାୟ ୩କିମି ବ୍ୟାପି ଏକ ରୋଡ଼ ଯାଇଛି ଯାହାର ଅବସ୍ଥା ବଡ଼ ସଙ୍କଟାପର୍ଣ୍ଣ। ଦର୍ଶନାର୍ଥୀ ଶୈବପୀଠକୁ ଦର୍ଶନ କରିବାକୁ ଗଲେ ଦହଗଞ୍ଜ ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସିଥିଲେ ହେଁ ଏହାର ସୁଧାର ଆଜି ପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରେ କରାଯାଇ ନାହିଁ ବୋଲି ଗ୍ରାମବାସୀ ମତ ଦେଉଛନ୍ତି। ତେବେ ଏସବୁ ସମସ୍ୟା ଓ ଲୋକଙ୍କ ସ୍ୱାର୍ଥକୁ ସରକାର କେବେ ଦୃଷ୍ଟି ଦେଉଛନ୍ତି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ ପ୍ରଶାସନ କାଳବିଳମ୍ବ ନକରି ତୁରନ୍ତ ଏହି 'ଔ'ନାଳ ପୋଲର ବିକାଶ ଓ ନିର୍ମାଣ କାର୍ଯ୍ୟ କରାଯାଇ ଲୋକଙ୍କ ଗମନାଗମନରେ ସୁଧାର ଆଣିବାକୁ ଉଭୟ ସହର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

ଓସ୍ତପୁର ମଣ୍ଡିରେ ତାଲା, ଥାନାରେ ଏତଲା

କେନ୍ଦ୍ରାପଡ଼ା,୧୭।୨/ଏନ୍ଏନ୍ଏସ୍: ଖରିଫ ଧାନ ସରକାରୀ ମଣ୍ଡି କେନ୍ଦ୍ରାପଡ଼ା ଜିଲ୍ଲାରେ ଠିକଠାକ ଚାଲିନାହିଁ । ଏହାର ନମୁନା ମଙ୍ଗଳବାର ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ବ୍ଲକ୍ ଓସ୍ତପୁର କୃଷି ପ୍ରାଥମିକ ସମବାୟ ସମିତିକୁ ଧାନ ବିକ୍ରୟ ସମସ୍ୟାର ସମାଧାନ ଦାବିରେ ସଦସ୍ୟମାନେ ତାଲା ପକାଇଛନ୍ତି । ଅପରପକ୍ଷରେ ଏହି ତାଲା ବନ୍ଦକୁ ନେଇ ସମବାୟ ସମିତି ସମ୍ପାଦକ ସଦର ଥାନାରେ ଏତାଲା ଦେଇଛନ୍ତି । ଅପରାହ୍ନରେ ତାଲା ଖୋଲିଥିଲେ ମଧ୍ୟ ପୁଲିସ ଘଟଣାର ତଦନ୍ତ ପାଇଁ ଉଭୟ ପକ୍ଷକୁ ଥାନାକୁ ଡକାଇଥିଲେ। ସନ୍ଧ୍ୟାରେ ଏହାର ଆପୋଷ ବୁଝାମଣା ହୋଇଛି । ଚାଷୀମାନଙ୍କ ଅଭିଯୋଗ ମୁତାବକ ଗତ ଜାନୁଆରୀ ୯ତାରିଖରେ ଜିଲାରେ ସାକାରୀ ମଣ୍ଡି ଖୋଲିଛି। ଏହି ସମବାୟ ସମିତିର ସଦସ୍ୟଙ୍କୁ ଜାନୁଆରୀ ୧୮ ତାରିଖରେ ଧାନ ବିକ୍ରୟ ପାଇଁ ଟୋକନ ଦିଆଯାଇଥିଲା । ଚାଷୀମାନେ ଧାନ ମଣ୍ଡିରେ ଅଦ୍ୟାବଧି ବିକ୍ରି କରିପାରି ନାହାନ୍ତି। ଅପରପକ୍ଷରେ ଗତ ଫେବୃଆରୀ ୧୩ ତାରିଖରେ ଧାନ ବିକ୍ରୟ ପାଇଁ ପାଇଥିବା ଚାଷୀ ଏହି ସମିତି ମାଧ୍ୟମରେ ଧାନ ବିକ୍ରୟ କରିଛନ୍ତି। ଏନେଇ ସୋମବାର ସନ୍ଧ୍ୟାରେ ସମ୍ପାଦକଙ୍କୁ ପଚାରିବେରେ ସେ ଉତେଜିତ ହୋଇ କଥାବାର୍ତ୍ତା କରୁଛନ୍ତି । ଏହାର ପ୍ରତିବାଦରେ ଚାଷୀ ସମିତିରେ ତାଲା ପକାଇଛନ୍ତି । ସମ୍ପାଦକ ପଦ୍ମନାଭ ସାହୁ କହିଛନ୍ତିଯେ ପାରିବାରିକ ଅସୁବିଧା ପାଇଁ ଚାଷୀଙ୍କ ଠାରୁ ଧାନ ସଂଗ୍ରହରେ ବିଳମ୍ବ ହୋଇଛି । ସଭାପତିଙ୍କ ପରାମର୍ଶରେ କେତେକ ଚାଷୀଙ୍କ ଠାରୁ ଧାନ କ୍ରୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ ହେବ। ଏହି କଥା କହିଥିଲେ ମଧ୍ୟ ଚାଷୀମାନେ ତାଲା ପକାଇଥିବାରୁ ଥାନାରେ ଅଭିଯୋଗ ପତ୍ର ଦିଆଯାଇଛି।

ତୁଳସୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୧୭।୨/ଏନ୍ଏନ୍ଏସ୍: ତୁଳସୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ତପନ କୁମାର ଦାସ, ଯୁବ ରେଡକ୍ରସର ସଂଯୋଜିକା ଡା ସୁଜାତା ଭଟ୍ଟ, ଯୁକ୍ତତିନି ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବନ୍ୟା ବେହେରା, ଯୁକ୍ତଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ପ୍ରଭାସିନୀ ଜେନା, ଅଧ୍ୟାପିକା ଦୀପ୍ତିପ୍ରଭା ସେଠୀ, ଅଧ୍ୟାପକ ରଞ୍ଜିତ ଦାସଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ରଘୁରାମ ଆର ଆୟର ଶିବିର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଟ ଜେନା ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ୭୫ ଥର ରକ୍ତଦାନ କରିଥିବା ସାମ୍ବାଦିକ ସୁକାନ୍ତ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ସୌମ୍ୟକାନ୍ତି ମିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟରେ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସବିତା ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଅବୈଧ ଇଟାଭାଟି ପାଇଁ ବଢୁଛି ପ୍ରଦୂଷଣ

ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ଅନୁରୋଧ

ପରଜଙ୍ଗ,୧୭।୨/ଏନ୍ଏନ୍ଏସ୍: ପରଜଙ୍ଗ ତହସିଲ ଅଧୀନରେ ବ୍ରାହ୍ମଣୀ ନଦୀ ଅବବାହିକା ଅଞ୍ଚଳ ଗ୍ରାମ ଗୁଡିକରେ ତଥା ଆଖ ପାଖ ଗ୍ରାମାଞ୍ଚଳରେ ଅବୈଧ ଇଟା କୁଟୀର ଶିଳ୍ପମାନ ପ୍ରଚୁର ମାତ୍ରାରେ ଗଢ଼ି ଉଠିଛି। ଏହି କୁଟୀର ଶିଳ୍ପରୁ ନିର୍ଗତ ଧୂଆଁ ଏବଂ ଇଟା ଭାଟି ପୋଡ଼ିବା ପାଇଁ ବ୍ୟବହୃତ କୋଇଲା ଗୁଣ୍ଡ ଯୋଗୁଁ ଜଳ ଓ ବାୟୁ ପ୍ରଦୂଷଣ ହେଉଛି। ଯଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ଯକୃତ ଯକ୍ଷ୍ମା, ଡାଇରିଆ ଆଦି ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିପରି ଦୁର୍ଦ୍ଦଶାର ଶିକାର ହୋଇଛନ୍ତି ଡମୋଳ ଗ୍ରାମର ଗ୍ରାମବାସୀ। ସୂଚନା ଅନୁଯାୟୀ, ପରଜଙ୍ଗ ତହସିଲ ଅନ୍ତର୍ଗତ ଡମୋଳ ଗ୍ରାମଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ଓ ଘୋଡାଡ଼ିଆଁ ଝରଣା ପଠାରେ ଦୀର୍ଘ ବର୍ଷ ଧରି ସେହି ଗ୍ରାମର ଜନୈକ ବ୍ୟକ୍ତି ଓ ତାଙ୍କ ପୁତ୍ର ଅବୈଧ ମାଟି ଇଟା ଚେମିଣି ଭାଟି କରିଆସୁଛନ୍ତି। ଫଳରେ ଜଳବାୟୁ ପ୍ରଦୂଷଣ ଜନିତ ରୋଗରେ ଗ୍ରାମର ଅନେକ ଗ୍ରାମବାସୀ ମୃତ୍ୟୁବରଣ କରିବା ସହ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଛନ୍ତି। ଡମୋଳ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାଜସ୍ୱ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଇସ୍ପାତ ଓ ଖଣିମନ୍ତ୍ରୀ, ସ୍ଥାନୀୟ ପରଜଙ୍ଗ ବିଧାୟକ, ପ୍ରଦୂଷଣ ବିଭାଗ ଅଧ୍ୟକ୍ଷ, ଢ଼େଙ୍କାନାଳ ଜିଲ୍ଲାପାଳ, ଢ଼େଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏଥିପ୍ରତି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଏକ ଲିଖିତ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ଚିଠିର ନିୟମମାନି ଅବୈଧ ମାଟି ଇଟା ଭାଟି ପ୍ରସ୍ତୁତ କରିବ ନାହିଁ ଏବଂ ଯଦି ଇଟା ଭାଟି ପ୍ରସ୍ତୁତ କରେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବ। ଏହାପରେ ମଧ୍ୟ ଆଇନ ଉଲଙ୍ଘନ କରି ଚାରିଗୋଟି ଚେମିଣୀ ମାଟି ଇଟା ଭାଟି ପ୍ରସ୍ତୁତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏକ ବର୍ଷ ମଧ୍ୟରେ ମାଟି ପୁରଣ କରି ଚାଷ ଉପଯୋଗୀ କରିବା ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବୈଧ ମାଟି ଇଟା ଭାଟି କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କି ସରକାରଙ୍କ ଆଇନ ଉଲଙ୍ଘନ କରି ଇଟା ଭାଟି ପ୍ରସ୍ତୁତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳବାୟୁ ପ୍ରଦୂଷଣ ଜନିତ ବ୍ୟାଧି ଓ ମୃତ୍ୟୁକୁ ଠେଲି ଦେଉଥିବା ଗ୍ରାମବାସମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ଏନେଇ ସରକାର ଅବୈଧ ଇଟା ଭାଟି ପ୍ରସ୍ତୁତକାରି ପ୍ରତି ୭ ଦିନ ମଧ୍ୟରେ ବିହିତ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଡମୋଳ ଗ୍ରାମବାସୀ। ଅଥବା ଆମରଣ ଅନଶନରେ ବସିବା ପାଇଁ ବୋଲି ଡମୋଳ ଗ୍ରାମବାସମାନେ ଅନୁମତି ଦେବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

ଯୁବକଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ଧର୍ମଶାଳା,୧୭।୨/ଏନ୍ଏନ୍ଏସ୍: ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ପୁଲିସ ବିଟ୍ ହାଉସ ନିକଟରୁ ଜଣେ ବ୍ୟକ୍ତିଙ୍କ ବେକରୁ ଲକ୍ଷାଧିକ ଟଙ୍କାର ସୁନା ଚେନ୍ ଦୁଇ ଦୁର୍ବୃତ୍ତ ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ, ବୈରୀ ଥାନା ଛତିଆ ଅଞ୍ଚଳର ଅନିଲ କୁମାର ସିଂହ ଏବଂ ତାଙ୍କ ପତ୍ନୀ ଏକ ସ୍କର୍ପିଓ ଗାଡ଼ି ଯୋଗେ ନିଜ ବନ୍ଧୁ ଘରକୁ ଯାଉଥିଲେ। ଯିବା ବାଟରେ ଜାରକା ବଜାର ପୁଲିସ ବିଟ ହାଉସ ନିକଟରେ ଥିବା ଏକ ମିଠା ଦୋକାନକୁ ଯାଇ କିଛି ଜିନିଷ କିଣି ଫେରୁଥିବା ବେଳେ ଏକ ପଲସର ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ଅନିଲଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଅନିଲ ତୁରନ୍ତ ନିକଟସ୍ଥ ବିଟ ହାଉସକୁ ଯାଇ ସିସିଟିଭି ଦେଖିବାକୁ କହିଥିବା ବେଳେ ସେଠାରେ ଲାଗିଥିବା ସିସିଟିଭି କାମ କରୁନଥିବା ଜାଣିବାକୁ ପାଇଥିଲେ। ଅନିଲଙ୍କ ୧୨ଗ୍ରମ୍ ଓଜନର ସୁନା ଚେନ୍‌କୁ ଦୁର୍ବୃତ୍ତ ଝମ୍ପି ନେଇ ପଳାଇଥିବା ନେଇ ସେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଧର୍ମଶାଳା ଥାନା ପୁଲିସ ୬୭/୨୬ ମାମଲା ରୁଜୁ କରାଯାଇଛି।

ଜିଲ୍ଲା ଓକିଲ ସଂଘ କନ୍‌ଫରେନସ୍ ହଲ୍ ନିର୍ମାଣ ହେବ

କେନ୍ଦ୍ରାପଡ଼ା,୧୭।୨/ଏନ୍ଏନ୍ଏସ୍: କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ତାଙ୍କ ସାଂସଦ ଫାଣ୍ଡିରୁ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର କନ୍‌ଫରେନ୍ସ ହଲ ନିର୍ମାଣ ନିମନ୍ତେ ୬୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପ୍ରକାଶ, କିଛି ଦିନ ପୂର୍ବରୁ ଜିଲ୍ଲା ଓକିଲ୍‌ମାନେ ଏହି ହଲ ନିର୍ମାଣ ନିମନ୍ତେ ଦାବିପତ୍ର ମାଧ୍ୟମରେ ସାଂସଦଙ୍କୁ ଅନୁରୋଧ କରିଥିଲେ। ଦାବି ମୁତାବକ ସାଂସଦ ଶ୍ରୀ ପଣ୍ଡା ଖୁବ୍‌ଶୀଘ୍ର ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ସଭାପତି ଗୋବର୍ଦ୍ଧନ ରାଉତ, ସଂପାଦକ ନୃସିଂହ ଚରଣ ରାଉତ, ଉପସଭାପତି ହାଡି ବନ୍ଧୁସିଂ, ସହ ସଂପାଦକ ବିପେନ୍ଦ୍ର କୁମାର ବେହେରା, ମମତା ମୟୀ ସାମଲ, ରେଣୁବାଳା ସାମଲ, ହରି ପ୍ରସାଦ କର, କୋଷାଧ୍ୟକ୍ଷ ବିଭୁତି ଭୂଷଣ କର ଓ ଦୁର୍ଯୋଧନ ସାହୁ ସାଂସଦଙ୍କୁ ଧନ୍ୟବାଦ ଦେଇଛନ୍ତି ବୋଲି ଜିଲ୍ଲା ଓକିଲ ସଂଘର ସଂପାଦକ ନୃସିଂହ ଚରଣ ରାଉତ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ସିଲ୍ ହେଲା ସୂର୍ଯ୍ୟ ଅଲ୍‌ଟ୍ରାସାଉଣ୍ଡ

କେନ୍ଦ୍ରାପଡ଼ା,୧୭।୨/ଏନ୍ଏନ୍ଏସ୍: କେନ୍ଦ୍ରାପଡା ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ସୂର୍ଯ୍ୟ ଅଲ୍‌ଟ୍ରାସାଉଣ୍ଡ ଲାବୋରୋଟୋରୀ ମଙ୍ଗଳବାର ସିଲ୍ ହୋଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ହ୍ରସ୍ୱ ସ୍କାର୍ଡର ମିଳିତ ଚଢ଼ାଉ ପରେ ଏହି ଲାବୋରୋଟୋରିକୁ ସିଲ୍ କରାଯାଇଛି। ଏସମ୍ପର୍କରେ ଚଢ଼ାଉରେ ସାମିଲ ଥିବା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି ଯେ ଜିଲ୍ଲାରେ ସମ୍ପୃକ୍ତ ଭିତ୍ତିଭୂମୀ ନଥିବା ଲାବୋରୋଟାରୀ କେନ୍ଦ୍ରାପଡା ଜିଲାରେ ଚାଲିଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହି କ୍ରମରେ ସୂର୍ଯ୍ୟ ଅଲ୍‌ଟ୍ରାସାଉଣ୍ଡ ଲାବୋରୋଟୋରିକୁ ଛାନବିନ କରାଯାଇଛି। ଏଥିସହ ଆନୁସଙ୍ଗିକ କାଗଜପତ୍ରର ଯାଞ୍ଚ ହୋଇଛି । ପ୍ରାଥମିକ ଅବସ୍ଥାରେ ଅଲ୍‌ଟ୍ରାସାଉଣ୍ଡ ମେସିନ୍‌କୁ ସିଲ୍ କରାଯାଇଛି । ଆସନ୍ତା ଦିନରେ ଜିଲ୍ଲାର ସମସ୍ତ ଲାବୋରୋଟୋରି ଯାଞ୍ଚ ହେବ ବୋଲି ସେ ପ୍ରକାଶ ପ୍ରକାଶ କରିଛନ୍ତି ।

୧୯୭୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ରାହାମା,୧୭।୨/ଏନ୍ଏନ୍ଏସ୍: ବାଳିକଣି ଜଗନ୍ନାଥ ମନ୍ଦିର ପରିସରରେ ପଙ୍କପାଳ ଉଚ୍ଚ ବିଦ୍ୟାଳୟର ୧୯୭୧ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଗୁରୁଦେବ ଓ ସହପାଠୀଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘଦିନ ପରେ ବନ୍ଧୁ ମିଳନରେ ଅତୀତାହିତ ଜୀବନ ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟି ଆନନ୍ଦ ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବଶ୍ରୀ ରମାକାନ୍ତ ପଟ୍ଟନାୟକ, ଜଗବନ୍ଧୁ ପ୍ରଧାନ, ଅବନି କୁମାର କାନୁନଗୋ, ରଞ୍ଜନ କୁମାର ଷଡଙ୍ଗୀ, ଚୌଧୁରୀ କୁମାର ମିଶ୍ର, ମନୋରଞ୍ଜନ ମିଶ୍ର, ଦେବେନ୍ଦ୍ର କୁମାର ଆଚାର୍ଯ୍ୟ, ଗିରିଧାରୀ ଖଟୁଆ, ସହଦେବ ନାୟକ, ଶିବ ଚରଣ ସେଠୀ, କୁଳମଣି ନାୟକ, ନିତ୍ୟାନନ୍ଦ ବେହେରା, ଧର୍ମାନନ୍ଦ ବେହେରା, ରବୀନ୍ଦ୍ର ନାଥ ନନ୍ଦ, ବିଜୟ କୁମାର ରାଉତ, ଗୋପୀନାଥ ସାହୁ ସଚ୍ଚିଦାନନ୍ଦ ମହାପାତ୍ର, ରବୀନ୍ଦ୍ର ସାହାଣୀ, କ୍ଷୀରୋଦ ମହାପାତ୍ର, ସୁଦର୍ଶନ ନାୟକ, ଗୁଣନିଧି ମଲ୍ଲ, ଛବିନ୍ଦ୍ର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ଚାନ୍ଦୁଆ ତିଆରି କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ମାର୍ଶାଘାଇ,୧୭।୨/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ମାର୍ଶାଘାଇ ବ୍ଲକର ବଟିରା, ତାଳସଙ୍ଗା ଓ ଆଖୁଆ ଦକ୍ଷିଣୀ ପଞ୍ଚାୟତ ଗସ୍ତ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଆୟାର ପ୍ରଥମେ ବଟିରା ପଞ୍ଚାୟତ ଓ ପରେ ପରେ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶାସନିପଡା ଗ୍ରାମରେ ଥିବା ତ୍ରିନାଥ ପିଜି ଗ୍ରୁପର ମହିଳାମାନଙ୍କ ଦ୍ୱାରା ହାତରେ ତିଆରି କରାଯାଉଥିବା ଚାନ୍ଦୁଆ ତିଆରି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ତାଙ୍କୁ ସ୍ୱାଗତ ସମ

୭୭ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ଜଗତ୍‌ସିଂହପୁର,୧୭।୨/ଏନ୍‌ଏନ୍‌ଏସ୍: ଜଗତସିଂହପୁର ଅବକାରୀ ରେଞ୍ଜ୍ ଇନିସ୍ପେକ୍ଟରଙ୍କ ନେତୃତ୍ୱରେ ଜଗତସିଂହପୁର ଓ ବାଲିକୁଦା ଅବକାରୀ ବିଭାଗ ମିଳିତ ଭାବେ ବାଲିକୁଦା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୭୭ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଓ ଏକ ବୁଲେଟ୍ ବାଇକ୍ ଜବତ କରିବା ସହିତ ଏହି ବ୍ୟବସାୟରେ ଲିପ୍ତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛନ୍ତି। ପ୍ରକାଶ, ଜଗତସିଂହପୁର ଅବକାରୀ ରେଞ୍ଜ୍ ଇନିସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ କୌଣସି ସୂତ୍ରରୁ ବାଲିକୁଦାର ବିଭିନ୍ନ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଯୋରଦାର ଚାଲିଥିବା ସୁରାଗ ପାଇବା ପରେ ତାଙ୍କ ନେତୃତ୍ୱରେ ଏକ ଅବକାରୀ ଟିମ୍ ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ବଜାରରେ ଚଢାଉ କରିଥିଲେ। ସେଠାରେ ନିକଟସ୍ଥ ସିଙ୍ଗିଟାଳିଆ ଗ୍ରାମର ଧର୍ମାନନ୍ଦ ସାହୁଙ୍କ ପୁଅ ସୁଦର୍ଶନ ସାହୁ(୫୪) ଏକ ରୟାଲ ଏନଫିଲ୍ଡ ବୁଲେଟ୍‌ରେ ଆସି ରାସ୍ତା କଡରେ ବିକ୍ରି କରିଥିବା ନଜରକୁ ଆସିବା ପରେ ଚଢାଉ କରିଥିଲେ। ଚଢାଉରେ ତାଙ୍କଠାରୁ ୫୨ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଓ ବ୍ୟବସାୟରେ ବ୍ୟବହୃତ ବୁଲେଟ୍ ନଂ. ଓଡି-୧୩ଜି-୭୩୭୧କୁ ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ସେହି ଅଭିଯୁକ୍ତ ଠାରୁ ଅବକାରୀ ବିଭାଗ ତଥ୍ୟ ସଂଗ୍ରହ କରି ତାର ସହଯୋଗୀ ନିକଟସ୍ଥ ଆମ୍ବଶାଳ ଗ୍ରାମର ବେଣୁଧର ଦାସଙ୍କ ପୁଅ ହୃଷିକେଶ ଦାସ(୩୮) ଘରେ ଚଢାଉ କରିଥିଲେ। ଚଢାଉ ସମୟରେ ହୃଷିକେଶଙ୍କ ଠାରୁ ୨୫ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ୨ଅଭିଯୁକ୍ତଙ୍କ ବିରୋଧରେ ପୃଥକ ପୃଥକ ଅବକାରୀ ମାମଲା ରୁଜୁ କରାଯାଇ କୋର୍ଟଚାଲଣ କରାଯାଇଥିଲା। କୋର୍ଟରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ୍ ଖାରଜ୍ ହୋଇଯିବାରୁ ଉଭୟଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏହି ଚଢାଉରେ କନ୍‌ଷ୍ଟେବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସ୍ୟାର୍ଯ୍ୟବଂଶୀ ପ୍ରମୁଖ ଯୋଗ ଦେଇଥିଲେ।

ବନ୍ଦର ନିଷିଦ୍ଧାଞ୍ଚଳରୁ ହରିଣ ଉଦ୍ଧାର

ପାରାଦୀପ,୧୭।୨/ଏନ୍‌ଏନ୍‌ଏସ୍: ପାରାଦୀପ ବନ୍ଦରର ସାଉଥ ବ୍ରେକ୍‌ୱାଟର ଅଞ୍ଚଳରେ ହରିଣ ଉଦ୍ଧାର। ଏହି ଛୋଟ ହରିଣଟି ଭୟଭୀତ ଅବସ୍ଥାରେ ଏଣେତେଣେ ଘୁରି ବୁଲୁଥିବା ନେଇ ପାରାଦୀପ ବନ୍ଦରର ସିଆଇଏସ୍‌ଏଫ୍ ୟୁନିଟ୍ ଖବର ପାଇବା ପାରେ ତୁରନ୍ତ ଏହି ହରିଣକୁ ରେସ୍‌କ୍ୟୁ କରିବାକୁ ପ୍ରୟାସ ଆରମ୍ଭ କରିବା ସହିତ କୁଜଙ୍ଗ ବନବିଭାଗକୁ ଖବର ଦେଇଥିଲେ। ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍ ୟୁନିଟ ଏବଂ କୁଜଙ୍ଗ ବନବିଭାଗର ଏକ ଟିମ୍ ମିଳିତ ଅଭିଯାନ ଚଳାଇ ହରିଣକୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ହରିଣଟି ଭୟଭୀତ ଅବସ୍ଥାରେ ରହିଥିବା କାରଣରୁ କୁଜଙ୍ଗ ବନବିଭାଗ ତରଫରୁ ପ୍ରଥମେ ପଶୁ ଚିକିତ୍ସାଳୟରେ ଏହାର ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ନେଇ ଡାକ୍ତର କହିଥିଲେ। ସିଆଇଏସ୍‌ଏଫ୍ ତରଫରୁ ଉକ୍ତ ହରିଣକୁ କୁଜଙ୍ଗ ବନବିଭାଗକୁ ହସ୍ତାନ୍ତର କରିବା ପରେ ଏହି ହରିଣକୁ କୁଜଙ୍ଗ ବନବିଭାଗ ସ୍ଥାନୀୟ ଜଙ୍ଗଲରେ ଛାଡିଥିବା ସୂଚନା ମିଳିଛି।

ତାତନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଙ୍ଗମୁଣ୍ଡାଇ,୧୭।୨/ଏନ୍‌ଏନ୍‌ଏସ୍: ପଙ୍ଗମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୧୮ନଂ ୱାର୍ଡ ତାତନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଙ୍ଗମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ମୁଖ୍ୟଅତିଥି ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁନିତି ଦାଶ, ମୁଖ୍ୟବକ୍ତା ପୂର୍ବତନ ପୌର ଉପାଧକ୍ଷ ମାନସ ରଞ୍ଜନ ମହାନ୍ତି, ସିଆର୍‌ସିସି ସଂଘମିତ୍ରା ନାୟକ, ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଳା ସାମଲ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ମଲ୍ଲିକ, ପରିଚାଳନା କମିଟି ସଭ୍ୟ କେଶବ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବରେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଆରତୀ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସାଇଜ୍ଞାନ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ

ଜଗତ୍‌ସିଂହପୁର,୧୭।୨/ଏନ୍‌ଏନ୍‌ଏସ୍: ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଆଦି କବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜୟବଡ ସ୍ଥିତ ସାଇଜ୍ଞାନ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲେ ସ୍କୁଲ୍‌ର ଅଧକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଯୋଗଦେଇ, ଶିଶୁ ଜନ୍ମ ହେବା ଠାରୁ ଆରମ୍ଭ କରି ତାର ଅଧୟନ ଶେଷ ପର୍ଯ୍ୟନ୍ତ ମୁଖ୍ୟ ମାର୍ଗଦର୍ଶକ ଭାବେ ପିତା ଓ ମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ କୁନିକୁନି ପିଲାଙ୍କ ଅବିଭାବକମାନଙ୍କୁ କହିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷା ଓ ଖେଳ ପ୍ରତି ଉତ୍ସାହିତ କରିବା ପାଇଁ ପ୍ଲେ ସ୍କୁଲର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ କାର୍ଯ୍ୟାନ୍ୱୟନକାରୀ ସମାଜ(ଓଏସ୍‌ଜପିଏ) ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କୁନିକୁନି ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଇସାକ୍ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ଶିକ୍ଷୟିତ୍ରୀ ଲିପ୍ସା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ଲେ ସ୍କୁଲ୍‌ର ଶିକ୍ଷୟିତ୍ରୀ ପ୍ରାଚୀ ପଟ୍ଟନାୟକ, ସୋମନ ପ୍ରିୟଦର୍ଶିନୀ, ଶ୍ରଲେଖା ପାଢୀ, ଶୁଶ୍ରୀ ସଙ୍ଗିତା ନାୟକ, କେୟାର ଟେକର ସୁଜାତା ନନ୍ଦି ଯୋଗଦେଇ କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସମାଜସେବୀ ରଘୁନାଥଙ୍କ ପରଲୋକ

ଢେଙ୍କାନାଳ,୧୭।୨/ଏନ୍‌ଏନ୍‌ଏସ୍: ଜଳ-ଜଙ୍ଗଲ-ଜମିର ଅଧିକାର ପାଇଁ ଜୀବନଭରି ସଂଘର୍ଷ କରୁଥିବା ଏକ ନିଷ୍ଠାବାନ୍ ଗାନ୍ଧୀବାଦୀ ସ୍ୱର ଆଜି ନିରବୀ ଗଲା। ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ସେବା ସଂଗଠନ 'ଆଶାର ପ୍ରତିଷ୍ଠାତା ସମ୍ପାଦକ ରଘୁନାଥଙ୍କ ଆଜି ସକାଳ ୯ଟା ୧୫ମିନିଟ୍ ସମୟରେ ଢେଙ୍କାନାଳ ସହର ଦକ୍ଷିଣକାଳୀ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରି ପରମଧାମ ପ୍ରାପ୍ତ କରିଛନ୍ତି। ଗତ ୪୫ ବର୍ଷ ଧରି ସେ ଗରିବ, ଅବହେଳିତ, ପୀଡ଼ିତ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ନ୍ୟାୟ ଓ ଅଧିକାର ପାଇଁ ଅବିରତ ସଂଘର୍ଷରେ ନିଜକୁ ସମର୍ପିତ କରିଥିଲେ। ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ତାଙ୍କର ଜୀବନମନ୍ତ୍ର ଥିଲା। ଗାନ୍ଧୀବାଦୀ ଆଦର୍ଶ ତାଙ୍କର ପଥପ୍ରଦର୍ଶକ ଥିଲା। ସତ୍ୟ, ଅହିଂସା ଓ ସେବାର ମୂଲ୍ୟବୋଧକୁ ସେ ନିଜ ଜୀବନରେ ପ୍ରତିବିମ୍ବିତ କରିଥିଲେ। ଧୈର୍ଯ୍ୟ, ଦୟା, ମୃଦୁଭାଷୀ ସ୍ୱଭାବ ଓ ଅସୀମ ସହନଶୀଳତା ତାଙ୍କୁ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା। ସେ କେବଳ ଜଣେ ସମାଜସେବୀ ନୁହେଁ, ଏକ ଚିନ୍ତାଧାରା, ଏକ ପ୍ରେରଣା ଓ ଏକ ଆଶାର ପ୍ରତୀକ ଥିଲେ। ଆଜି ଅପରାହ୍ନ ୨ଟା ସମୟରେ ତାଙ୍କର ନିଜ ଗ୍ରାମ ମହୁଲଖୋଲିରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ଶତାଧିକ ସହକର୍ମୀ, ସମର୍ଥକ, ବନ୍ଧୁ ଓ ପରିବାର ସଦସ୍ୟ ଅଶ୍ରୁଭରା ଚକ୍ଷୁରେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କର ଏକମାତ୍ର ପୁତ୍ର ସମ୍ବେଦନ ସାମନ୍ତ ମୁଖାଗ୍ନି ଦେଇଥିଲେ। ଏକମାତ୍ର କନ୍ୟା ଡା ଲଭଲିନା ସାମନ୍ତ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ରଘୁନାଥଙ୍କ ନିଧନ ସାମାଜିକ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି। କିନ୍ତୁ ତାଙ୍କର ଆଦର୍ଶ, ସଂଘର୍ଷ ଓ ସେବାମୟ ଜୀବନ ସଦା ସମାଜକୁ ପଥପ୍ରଦର୍ଶନ କରିବ।

୧୦୭ ପରୀକ୍ଷା କେନ୍ଦ୍ର ଓ ୯ ପ୍ରଶ୍ନପତ୍ର ହବ୍

କେନ୍ଦ୍ରାପଡ଼ା ଜିଲ୍ଲାରେ ୧୯ ହଜାର ୮୧୬ ମାଟ୍ରିକ୍ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା,୧୭।୨/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡ଼ା ଜିଲ୍ଲାରେ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ପରୀକ୍ଷା ୧୯ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚମାସ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଜିଲ୍ଲାରେ ୧୦୭ ଟି ପରୀକ୍ଷା କେନ୍ଦ୍ରରେ ୧୯ ହଜାର ୮୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷାର ରେଗୁଲାର ଓ ଏକ୍ସ ରେଗୁଲାର ସମେତ ମଧ୍ୟମା ପରୀକ୍ଷା ନିମନ୍ତେ ୧୦୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ରାଜ୍ୟ ଓପନ ସ୍କୁଲ ପରୀକ୍ଷାର୍ଥୀଙ୍କ ପାଇଁ ୨ଟି ନୂତନ ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୯ହଜାର ୨୮୮ ଜଣ ରେଗୁଲାର ଏବଂ ୫୦ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୨୩୧ ଜଣ ମଧ୍ୟମା ଏବଂ ୨୯୪ଜଣ ରାଜ୍ୟ ଓପନ ସ୍କୁଲର ଛାତ୍ରଛାତ୍ରୀ ଅଛନ୍ତି। ଏହିପରି ସର୍ବମୋଟ ୧୯ହଜାର ୮୧୬ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ବାର୍ଷିକ ପରୀକ୍ଷା ଦେବେ। ୧୦୭ ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୧୦୭ ଜଣ ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ୧୦୭ ଜଣ ରିଲିଭର ଓ ୨୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୦୭ ଟି କେନ୍ଦ୍ର ନିମନ୍ତେ ୧୦୭ ଜଣ ସୁପରିନଟେଣ୍ଡେଣ୍ଟ ଓ ୧୦୭ ଜଣ ଡେପୁଟୀ ସୁପରିନଟେଣ୍ଡେଣ୍ଟଙ୍କୁ ମଧ୍ୟ ୧୦୭ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି। କପି ରୋକିବା ନିମନ୍ତେ ୫ଟି ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି । କଟକସ୍ଥିତ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଜିଲ୍ଲାକୁ ଆସିବାର ବ୍ୟବସ୍ଥା ଥିବା ବେଳେ । ଏଥି ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳ ନିମନ୍ତେ ପର୍ଯ୍ୟବେକ୍ଷକ ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିଯୁକ୍ତି କରାଯିବା, ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ସ୍କ୍ୱାର୍ଡ ନିଯୁକ୍ତି ଓ ଏକଜିକ୍ୟୁଟିଭ ମ୍ୟାଜିଷ୍ଟେଟଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ରହିଛି। ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ୯ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପ୍ୟାକେଟ ଗୁଡିକ ରଖାଯିବ। ସେହି ନୋଡାଲ ସେଣ୍ଟରଗୁଡିକ ହେଉଛି ଜିଲ୍ଲାର କେନ୍ଦ୍ରାପଡା ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ର ପାଇଁ ୨୦୫୦ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରଖାଯାଇଥିବା ବେଳେ ବାଲିଆ ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୨୧୨୬ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୧୯୭୬ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ମାର୍ଶାଘାଇ ବ୍ଲକର ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରିକ୍ଷା କେନ୍ଦ୍ରର ୧୭୬୮ ପରୀକ୍ଷାର୍ଥୀଙ୍କ ପାଇଁ, ମହାକାଳପଡା ବ୍ଲକର କେଆରବାଙ୍କ ପଞ୍ଚାୟତ ହାଇସ୍କୁଲରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୨୧୬୧ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ରାଜନଗର ବ୍ଲକର ରାଜନଗର ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୩୦୦୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ଆଳି ବ୍ଲକର ଆଳି ହାଇସ୍କୁଲରେ ୧୩ଟି ପରୀକ୍ଷା କେନ୍ଦ୍ରରେ ୧୯୨୨ଜଣ ପରୀକ୍ଷାର୍ଥୀଙ୍କ ପାଇଁ, ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୯୯୫ପରୀକ୍ଷାର୍ଥୀଙ୍କ ପାଇଁ ଓ ପଙ୍ଗମୁଣ୍ଡାଇ ବ୍ଲକର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୨୮୧୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଗୁଡିକୁ ମହଜୁଦ ରଖାଯାଇଛି। ପ୍ରତ୍ୟେକ ନୋଡାଲ ସେଣ୍ଟରରେ ଜଣେ ଭାରପ୍ରାପ୍ତ ଅଧିକାରୀ ଓ ଜଣେ ଉପଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱରେ ରଖାଯାଇଛି। ଏହି ୯ଟି ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ଗୁଡିକରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୪୦ଜଣ ଶିକ୍ଷକଙ୍କୁ ଡେସପାର୍ଟିମରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ୯ଟି ପ୍ରଶ୍ନପତ୍ର ହବ ବା ନୋଡାଲ ସେଣ୍ଟରକୁ ୨୪ଘଣ୍ଟିଆ ପୁଲିସ ସୁରକ୍ଷା ବଳୟରେ ରଖାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ଫୋନକୁ ନିଷିଦ୍ଧ କରାଯିବା ସହିତ ସମସ୍ତ ପରୀକ୍ଷା କେନ୍ଦ୍ରକୁ ସିସିଟିଭି ନଜରରେ ରଖାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରତି କେନ୍ଦ୍ରରେ ପୋଲିସ ବଳ ମୁତୟନ ବ୍ୟବସ୍ଥା କରାଯାଇଛି ।

କୁହୁଡ଼ି ସିଦ୍ଧମଠ ପରିସରରେ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୭।୨/ଏନ୍‌ଏନ୍‌ଏସ୍: ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତର ଶ୍ରୀ ଶ୍ରୀ ସିଦ୍ଧ ମହାପୁରୁଷଙ୍କ ମଠ ପରିସରରେ ମଣ୍ଡଳସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିହାର ରଞ୍ଜନ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ ସଭାବନାର କଟକ ବିଭାଗ ସହ ସଂଯୋଜକ ଅକ୍ଷୟ କୁମାର ପାଣି ଯୋଗଦେଇ ସନାତନ ହିନ୍ଦୁଧର୍ମର ପ୍ରାଚୀନତା ଓ ବିଶ୍ୱକୁ ମହାନ ଅବଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିବାବେଳେ ଜିଲ୍ଲା ସମ୍ପର୍କ ପ୍ରମୁଖ ସରୋଜକାନ୍ତ ବିଶ୍ୱାଳ ପଞ୍ଚ ପରିବର୍ତ୍ତନ ହିଁ ସମାଜ ପୁନଃ ନିର୍ମାଣର ମୂଳମନ୍ତ୍ର ବୋଲି କହିଥିଲେ। ପ୍ରାରମ୍ଭରେ ୨୫ଜଣ କୁମାରୀ କନ୍ୟାଙ୍କର ଶାସ୍ତ୍ରୀୟ ବିଧିମତେ ପୂଜନ କରାଯାଇ ଭାରତମାତାଙ୍କ ଆରତୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୁହୁଡ଼ି ଓ ଅଙ୍ଗୁଳାଇ ଗ୍ରାମ ପଞ୍ଚାୟତର ସାହସ୍ରାଧିକ ଜନସାଧାରଣ ଏଥିରେ ଯୋଗଦେଇଥିଲେ।ଅଧିବକ୍ତା ଗଗନ ବିହାରୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଚୌଧୁରୀ ରମାକାନ୍ତ ଦାସ, ରଶ୍ମିରଂଜନ ମୁଦୁଲି, ଉମାକାନ୍ତ ଦାସ, ଦାମୋଦର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର

ପ୍ରଥମ ପୃଷ୍ଠାରୁ

ଆତ୍ମନିର୍ଭର ଭାରତ...

ବାର୍ଷିକ ଅନ୍ୟୁନ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟରେ ବଢ଼ିଛି ଚାଷୀଙ୍କ ମୁଣ୍ଡପିଛା ଆୟ। ସମୃଦ୍ଧ କୃଷକ ଯୋଜନାରେ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇଁ ୬ ହଜାର କୋଟି ଟଙ୍କା ଏବଂ ସିଏମ୍ କିଶାନ ଯୋଜନାରେ ଆୟବୃଦ୍ଧି ପାଇଁ ୨୦୨୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଫଳରେ ଚାଷୀ ପରିବାରର ମୁଣ୍ଡପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି। ରାଜ୍ୟପାଳ କହିଛନ୍ତି ଯେ, ଭିତ୍ତିଭୂମି ସୁଦୃଢ଼ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର-ଖୋର୍ଦ୍ଧା-କଟକକୁ ନେଇ ଟ୍ରିରୋଡ୍ ନିର୍ମାଣ ହେଉଛି। ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ହେବ ଫ୍ଲାଏଓଭର ବ୍ରିଜ। ସେହିଭଳି ରାଜ୍ୟରୁ ଅପପୃଷ୍ଟି ଓ ରକ୍ତହୀନତା ଦୂର କରିବା ଲକ୍ଷ୍ୟ। ମୋ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘଗୁଡ଼ିକୁ ସୁଦୃଢ଼ କରିବା ଏବଂ ଭିତ୍ତିଭୂମି ସହାୟତା ଯୋଗାଇବା ପାଇଁ ବ୍ୟାପକ ଭାବରେ ପ୍ରତିଷ୍ଠାନ ଗଠନ କାର୍ଯ୍ୟ ଆରମ୍ଭ କରିଛି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୧୧୪ଟି ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୬୫୦୦ରୁ ଅଧିକ ମିଶନ ଶକ୍ତି ଗୃହ ଆବଣ୍ଟିତ କରାଯାଇଛି । 'ସୁଭଦ୍ରା ଶକ୍ତି କେନ୍ଦ୍ର' ପଦକ୍ଷେପ ଅଧୀନରେ ୩୩୮ଟି ବ୍ଲକ୍-ସ୍ତରୀୟ କେନ୍ଦ୍ର ଓ ୩୦ଟି ଜିଲ୍ଲା-ସ୍ତରୀୟ କେନ୍ଦ୍ର ନିର୍ମାଣ ବ୍ୟବସ୍ଥା କରାଯାଇଥିଲା, ଯାହା ମଧ୍ୟରୁ ୩୨୨ଟି ବ୍ଲକ୍ କେନ୍ଦ୍ର ଓ ୧୩ଟି ଜିଲ୍ଲା କେନ୍ଦ୍ର ସମ୍ପୂର୍ଣ୍ଣ ହୋଇଛି। ମୋ ସରକାର ଦକ୍ଷତା, ଉତ୍ପାଦକତା ଏବଂ ଉଦ୍ୟୋଗ ପ୍ରସ୍ତୁତିରେ ଉନ୍ନତି ଆଣିବା ପାଇଁ କ୍ଷମତା ବୃଦ୍ଧି ଉପରେ ପ୍ରମୁଖ ଗୁରୁତ୍ୱ ଦେଇଛନ୍ତି। ଏମିତି ବହୁ ଲୋକ ହିତକର ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣ ଏକତରଫା ଓ ସରାକରଙ୍କୁ ଅଯଥାରେ ପ୍ରଶଂସା କରୁଛନ୍ତି ବୋଲି ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।

ବିଧାନସଭାର ବଜେଟ୍ ...

ଆରମ୍ଭ କରିଥିଲେ। ଶେଷରେ ବି ସେ ଜୟ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରିଥିଲେ। ଉଲ୍ଲେଖନୀୟ ଯେ, ଫେବୃଆରୀ ୧୭ରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବ୍ରୁଆରୀ ୨୦ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିବେ ଆର୍ଥିକ ବର୍ଷ୨୦୨୬-୨୭ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍। ହେଲେ ଏଥିପୂର୍ବରୁ ଅର୍ଥାତ ଫେବ୍ରୁଆରୀ ୧୮ ଓ ୧୯ରେ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ମାର୍ଚ୍ଚ ୩୦ରେ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ। ଏପ୍ରିଲ ୧ରୁ ଗୃହ ଉଚ୍ଚଳ ଦିବସ ପାଇଁ ବନ୍ଦ ରହିବ। ଏପ୍ରିଲ ୨ ଓ ଏପ୍ରିଲ ୮ରେ ପ୍ରାଇଭେଟ୍ ମେମ୍ବରଙ୍କ ବିଲ ଆଗତ ପାଇଁ ଦୁଇଦିନ ଧାର୍ଯ୍ୟ ହୋଇଛି। ଶେଷରେ ଏପିଲ ୮ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୂଲତବୀ କରିବାର କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଛି।

ଅନୁଗୋଳ ପର୍ଯ୍ୟବେକ୍ଷଣ...

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସକାଳେ ବ୍ୟାୟାମ, ମଧ୍ୟାହ୍ନରେ ଶିକ୍ଷାଦାନ ସହିତ ଅପରାହ୍ନରେ ବିଭିନ୍ନ ପ୍ରକାର ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଏଥିପାଇଁ ତାଲିମପ୍ରାପ୍ତ ଅଧିକାରୀ ଏହି ନାବାଳକ ଅଭିଯୁକ୍ତଙ୍କୁ ଶିକ୍ଷା ଦେଇଥାନ୍ତି। ଶନିବାର ଅପରାହ୍ନରେ ସବୁଦିନ ପରି ନାବାଳକ ଅପରାଧୀମାନେ ପରିସର ମଧ୍ୟରେ ଖେଳକୁଦ କରିଥିଲେ। ପାଚେରୀ ତଳେ ଦୀର୍ଘଦିନ ଧରି ଖୋଲା ହୋଇ ପଡ଼ିରହିଥିବା ଗାତ ଦେଇ ଦୁହେଁ ଫେରାର୍ ହେବାକୁ ଯୋଜନା କରିଥିଲେ। ଶନିବାର ଅପରାହ୍ନରେ ପର୍ଯ୍ୟବେକ୍ଷଣ ଗୃହ ପରିସରରେ ନାବାଳକ ଅପରାଧୀମାନେ ଖେଳକୁଦ କରୁଥିବା ବେଳେ ଏହାର ସୁଯୋଗ ନେଇ ସମ୍ପୃକ୍ତ ଦୁହେଁ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଚକ୍ମା ଦେବା ସହ ଗାତ ଦେଇ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ବାହାରେ ପ୍ରଘଟ ହେବାପରେ ପର୍ଯ୍ୟବେକ୍ଷଣ ଗୃହ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ଅପରାହ୍ନରେ ଏକ ଲିଖିତ ଏତଲା ଦିଆଯାଇଛି। ଉକ୍ତ ଏତଲାକୁ ଭିତ୍ତିକରି ଅନୁଗୋଳ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପରୀକ୍ଷା ଦେବେ ୪ଲକ୍ଷ...

କଡାକଡି କରାଯାଇଛି। ଯେଉଁମାନେ ପ୍ରଶ୍ନ ପତ୍ର ଲିକ କରିବେ କିମ୍ବା କୌଣସି ଭୁଲ ଖବର କିମ୍ବା ଗୁଜବକୁ ପ୍ରଚାର କରିବେ ସେମାନଙ୍କ ବିରୋଧରେ ୧୯୮୮ ପରୀକ୍ଷା ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟରେ ଖରା ତାତିକୁ ଦୃଷ୍ଟିରେ ରଖି ପରୀକ୍ଷା ହଲରେ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ହଲରେ ପିଲାମାନଙ୍କ ପାଇଁ ଓଆରଏସ ପାଣିର ବ୍ୟବସ୍ଥା କରାଯାଇଛି। ଏହା ସହ ଗରମରୁ ରକ୍ଷା ପାଇବା ପାଇଁ ଫ୍ୟାନ ମଧ୍ୟ ଲଗାଯାଉଛି।ବିଶେଷକରି ପରୀକ୍ଷାପରିଚାଳନା, ମୂଲ୍ୟାଙ୍କନ ପ୍ରକ୍ରିୟା ଏବଂ ରେଜଲ୍ଟ ପ୍ରକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ପରୀକ୍ଷାନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ ପରିଡା ସୂଚନା ଦେଇଛନ୍ତି। ପରୀକ୍ଷା ଶେଷ ହେବାର ୪୫ଦିନ ମଧ୍ୟରେ ସମସ୍ତ ଷ୍ଟ୍ରିମ୍‌ର ରେଜଲ୍ଟ ପ୍ରକାଶ ପାଇବ ବୋଲି ଜଣାପଡିଛି। ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଅର୍ଥାତ ୨୩ ଦିନ ଧରି ଯୁକ୍ତଦୁଇ ପରୀକ୍ଷା ଚାଲିବ।

ବାଂଲାଦେଶର ନୂଆ...

ସମାରୋହ ମଙ୍ଗଳବାର ଅପରାହ୍ନ ୪ଟାରେ ଢାକାର ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହୋଇଥିଲା। ଏହାପୂର୍ବରୁ ଆଜି ଅପରାହ୍ନରେ, ବିଏନ୍‌ପି ସଂସଦମାନେ ତାରିକ୍ ରେହମାନ୍‌ଙ୍କୁ ସଂସଦୀୟ ଦଳର ନେତା ଭାବରେ ନିର୍ବାଚିତ କରିଥିଲେ। ଶପଥ ସମାରୋହରେ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାରିକ୍ ରେହମାନଙ୍କ ସହିତ ନୂତନ ସରକାରଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ଗ୍ରହଣ କରିଥିଲେ। ରେହମାନଙ୍କ ବ୍ୟତୀତ, ୨୫ ଜଣ କ୍ୟାବିନେଟ ମନ୍ତ୍ରୀ ଏବଂ ୨୪ ଜଣ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଏଥିରେ ଡକ୍ଟର ଖଲିଲୁର ରହମାନ (ବୈଦେଶିକ ମନ୍ତ୍ରୀ), ସଲାହୁଦ୍ଦିନ ଅହମ୍ମଦ (ସ୍ୱରାଷ୍ଟ୍ର ମନ୍ତ୍ରୀ), ଡକ୍ଟର ଆମିର ଖସରୁ ମହମୁଦ (ଅର୍ଥ ଏବଂ ଯୋଜନା ମନ୍ତ୍ରୀ) ଏବଂ ଶାମା ଓବୈଦ (ବୈଦେଶିକ ରାଷ୍ଟ୍ରମନ୍ତ୍ରୀ) ପ୍ରମୁଖ ସାମିଲ ଅଛନ୍ତି। ସେହିପରି ଏକମାତ୍ର ହିନ୍ଦୁ ମନ୍ତ୍ରୀ ଭାବେ ନିତାଇ ରାୟ ଚୌଧୁରୀ ଏବଂ ଜଣେ ବୌଦ୍ଧ ମନ୍ତ୍ରୀ, ଦୀପେନ ଦିୱାନ ଚକ୍‌ମାଙ୍କୁ ମଧ୍ୟ ତାରିକ୍ ନିଜ ମନ୍ତ୍ରିମଣ୍ଡଳରେ ଅନ୍ତର୍ଭୁକ୍ତ କରିଛନ୍ତି। ୨୫ କ୍ୟାବିନେଟ ମନ୍ତ୍ରୀଙ୍କ ମଧ୍ୟରୁ ୧୭ ଜଣ ନୂଆ ମୁହଁ। ସମସ୍ତ ୨୪ ଜଣ ରାଷ୍ଟ୍ରମନ୍ତ୍ରୀ ନୂଆ। ଶପଥ ଗ୍ରହଣ ସମାରୋହ ପାଇଁ ବିଶ୍ୱର ବିଭିନ୍ନ ଦେଶକୁ ନିମନ୍ତ୍ରଣ କରାଯାଇଥିଲା। ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଉତ୍ସବରେ ଯୋଗଦେବା ପାଇଁ ଢାକାରେ ପହଞ୍ଚିଥିଲେ, ଯେଉଁଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଉଭୟ ଶ୍ରୀ ବିର୍ଲା ଏବଂ ମିଶ୍ରି ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ତାରିକ୍ ରେହମାନ୍‌ଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଛନ୍ତି। ଏମାନଙ୍କ ବ୍ୟତୀତ, ମାଲେସିଆର ପ୍ରଧାନମନ୍ତ୍ରୀ, ପାକିସ୍ତାନ, ମାଳଦ୍ୱୀପ, ତୁର୍କୀ ଏବଂ ଶ୍ରୀଲଙ୍କାର ପ୍ରତିନିଧିମାନେ ଉତ୍ସବରେ ଉପସ୍ଥିତ ଥିଲେ। ଚୀନ୍, ସାଉଦି ଆରବ, ୟୁଏଇ ଏବଂ ବ୍ରୁନେଇକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଗତ ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୋଟ୍ ୨୯୯ ଆସନରୁ ୨୦୯ଟି ଜିତିଥିଲା, ଯାହା ୧୫୦ ସଦସ୍ୟ ବିଶିଷ୍ଟ ସଂଖ୍ୟାଗରିଷ୍ଠତା ଅଙ୍କ ଅତିକ୍ରମ କରିଥିଲା। ଏହାର ସହଯୋଗୀ ଦଳଗୁଡ଼ିକ ମଧ୍ୟ ତିନୋଟି ଆସନ ଜିତିଥିଲେ।

ଟ୍ରଲର୍-ବାଇକ୍ ଧକ୍କା...

ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଏଥିରେ ପରଜା ସମାଜର ନାଥ ଜାତି, ଯୁଧୀଷ୍ଠିର ଝଡ଼ିଆ, ଶଙ୍କର ମୁଦୁଲି ଓ ଆଦିବାସୀ ସମାଜର ଶିବ ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶବ ବ୍ୟବଚ୍ଛେଦ ନେଇ ଟିକିରି ପୁଲିସ୍ କାଶୀପୁର ସିଏଚ୍‌ସି ଓ ରାୟଗଡ଼ା ଡାକ୍ତରଖାନାରେ ପହଞ୍ଚିଥିବା ଜଣାଯାଇଛି। ଅନ୍ୟପଟେ ଦୁର୍ଘଟଣା ରୋକିବା ଦିଗରେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବା ସହିତ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦୃଢ଼ ଭାବେ ଦାବି କରିଛନ୍ତି। ଏହି ଘଟଣାରେ ଟିକିରି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଟିକିରି ଥାନାଧିକାରୀ ଡିକେ ମିଶ୍ର କହିଛନ୍ତି।

ମାଟ୍ରିକ ପରୀକ୍ଷା ପାଇଁ...

କେନ୍ଦ୍ର ନିମନ୍ତେ ୫ଟି, ବ୍ରହ୍ମପୁର ଯୋନରେ ୫ଟି, ସମ୍ବଲପୁର ଯୋନରେ ୧୦ ଏବଂ ଜୟପୁର ଯୋନରେ ୪ଟି ସ୍କ୍ୱାର୍ଡ଼ ଗଠନ ହୋଇଛି। ପରୀକ୍ଷା କେନ୍ଦ୍ରରେ କେଉଁ ସୁବିଧା ରହିବ, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା କିଭଳି ନିର୍ଦ୍ଧାରିତ ସମୟ ଅନୁଯାୟୀ ପହଞ୍ଚିବ, ସେଥିପାଇଁ କରାଯାଇଥିବା ବ୍ୟବସ୍ଥାକୁ ଅନୁପାଳନ ନିମନ୍ତେ କୁହାଯାଇଛି। ଗତ ୧୦ ତାରିଖ ଠାରୁ ନୋଡ଼ାଲ ସେଣ୍ଟର ଗୁଡ଼ିକୁ ବୋର୍ଡ଼ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ପଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ମଂଗଳବାର ସବୁ ନୋଡ଼ାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ନେଇ ସୂଚନା ମିଳିଛି। ରାଜ୍ୟରେ ଚଳିତବର୍ଷ ୫ଲକ୍ଷ ୬୧ହଜାର ୯୭୯ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ପ୍ରତିଦିନ ପରୀକ୍ଷା ଶେଷ ପରେ ଅଧିକ୍ଷକ ବୋର୍ଡ଼କୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ବୋର୍ଡ଼ର କମାଣ୍ଡ କଣ୍ଟ୍ରୋଲ ରୁମରୁ ସଂପୂର୍ଣ୍ଣ ପରୀକ୍ଷା ନିୟନ୍ତ୍ରଣ ହେବ ବୋଲି ବୋର୍ଡ଼ ସଭାପତି ସୂଚନା ଦେଇଛନ୍ତି।

ନିମାପଡ଼ାରେ ବିଜେଡିର ଜିଲ୍ଲାସ୍ତରୀୟ ବିକ୍ଷୋଭ ସମାବେଶ

ନିମାପଡ଼ା,୧୭।୨/ଏନ୍‌ଏନ୍‌ଏସ୍: ରାଜ୍ୟ ସରକାରଙ୍କର ଚାଷୀ ମାରଣ ନୀତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ପ୍ରତିଶ୍ରୁତି ପାଳନ କ୍ଷେତ୍ରରେ ବିଫଳତା ବିରୁଦ୍ଧରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ନିମାପଡ଼ାରେ ବିଜେଡ଼ି ତରଫରୁ ପୁରୀ ଜିଲ୍ଲାସ୍ତରୀୟ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ବିଜେଡ଼ି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ତୁଷାରକାନ୍ତି ବେହେରା, ବିଧାୟକ ସୁନୀଲ ମହାନ୍ତି, ରାଜ୍ୟ ସଭା ସାଂସଦ ସୁଭାଶିଷ ଖୁଂଟିଆ, ପୂର୍ବତନ ବିଧାୟକ ସଂଜୟ ଦାଶବର୍ମା, ରୁଦ୍ର ପ୍ରତାପ ମହାରଥୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଜିଲ୍ଲା ମହିଳା

ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଗୋପ ବ୍ଲକ୍ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ଏନ୍.କେ. ରାଜା, ସୁବ୍ରତ ଛାଟୋଇ, ମାନସ ପ୍ରଧାନ, ଭାଗ୍ୟଧର ଖଟୋଇ, ବିଜୟ ପଟ୍ଟନାୟକ, ଦିଲ୍ଲୀପ ପାତ୍ର, ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗଦାନ କରି ରାଜ୍ୟ ସରକାର ବିରୁଦ୍ଧରେ ବର୍ଷିଥିଲେ। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା ଘୋଷଣା କରି ମଣ୍ଡିରେ ଚାଷୀ ମାନଙ୍କୁ ଶୋଷଣ ଓ ମାରଣ ନୀତି ଚାଲିଥିବା ପ୍ରତିବାଦ କରାଯାଇଥିଲା। ଇତ୍ୟବସରରେ ଏକ ରାଲି ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଟାଉନ୍‌ହଲ୍ ପର୍ଯ୍ୟନ୍ତ ଯାଇଥିଲା। ସମାବେଶରେ ୩ ହଜାର ଚାଷୀ ସାମିଲ ହୋଇଥିଲେ।

ପୁରୀ ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ପୁରୀ,୧୭।୨/ଏନ୍‌ଏନ୍‌ଏସ୍: ପୁରୀ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଙ୍କ ସହ ଅନ୍ୟ ସମସ୍ତ ବିଧାନସଭାର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଗଣଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ପୁରୀ ବିଧାନସଭାର ଅନେକ ତଥ୍ୟ ପ୍ରଦାନ କରି କୋଉଠି ଜିରୋ ନମ୍ବର ଘର ତ କୋଉଠି ଘର ନମ୍ବର ଜାଗାରେ ଅନେକ ସହିର ନାମ ଥିବା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଭୋଟର ପ୍ରକୃତ ଭୋଟର ନୁହନ୍ତି ବୋଲି ସନ୍ଦେହ ପ୍ରକାଶ କରିବା ସହ ପୁରୀରେ ଆନ୍ଧ୍ରପ୍ରଦେଶର ଅନେକ ଭୋଟର, କୋଲକାତାର ଅନେକ ଭୋଟର, ଝାଡ଼ଖଣ୍ଡର ଅନେକ ଭୋଟରଙ୍କ ସହ ଛତିଶଗଡ଼ ଏବଂ ଅନ୍ୟ ରାଜ୍ୟରେ ଭୋଟର ଆଇଡି ଥିବା ଲୋକଙ୍କ ଏଠାରେ ଭୋଟର ଆଇଡି ହୋଇଛି ଏବଂ ଭୋଟ ମଧ୍ୟ ଦେଇଛନ୍ତି ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଉକ୍ତି ବାଢ଼ିବା ସହ ଏହାର ପ୍ରମାଣ ସହ ଖୁବଶୀଘ୍ର ଜିଲ୍ଲାପାଳ ଅଫିସ ଘେରାଉ ହେବ ବୋଲି କହିଥିଲେ। ଏଥିସହ ପର୍ଯ୍ୟଟନ କ୍ଷେତ୍ରରେ ପ୍ରତ୍ୟକ ଦିନ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି ହେଲେ ପୁରୀରେ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା ପୁରା ବିପର୍ଯ୍ୟସ୍ତ। ସାଧାରଣ ପେଟ କାଟିଲେ ଭୁବନେଶ୍ୱର ଯିବାକୁ ପଡୁଛି ନହେଲେ କଟକ ରେଫର୍ ହେଉଛନ୍ତି ରୋଗୀ। ପୁରୀ ସରକାରୀ ଡାକ୍ତରଖାନା ଉପରୁ ଲୋକଙ୍କ ଭରସା ଉଠି ଯାଇଥିବାବେଳେ ଅନେକ ଜୀବନ ପ୍ରତ୍ୟକ ଦିନ ଯାଉଛି କହିଲେ ଚଳେ। ଡବଲ ଇଞ୍ଜିନ ସରକାରର ପୁରୀର ଲୋକସଭା ପ୍ରାର୍ଥି ନିର୍ବାଚନ ପୂର୍ବରୁ ଉଠାଦୋକାନୀଙ୍କ ସମସ୍ୟା ଦୂରକରିବେ କହିଥିଲେ ମଧ୍ୟ ଚୁପ୍ କାହିଁକି ବୋଲି ପ୍ରଶ୍ନ କରିଥିଲେ ? ପୁରୀରେ ହଜାର ହଜାର ହୋଟେଲ ଶିଳ୍ପ ହେଲେ ପୁରୀରେ ଗୋଟେ ସ୍କିଲ-ଡେଭଲପ୍‌ମେଣ୍ଟ ଟ୍ରେନିଙ୍ଗ ସେଣ୍ଟର ନାହିଁ ବୋଲି ଆଜି ପୁରୀରେ ୩୦ହଜାରରୁ ଊର୍ଦ୍ଧ୍ୱ ଅଲଗା ରାଜ୍ୟର ଯୁବକ ପୁରୀର ହୋଟେଲ ଶିଳ୍ପରେ ନିଯୁକ୍ତି କରୁଛନ୍ତି। କ'ଣ ପାଇଛି ଡବଲ ଇଞ୍ଜିନ ସରକାରରେ ପୁରୀ ବୋଲି ପ୍ରଶ୍ନ କରିଥିଲେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ। ଏଥିସହ ପୁରୀରେ ପ୍ରତ୍ୟକ ନିର୍ବାଚନ ମଣ୍ଡଳୀର ଯୁବକମାନେ ଏହି କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବା ସହ ସମସ୍ତଙ୍କୁ କାର୍ଯ୍ୟପନ୍ଥା ବଣ୍ଟାଯାଇଛି। ଆଗାମୀ ଦିନରେ ଜିଲ୍ଲା ଯୁବ କଂଗ୍ରେସ ଓ ପ୍ରତ୍ୟକ ବିଧାନସଭା ସ୍ତରର କାର୍ଯ୍ୟକାରୀ କମିଟି ମଜବୁତର ସହ ପୁନଃ ଗଠନ କରାଯିବାକୁ ବୈଠକରେ ସ୍ଥିରୀକୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ନେତା ଏବଂ ପୂର୍ବତନ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସର ବରିଷ୍ଠ ନେତା ମାନେ ସାମିଲ ହୋଇଥିଲେ।

୧୩ କେନ୍ଦ୍ରରେ ୨୦୦୬ ମାଟ୍ରିକ୍ ପରୀକ୍ଷାର୍ଥୀ

ଦଶପଲ୍ଲା,୧୭।୨/ଏନ୍‌ଏନ୍‌ଏସ୍: ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ମାଧ୍ୟମ ରେ ଆସନ୍ତା ୧୯ ତାରିଖ ରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା। ଚଳିତ ବର୍ଷ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକ୍‌ର ୧୩ଟି ପରୀକ୍ଷା କେ

ତତଃ ପଦଂ ତତ୍‌ପରିମାର୍ଗିତବ୍ୟଂ
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ। (୧୫/୪)

ତତ୍‌ପରେ ଯାହାଙ୍କୁ ପାଇଥିବା ଲୋକମାନେ ଆଉ ସଂସାରକୁ ଫେରନ୍ତି ନାହିଁ। ଅର୍ଥାତ ଯାହାଙ୍କୁ ପାଇଲେ ଆଉ ପୁନର୍ଜନ୍ମ ହୁଏ ନାହିଁ। ଯାହାଙ୍କ ଠାରୁ ଏହି ଚିରନ୍ତନ ସଂସାର ପ୍ରଭୃତିର ବିସ୍ତାର ହୋଇଛି 'ମୁଁ ସେହି ଆଦି ପୁରୁଷଙ୍କର ଶରଣ ନେଉଅଛି' ଏହିପରି ସଂକଳ୍ପ କରି ତାଙ୍କର ଅନ୍ୱେଷଣ କରିବାକୁ ହେବ।

ଶ୍ରୀ ରାମକୃଷ୍ଣ କହନ୍ତି - ଚୋରକୁ ଦେଖିବା କ୍ଷଣି ଚୋର ଦୌଡ଼ିକି ପଳାଇଯାଏ। ଠିକ୍ ସେପରି ତୁମେ ଯେତେବେଳେ ମାୟାର ଚରିତ୍ରକୁ ଜାଣିପାରିବ ଓ ଦେଖିପାରିବ ସେତେବେଳେ ମାୟା ତୁମ ଠାରୁ ଅନ୍ତର୍ଦ୍ଧାନ ହେଇଯିବ।

ଆଜିର ଇତିହାସ

- ୧୯୦୫-ଶ୍ୟାମଜୀ କୃଷ୍ଣବର୍ମା ଭାରତରେ ହୋମ୍ ରୁଲ୍ ଲିଗ୍‌ର ସ୍ଥାପନା କରିଥିଲେ।
- ୧୯୧୧-ଦେଶରେ ବିମାନ ଦ୍ୱାରା ଡ଼ାକସେବା ଆରମ୍ଭ ହୋଇଥିଲା।
- ୧୯୪୬-ମୁମ୍ବାଇ ଠାରେ ରୟାଲ୍ ଇଣ୍ଡିଆନ ନାଭିର ବିଦ୍ରୋହ ହୋଇଥିଲା।
- ୧୯୯୯-ବାଂଲାଦେଶ ଓ ଭାରତ ମଧ୍ୟରେ ବସ୍ ସେବା ଉପରେ ବୁଝାମଣା ହୋଇଥିଲା।
- ୨୦୦୬-ଭାରତ ଓ ପାକିସ୍ତାନ ମଧ୍ୟରେ ଥାର୍ ଏକ୍ସପ୍ରେସ୍ ଆରମ୍ଭ ହୋଇଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ

ଦିନଟି ଶୁଭ। ଧନ ଲାଭ ଯୋଗ ଅଛି। ଭାଗ୍ୟ ପ୍ରବଳ ରହିବ। କାର୍ଯ୍ୟରେ ସଫଳତା ପାଇବେ। ଚାକିରିରେ ଉନ୍ନତି ମିଳିପାରେ। ଛୋଟ ପ୍ରବାସରେ ଯାଇପାରନ୍ତି। ବିଦେଶରୁ ଖୁବ୍ ଭଲ ଖବର ମିଳିପାରେ।

ବୃଷ

ଦିନଟି ମିଶ୍ରିତ ଫଳ ଦେବ। ବ୍ୟବସାୟ ବୃଦ୍ଧି ସମ୍ଭାବନା ରହିଛି। ଅଫିସ୍‌ରେ କାମ ଅଧିକ ରହିବ। ଗୃହସ୍ଥ ଜୀବନରେ ମଧୁରତା ରହିବ। ବିଦେଶ ଯିବାର ଅବସର ପାଇବେ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଉତ୍ତମ।

ମିଥୁନ

ଦିନଟି ଖୁବ୍ ଭଲ। ବଡ଼ଙ୍କ ଆଶୀର୍ବାଦ ପାଇବେ। ନୂଆ ଉର୍ଜାର ସଂଚାର ହେବ। ନୂଆ କାମ ଆରମ୍ଭ କରିପାରନ୍ତି। ଆର୍ଥିକ ଲାଭ ଯୋଗ ଅଛି। ଅସହଜ ଅନୁଭବ କରିପାରନ୍ତି। ବିଦେଶରୁ ଶୁଭ ଖବର ମିଳିବ।

କର୍କଟ

ଦିନଟି ସାମାନ୍ୟ ରହିବ। କାର୍ଯ୍ୟକ୍ଷେତ୍ରରେ ବାଧା ଉତ୍ପନ୍ନ ହେବ। ଧନ ପ୍ରାପ୍ତି ଯୋଗ ରହିଛି। ଯୋଗ ଓ ଧ୍ୟାନରୁ ମାନସିକ ଶାନ୍ତି ପାଇବେ। ନୂଆ ଲୋକଙ୍କ ସହିତ ପରିଚୟ ହେବ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିପାରନ୍ତି।

ସିଂହ

ଦିନଟି ଶୁଭ। କଠିନ ପରିଶ୍ରମର ପରିଣାମ ପାଇବେ। ବ୍ୟାପାର ବୃଦ୍ଧି ଯୋଗ ରହିଛି। ଅଫିସ୍‌ର ସହଯୋଗ ପାଇବେ। ମିତ୍ରଙ୍କ ଠାରୁ ଲାଭ ପାଇବେ। ସାମାଜିକ ସ୍ତରରେ ସଫଳତା ମିଳିବ।

କନ୍ୟା

ଦିନଟି ମିଶ୍ରିତ ଫଳାଫଳ ଦେବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ମନରେ ଅଶାନ୍ତି ରହିବ। ବାଣୀରେ ମଧୁରତା ରହିବ। ଖର୍ଚ୍ଚ ଅଧିକତା ରହିବ। ପୁରୁଣା କଥାକୁ ନେଇ ଚାପ ସୃଷ୍ଟି ହେବ।

ତୁଳା

ଦିନଟି ଶୁଭ ଫଳଦାୟୀ। କାରବାରରୁ ଆର୍ଥିକ ଲାଭ ପାଇବେ। ଧନ ପ୍ରାପ୍ତି ଯୋଗ ରହିଛି। ଖୁସିର ପରିବେଶ ପାଇବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖନ୍ତୁ। ବାଣୀରେ ସଂଯମ ରଖନ୍ତୁ। ମନ ପ୍ରସନ୍ନ ରହିବ।

ବିଛା

ଦିନଟି ସାମାନ୍ୟ ରହିବ। ଧନ ଲାଭ ସ୍ଥିତି ରହିଛି। ବିଦ୍ୟାର୍ଥୀଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ପିତାଙ୍କ ଠାରୁ ଲାଭ ପାଇବେ। କ୍ରୋଧ ଉପରେ କାବୁ ପାଇବା ଜରୁରୀ। ଯାତ୍ରା ଯୋଗ ରହିଛି।

ଧନୁ

ଦିନଟି ଖୁବ୍ ଭଲ। ଧନ ଲାଭର ସଂକେତ ମିଳୁଛି। ଯାତ୍ରା ଯୋଗ ରହିଛି। ବାଣୀରେ ସଂଯମ ରଖନ୍ତୁ। କୌଣସି ସମାରୋହକୁ ଯାଇପାରନ୍ତି। କିଣାକିଣିରେ ଅଧିକ ଖର୍ଚ୍ଚ ହେବ। ସଫଳତା ପାଇବେ।

ମକର

କାରବାରରେ ଆର୍ଥିକ ଯୋଗ ରହିଛି। ପତି-ପତ୍ନୀଙ୍କ ମଧ୍ୟରେ ତାଳମେଳ ରଖିବେ। ମିତ୍ରଙ୍କ ପଛରେ ଧନ ଖର୍ଚ୍ଚ ହେବ। କ୍ରୋଧ ଉପରେ କାବୁ ପାଇବେ। ଭ୍ରମଣ ଯୋଗ ରହିଛି। ସ୍ୱାସ୍ଥ୍ୟ ସଚେତନତା ଜରୁରୀ।

କୁମ୍ଭ

ଦିନଟି ସାମାନ୍ୟ ରହିବ। ଆର୍ଥିକ ଲାଭ ଯୋଗ ରହିଛି। ମନରେ ନୂଆ ବିଚାର ଆସିବ। ଭଲ କମ୍ପାନୀର ଅଫର୍ ଆସିପାରେ। ପରିବାରରେ ମତଭେଦ ରହିବ। ଅନାବଶ୍ୟକ ଖର୍ଚ୍ଚ ହେବ।

ମୀନ

ଦିନଟି ମିଶ୍ରିତ ଫଳଦାୟୀ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ମିତ୍ରଙ୍କ ସହିତ ସାକ୍ଷାତ ସମ୍ଭବ। ଶାରୀରିକ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଅନାବଶ୍ୟକ ଖର୍ଚ୍ଚ ଚାପ ଦେବ। ଆତ୍ମବିଶ୍ୱାସର ଅଭାବ ରହିବ।

ଅସାଧାରଣ ବିଦ୍ୱାନ-
ଶ୍ରୀ ଚୈତନ୍ୟ ମହାପ୍ରଭୁ

ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଆଦି ଆଚାର୍ଯ୍ୟ ହେଉଛନ୍ତି ଶ୍ରୀ ଚୈତନ୍ୟ ମହାପ୍ରଭୁ। ଭଜନ, କୀର୍ତ୍ତନ ଓ ଗାୟନକୁ ଏକ ନୂଆ ଶୈଳୀ ସେ ପ୍ରଦାନ କରିଥିଲେ ଯାହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ଭାବରେ ଲୋକମାନେ ମାନନ୍ତି। ସେ ବୈଷ୍ଣବ ଧର୍ମର ଜଣେ ପ୍ରଚାରକ, ଭକ୍ତିକାଳ ସହିତ ଜଡ଼ିତ ଜଣେ ମହାନ ସନ୍ଥ ଓ ପ୍ରମୁଖ କବି ଥିଲେ। ଜାତିପ୍ରଥାର ଜଞ୍ଜିରକୁ ଭାଙ୍ଗି ସମସ୍ତ ମାନବ ଜାତିକୁ ଏକ ସୂତ୍ରରେ ବାନ୍ଧିବା ପାଇଁ ଚୈତନ୍ୟ ମହାପ୍ରଭୁ ହରିନାମ ସଂକୀର୍ତ୍ତନ ଆନ୍ଦୋଳନର ଆରମ୍ଭ କରିଥିଲେ। ବିଲୁପ୍ତ ହେଉଥିବା ବୃନ୍ଦାବନକୁ ପୁଣି ଥରେ ସ୍ଥାପିତ କରିବା ଦିଗରେ ତାଙ୍କର ରହିଛି ମୁଖ୍ୟ ଯୋଗଦାନ। ଫାଲ୍‌ଗୁନ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ବଙ୍ଗର ନବଦ୍ୱୀପ ନାମକ ଗ୍ରାମ (ବର୍ତ୍ତମାନର ମାୟାପୁର)ରେ ୧୪୮୬ରେ ସେ ଜନ୍ମଗ୍ରହଣ କରିଥିଲେ। ସାଧାରଣତଃ କୌଣସି ଶିଶୁ ମାତୃଗର୍ଭରେ ନଅ ମାସ ରହୁଥିବା ବେଳେ ସେ ତାଙ୍କ ମା'ଙ୍କ ଗର୍ଭରେ ୧୩ ମାସ ରହିଥିଲେ। ମାତ୍ର ୧୫-୧୬ ବର୍ଷରେ ତାଙ୍କର ବିବାହ ହୋଇଥିଲା ଲକ୍ଷ୍ମୀ ଦେବୀଙ୍କ ସହିତ। ତାଙ୍କର ମୃତ୍ୟୁ ହେବା ପରେ ଚୈତନ୍ୟ ଦେବ ଦ୍ୱିତୀୟ ବିବାହ କରିଥିଲେ।

ଚୈତନ୍ୟ ମହାପ୍ରଭୁ ଭକ୍ତିକୁ ହିଁ ମୁକ୍ତି ମାର୍ଗ ବୋଲି ମାନୁଥିଲେ। କୃଷ୍ଣ ଭକ୍ତିର ଧନୀ ଶ୍ରୀ ଚୈତନ୍ୟ ମହାପ୍ରଭୁ, ୨୪ ବର୍ଷ ବୟସରେ ଗୃହତ୍ୟାଗ କରି ସନ୍ନ୍ୟାସ ନେଇ କୃଷ୍ଣଭାବନାମୃତର ଶିକ୍ଷା ଦେବାକୁ ଲାଗିଲେ। ଏହାର ଉଦ୍ଦେଶ୍ୟ ଥିଲା କୃଷ୍ଣଙ୍କ ନାମ ପ୍ରଚାର, ସଂସାରରେ ଭଗବତ୍‌ଭକ୍ତି ଓ ଶାନ୍ତିର ସ୍ଥାପନା କରିବା। ସେଥିପାଇଁ ଶ୍ରୀ ଚୈତନ୍ୟ ମହାପ୍ରଭୁ କୃଷ୍ଣ ନାମର କୀର୍ତ୍ତନ ଓ ଭଜନ କରିବା ଆରମ୍ଭ କଲେ ଯାହାପରେ ଅଳ୍ପ ଦିନ ଭିତରେ ତାଙ୍କର ଅନେକ ଶିଷ୍ୟ ହୋଇଯାଇଥିଲେ। କେବଳ ଏତିକି ନୁହେଁ ଅନେକ ଅଦ୍ୱୈତ ବେଦାନ୍ତୀ ଓ ସନ୍ନ୍ୟାସୀ ମଧ୍ୟ ତାଙ୍କ ସଙ୍ଗରେ କୃଷ୍ଣପ୍ରେମୀ ହୋଇଯାଇଥିଲେ। ଅନେକ ଗ୍ରନ୍ଥର ସେ ରଚନା କରିଥିଲେ ମଧ୍ୟ ଆଜି କେବଳ ଆଠଟି ଶ୍ଲୋକ ଥିବା ଶିକ୍ଷାଷ୍ଟକ ବ୍ୟତୀତ ବାକି ସବୁ ନଷ୍ଟ ହୋଇଯାଇଛି। ଏହି ଶିକ୍ଷାଷ୍ଟକରେ ସେ ଶ୍ରୀକୃଷ୍ଣଙ୍କୁ ଏକମାତ୍ର ଦେବ କହି- ହରେ-କୃଷ୍ଣ, ହରେ-କୃଷ୍ଣ, ହରେ-କୃଷ୍ଣ, ହରେ-ହରେ। ହରେ-ରାମ, ହରେ-ରାମ, ରାମ-ରାମ, ହରେ-ହରେ ଜୀର୍ତ୍ତନ ମହାମନ୍ତ୍ର ଓ ଶ୍ରୀ ହରିନାମ ସଂକୀର୍ତ୍ତନ ପୂରା ବିଶ୍ୱକୁ ପ୍ରଦାନ କରି ଯାଇଛନ୍ତି। ଷୋଡ଼ଶ ଶତାବ୍ଦୀ ବେଳକୁ ବୃନ୍ଦାବନ ନିଜର ପରିଚୟ ହରେଇ ସାରିଥିଲା। ୧୫୧୫ରେ ସେ ଭଗବାନ କୃଷ୍ଣଙ୍କ ଜୀବନୀ ସହିତ ଜଡ଼ିତ ପବିତ୍ର ସ୍ଥାନଗୁଡ଼ିକର ସନ୍ଧାନ ନେଇ ପୂରା ବୃନ୍ଦାବନ ଭ୍ରମଣ କରି ବିଲୁପ୍ତ ହୋଇସାରିଥିବା ବୃନ୍ଦାବନକୁ ନୂଆ ଭାବରେ ସ୍ଥାପନା କରିଥିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଭକ୍ତି, ପ୍ରେମ, ଭାବ ଓ ଅସ୍ତିତ୍ୱର ବିଶେଷତାଗୁଡ଼ିକ ଯୁଗ ଯୁଗ ଧରି ମାନବତାକୁ ପ୍ରେରିତ କରୁଥିବ।

ପବିତ୍ର ମାସ-ରମ୍‌ଜାନ

ଇସ୍‌ଲାମ ଧର୍ମର ସବୁଠାରୁ ପବିତ୍ର ମାସ ରମ୍‌ଜାନ୍। ପୂରା ଦୁନିଆର ମୁସଲମାନ ଧର୍ମାବଲମ୍ବୀମାନେ ଏହି ମାସରେ ରୋଜା ରଖନ୍ତି, ନମାଜ ଅଦା କରନ୍ତି ଓ ଆଲ୍ଲାଙ୍କୁ ସ୍ମରଣ କରି ସମୟ ଅତିବାହିତ କରନ୍ତି। ରମ୍‌ଜାନ ମାସ ଆତ୍ମ-ସଂଯମ, ଧୈର୍ଯ୍ୟ, ତ୍ୟାଗ ଓ ଆଧ୍ୟାତ୍ମିକ ଶୁଦ୍ଧିର ପ୍ରତୀକ। ସାଉଦି ଆରବ ଓ ଭାରତରେ ଚନ୍ଦ୍ର ଦେଖିବା ଅନୁସାରେ ରମଜାନ ମାସ ପାଳନ କରାଯାଏ। ରମ୍‌ଜାନର ୨୯ କିମ୍ବା ୩୦ ଦିନର ରୋଜା ପରେ ପାଳନ କରାଯାଏ ଇଦ୍-ଉଲ୍-ଫିତର ପର୍ବ ଯାହା ଖୁସି ଓ ଭାଇଚାରାର ପ୍ରତୀକ। ଇସ୍‌ଲାମୀ କ୍ୟାଲେଣ୍ଡରର ନବମ ମାସରେ ଏହି ପର୍ବ ପାଳନ କରାଯାଏ। ମାସଟି ଏଥିପାଇଁ ପବିତ୍ର କାରଣ ପୈଗମ୍ବର ହଜରତ ମହମ୍ମଦ ଏହି ମାସରେ ପ୍ରଥମ ଥର କୋରାନର ଜ୍ଞାନ ପ୍ରାପ୍ତ କରିଥିଲେ। ୬୧୦ ଖ୍ରୀଷ୍ଟାବ୍ଦରେ ଆଲ୍ଲାଙ୍କ ତରଫରୁ ପ୍ରଥମ ଥର ଯାହା କୁହାଯାଇଥିଲା ତାହା ପବିତ୍ର ଗ୍ରନ୍ଥ କୋରାନର ରୂପରେ ସଂକଳିତ କରାଯାଇଥିଲା। ରମ୍‌ଜାନ ପାଳନ କରିବାର କେତୋଟି ବିଧି ରହିଛି।

ରୋଜା (ଉପବାସ)- ଇସ୍‌ଲାମ୍ ଧର୍ମର ପାଞ୍ଚଟି ଅନିବାର୍ଯ୍ୟ ସ୍ତମ୍ଭ ମଧ୍ୟରୁ ଅନ୍ୟତମ ରୋଜା। ଏଥିରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ରୋଜା ରଖାଯାଏ। ରୋଜାର ଅର୍ଥ ଉପବାସ ରଖିବା। ଏ ସମୟ ମଧ୍ୟରେ ସହରୀ ଓ ଇଫ୍‌ତାର କରାଯାଏ।

ନମାଜ ଓ ତରାବୀହ-ରମ୍‌ଜାନରେ ପାଞ୍ଚ ଥର ନମାଜ ପଢ଼ିବା ବ୍ୟତୀତ ରାତିରେ ବିଶେଷ ନମାଜ ତରାବୀହ ଅଦା କରାଯାଏ।

ଜକାତ ଓ ସଦ୍‌କା-ଏ ମାସରେ ଦାନ-ପୁଣ୍ୟର ରହିଛି ବିଶେଷ ମହତ୍ତ୍ୱ। ଗରିବ ଲୋକଙ୍କୁ ଜକାତ (ଅନିବାର୍ଯ୍ୟ ଦାନ) ଦିଆଯାଏ।

ଶବ୍-ଏ- କଦ୍ର-ରମ୍‌ଜାନର ଶେଷ ଦଶ ରାତ୍ରି ମଧ୍ୟରୁ ଗୋଟିଏ ଖାସ୍ ରାତି ଆସେ ଯାହାକୁ ଲେଲାତୁଲ୍ କଦ୍ର କୁହାଯାଏ। ମାନ୍ୟତା ଅନୁସାରେ ଏହି ରାତିରେ କୋରାନର ନାଜିଲ୍ ହେବା ଆରମ୍ଭ ହୋଇଥିଲା। ସେଥିପାଇଁ ଏହି ରାତିକୁ ଶକ୍ତିର ରାତି ବୋଲି କୁହାଯାଏ।

ବିଦ୍ୟାର୍ଥୀଙ୍କ ପାଇଁ ପଦ୍ମାସନ

ଦ୍ରୁତ ଜୀବନଶୈଳୀ ମଧ୍ୟରେ ସୁସ୍ଥ ରହିବାର ଏକ ସରଳ ଓ ପ୍ରଭାବୀ ଉପାୟ ହେଉଛି ଯୋଗ। ଯୋଗାସନ ନା କେବଳ ଶରୀରକୁ ମଜଭୁତ କରେ ମାନସିକ ସନ୍ତୁଳନ ବି ବଜାୟ ରଖେ। ଏଥିମଧ୍ୟରୁ ଏକ ପ୍ରଭାବଶାଳୀ ଆସନ ହେଉଛି ଉତ୍‌ଥିତ ପଦ୍ମାସନ ଯାହାର ନିୟମିତ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ଲାଭ ମିଳେ। ଅନୁଶାସନ, ସନ୍ତୁଳନ ଓ ଶାରୀରିକ-ମାନସିକ କ୍ଷମତାକୁ ବିକଶିତ କରିବାର ଶ୍ରେଷ୍ଠ ମାଧ୍ୟମ ହେଉଛି ଯୋଗ। ଉନ୍ନତ ପଦ୍ମାସନର ଅଭ୍ୟାସ ଶରୀରର ସନ୍ତୁଳନକୁ ସୁଧାରିବା ସହିତ ଏକାଗ୍ରତା ବୃଦ୍ଧି କରାଏ ଓ ଆଭ୍ୟନ୍ତରୀଣ ଉର୍ଜାକୁ ସକ୍ରିୟ ରଖେ।

ପଦ୍ମାସନର ସ୍ଥିତିରେ ଏହି ଆସନକୁ କରାଯାଏ ଯେଉଁଥିରେ ସାଧକ ହାତଗୁଡ଼ିକ ସାହାଯ୍ୟରେ ପୂରା ଶରୀରକୁ ଭୂମିରୁ ଉପରେ ଉଠାଇ ରଖେ। ଏଥିରେ ହାତ, କାନ୍ଧ, କଲାଇ, ପେଟ ଓ ଭିତରର ମାଂସପେଶୀର ଶକ୍ତି ବୃଦ୍ଧି ହୁଏ। ଉତ୍‌ଥିତ ପଦ୍ମାସନ ପାଇଁ ପ୍ରଥମେ ପଦ୍ମାସନରେ ବସିବେ। ଦୁଇ ହାତର ପାପୁଲିକୁ ଶରୀର ପାଖ ଭୂମିରେ ରଖନ୍ତୁ। ଗଭୀର ଶ୍ୱାସ ନେଇ ହାତଗୁଡ଼ିକରେ ଚାପ ଦିଅନ୍ତୁ ଓ ଧୀରେ ଧୀରେ ପୂରା ଶରୀରକୁ ଉପରକୁ ଉଠାନ୍ତୁ। ବେକ ଓ ମୁଣ୍ଡ ସିଧା କରି ରଖିବେ। ଦୃଷ୍ଟି ସମ୍ମୁଖକୁ କିମ୍ବା ନିମ୍ନ ଭାଗକୁ ଯେପରି ରହିବ। କିଛି ସମୟ ପର୍ଯ୍ୟନ୍ତ ସନ୍ତୁଳନ ବଜାୟ ରଖି ପୁଣି ଧୀରେ ଧୀରେ ସାମାନ୍ୟ ସ୍ଥିତିକୁ ଫେରିବେ।

ଲାଭ-ବିଶେଷଜ୍ଞଙ୍କ ମତରେ ଏହି ଆସନ ପାଚନ ପ୍ରକ୍ରିୟାକୁ ଉନ୍ନତମାନର କରାଏ, କୋଷ୍ଠକାଠିନ୍ୟ ଦୂର ହୁଏ ଓ ପେଟର ମାଂସପେଶୀଗୁଡ଼ିକ ସୁସ୍ଥ ରହେ। ରକ୍ତ ସଂଚାରରେ ସୁଧାର ହୁଏ, ମେଟାବୋଲିଜ୍‌ମ ସକ୍ରିୟ ରହେ ଓ ମାନସିକ ଚାପ କମ୍ ହେବାରେ ଏହା ସାହାଯ୍ୟ କରେ। ବିଶେଷ କରି ଛାତ୍ରଛାତ୍ରୀଙ୍କ ପାଇଁ ଉତ୍‌ଥିତ ଆସନ ଉପଯୋଗୀ ଅଟେ।

ପ୍ଲୁଟୋର ଅନ୍ୱେଷଣ

ପ୍ରତିଦିନ କିଛି ନା କିଛି ନୂଆ ଓ ଅନୋଖା ଅନ୍ୱେଷଣ କରିବାର ଇଚ୍ଛା ରଖିଥିବା ଲୋକଙ୍କର ଅଭାବ ନାହିଁ। ୧୮ ଫେବୃଆରୀ, ୧୯୩୦ରେ ଏପରି ଜଣେ ଜିଜ୍ଞାସୁ ଆମେରିକାର ବୈଜ୍ଞାନିକ କ୍ଲାଇଡ୍ ଟମ୍ ଏକ ବାମନ ଗ୍ରହର ଅନ୍ୱେଷଣ କରିଥିଲେ। ପ୍ରଥମେ ଏହାକୁ ଏକ ଗ୍ରହ ବୋଲି ସମସ୍ତେ ମାନିନେଇଥିଲେ। କିନ୍ତୁ ପରେ ଏହାକୁ ଗ୍ରହର ପରିବାରରୁ ବାହାର କରିଦିଆଗଲା। ଏହି ଗ୍ରହର ନାମ ରଖିବା ପାଇଁ ଜଣେ ଏକାଦଶ ଶ୍ରେଣୀର ଛାତ୍ରୀଙ୍କୁ ପଚରାଯିବାରୁ ସେ ଏହାର ନାମ ରଖିଥିଲେ ପ୍ଲୁଟୋ। ତେବେ ରୋମ୍‌ରେ ଅନ୍ଧାରର ଦେବତାଙ୍କୁ ପ୍ଲୁଟୋ ବୋଲି କୁହାଯାଏ ଓ ଏହି ଗ୍ରହରେ ସବୁବେଳେ ଅନ୍ଧାର ରହିଥାଏ। ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ପ୍ଲୁଟୋକୁ ୨୪୮ ବର୍ଷ ଲାଗିଯାଏ। ପ୍ଲୁଟୋ ଓ ଏହାର ସବୁଠାରୁ ବଡ଼ ଚନ୍ଦ୍ର, ଚାରୋନ୍‌ର ଗଠନକୁ ନେଇ ଆଶ୍ଚର୍ଯ୍ୟ କରିବା ପରି ତଥ୍ୟ ମିଳିଥିଲା। ଏକ ନୂଆ ଅଧ୍ୟୟନରେ ଏହି ଦୁହିଁଙ୍କର ମିଳନ ଏକ ଘୂର୍ଣ୍ଣନ ଓ କବ୍‌ଜା ପ୍ରକ୍ରିୟା ଜରିଆରେ ହୋଇଥିଲା। ଏହି ହାଇପୋଥେସିସ୍ ଅନୁସାରେ ୪.୫ ବିଲିଅନ୍ ବର୍ଷ ପୂର୍ବରୁ ପ୍ଲୁଟୋ ଓ ଚାରୋନ୍ ମଧ୍ୟରେ ଟକ୍କର ହୋଇଥିଲା। ଏହି ଟକ୍କର କାରଣରୁ ସେମାନେ ଅସ୍ଥାୟୀ ଭାବରେ ଏକା ସହିତ ଜଡ଼ିତ ହୋଇ ପୁଣି ଥରେ ଅଲଗା ହୋଇ ବର୍ତ୍ତମାନର କକ୍ଷଗୁଡ଼ିକରେ ଆଡ୍‌ଜଷ୍ଟ ହୋଇଯାଇଥିଲେ। ସୂର୍ଯ୍ୟଙ୍କ ଆଲୋକ ପ୍ଲୁଟୋ ପର୍ଯ୍ୟନ୍ତ ପହଞ୍ଚିବାକୁ ପାଖାପାଖି ପାଞ୍ଚ ଘଣ୍ଟାର ସମୟ ଲାଗେ। ଆକାରରେ ଏହା ଆମ ଚନ୍ଦ୍ରର ଏକ-ଉତ୍ତୀୟାଂଶ ହେବ। କେବେ କେବେ ଏହା ନେପ୍‌ଚ୍ୟୁନର କକ୍ଷ ଭିତରକୁ ମଧ୍ୟ ପହଞ୍ଚିଯାଏ। ଏହା ନାଇଟ୍ରୋଜେନ୍‌ର ବରଫରେ ଘୋଡ଼େଇ ହୋଇ ରହେ। ସୌରମଣ୍ଡଳର ଅବଶେଷ ଆବର୍ଜନାରୁ ନିର୍ମିତ ହୋଇଥିବା ପ୍ଲୁଟୋ ଗ୍ରହକୁ ଆମେମାନେ ଖାଲି ଆଖିରେ ଦେଖିପାରିବା ନାହିଁ।



ଆରୁଷି ଚାୱଲା

ଶୋ' 'ଦି ୫୦'କୁ ନେଇ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଛି। ଏଥିରେ ସବୁ ଖେଳାଳିଙ୍କ ମଧ୍ୟରେ ଭୟଙ୍କର ଲଢ଼େଇ ଦେଖିବାକୁ ମିଳୁଛି। ଆରୁଷି ଚାୱଲାଙ୍କୁ 'ଦି ୫୦'ରୁ ଏଲିକ୍ସନ୍ ଅର୍ଡର ମିଳିଥିଲା। ତାଙ୍କ ନାମ ଘୋଷଣା କରାଯିବା ପରେ ସେ କାନ୍ଦି ପକେଇଥିଲେ ଓ କୃଷ୍ଣ, ରିଷି, ଶୀନୁ, ରିଦ୍ଧିମା ଓ କରଣଙ୍କୁ କହିଥିଲେ ଯେ ତାଙ୍କୁ ସମସ୍ତେ ଭୁଲ୍ ବୁଝିଛନ୍ତି। ଗେମ୍ ଖେଳିବା ସମୟରେ ଆରୁଷିଙ୍କୁ ଖୁବ୍ ଖରାପ କରି କୁହାଯାଇଥିଲା ଓ ଶୋ'ରେ ଦୁଇଟି ପାର୍ଟିଙ୍କୁ ସାଥି ଦେବାର ଆରୋପ ମଧ୍ୟ ଲଗାଯାଇଥିଲା। ଆରୁଷି ଏହାର ଉତ୍ତରରେ କହିଛନ୍ତି- ସେ ସେପରି ନୁହନ୍ତି ଓ ସେପରି ଚିନ୍ତା କରି କିଛି କହନ୍ତି ନାହିଁ। ଏହି ଏପିସୋଡ୍ ଆରୁଷିଙ୍କ କାରଣରୁ ଚର୍ଚ୍ଚାରେ ଥିଲା। ଆରୁଷିଙ୍କ ସମ୍ପର୍କରେ କହିବାକୁ ଗଲେ ଆରୁଷି ଜଣେ ଅଭିନେତ୍ରୀ, ମଡେଲ୍ ଓ ଡ୍ୟାନ୍ସର। ୧୯୯୪ରେ ସେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ମାଉଣ୍ଟ କାର୍ମେଲ୍ ସ୍କୁଲରୁ ସେ ଶିକ୍ଷା ସମାପ୍ତ କରିବା ପରେ ଶ୍ରୀ ଭେଙ୍କଟେଶ୍ୱର କଲେଜରୁ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ। ସେଠାରେ କେମିସ୍ଟ୍ରିରେ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ ଆରୁଷି। ୨୦୧୭ରେ ଆରୁଷି ଡ୍ୟାନ୍ସ ଫ୍ୟାକଲ୍ଟି ମେୟର ଭାବରେ ଏକ ଡ୍ୟାନ୍ସ କ୍ରୁରେ ସାମିଲ ହୋଇଥିଲେ। ଏହାପରେ ୨୦୧୮ରେ ନିଜର ଏକ ଡ୍ୟାନ୍ସ ଷ୍ଟୁଡିଓ ଆରମ୍ଭ କଲେ ଆରୁଷି। ଏହାପରେ ତାଙ୍କୁ ପାରାସୁଟ୍, ହୀରୋ ବାଇକ୍, ମାଉଣ୍ଟେନ୍ ବ୍ରିଜ ସ୍ପ୍ରିଙ୍ଗ ଓ ପଣ୍ଡସ୍ ପରି ଅନେକ ବିଜ୍ଞାପନର ଅଫର୍ ମିଳିଥିଲା। ୨୦୨୦ରେ ସେ ଏମ୍‌ଟିଭି ରୋଡିଜ୍ ରିଭୋଲ୍ୟୁସନ୍ ସିଜନ୍-୧୭ର ଅଂଶବିଶେଷ ହେଲେ। ନିକଟରେ ସେ ମିସ୍ ସ୍ଲୁବା ଇଣ୍ଡିଆ ୨୦୨୫ର ଟାଇଟଲ୍ ଜିତିଛନ୍ତି। ଫିଟ୍‌ନେସ୍ ଉପରେ ଅଧିକ ବିଶ୍ୱାସ କରୁଥିବା ଆରୁଷି ଡ୍ୟାନ୍ସିଂ, ପିଲେଟ୍ସ ଓ ଅନେକ ଶାରୀରିକ ଗତିବିଧି କରିବାର ନଜର ଆସନ୍ତି। 'ଦି ୫୦', ଫେବୃଆରୀ ୧ରୁ ଜିଓହଟ୍‌ଷ୍ଟାର ଓ କଲର୍ସ ଟିଭିରେ ଆରମ୍ଭ ହୋଇଥିବା ଏକ ଅନୋଖା ରିୟଲିଟି ଶୋ' ଯାହାର ହୋଷ୍ଟ ହେଉଛନ୍ତି ଫାରହା ଖାନ। ଫ୍ରେଞ୍ଚ ସିରିଜ 'ଲେସ୍ ସିନ୍‌କ୍ୱାଣ୍ଟେ' ଉପରେ ଏହା ଆଧାରିତ ଓ ଏଥିରେ ୫୦ ଜଣ

ବାରିପଦା ଜଗନ୍ନାଥ ମନ୍ଦିରକୁ ଅଣଦେଖା ଅଭିଯୋଗ

ବାରିପଦା,୧୭।୨/ଏନ୍‌ଏନ୍‌ଏସ୍‌: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରି ବଳଦେବଜିଉ ମହାପ୍ରଭୁ ୪୪ ହଜାର ଏକର ଭୂସମ୍ପତ୍ତି ଓ କିଲୋ କିଲୋ ସୁନା ଅଳଙ୍କାରର ମାଲିକ ହୋଇଥିଲେ ବି ଆଜି ମହାପ୍ରଭୁଙ୍କ ନିତ୍ୟାନି ଭୋଗନୀତି ପାଇଁ ଅର୍ଥ ନାହିଁ। ଯେଉଁ ଦୋକାନୀମାନେ ନିୟମିତ ଭାବେ ଠାକୁରଙ୍କ ଲାଗି ଗ୍ରୋସରୀ ସଉଦା ଦେଉଥିଲେ ବର୍ଷେ ଧରି ବାକି ଦେବାପରେ ଏବେ ହାତ ଟେକି ସାରିଲେଣି। ଦେବୋତ୍ତର ବିଭାଗ ମଧ୍ୟ ସରକାରଙ୍କ ଅନୁଦାନକୁ ଚାହିଁ ବସିଛନ୍ତି। ଅନ୍ୟପଟେ ଜବରଦଖଲକାରୀମାନେ ଠାକୁରଙ୍କ ଭୂ-ସମ୍ପତ୍ତିକୁ ମାଡ଼ିବସି ଭୋଗ କରୁଥିଲେ ମଧ୍ୟ ଠାକୁର ଉପାସ ରହିବା ପରିସ୍ଥିତିରେ ପହଞ୍ଚିଲେଣି। ଏନେଇ ବାରମ୍ବାର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ବାହାରି ପାରୁନାହିଁ। ଏଭଳି ଅବ୍ୟବସ୍ଥାକୁ ବିରୋଧ କରିବା ସହ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରକୁ ଅଣଦେଖା ଅଭିଯୋଗରେ ସେବାୟତମାନେ ଅଭିନବ ଉପାୟରେ ମୟୂରଭଞ୍ଜ ଜିଲ୍ଲାପାଳ ଅଫିସ୍‌ ଆଗରେ ୩ ଘଣ୍ଟା ଧରି ଆଣ୍ଠେଇ ଦୀପ ଜାଳି ପ୍ରତିବାଦ ଜଣାଇଛନ୍ତି। ବାରମ୍ବାର ଅଣଦେଖା ଯୋଗୁ ମନ୍ଦିର ପରିଚାଳନାରେ ଅନେକ ସମସ୍ୟା ସୃଷ୍ଟି ହେଉଛି ବୋଲି ସେବାୟତ କାମେଶ୍ୱର ତ୍ରିପାଠୀ କହିଛନ୍ତି। ପୂର୍ବରୁ ମଧ୍ୟ ମନ୍ଦିର ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ସୁଦ୍ଧା ସମାଧାନ ନେଇ କେବଳ ପ୍ରତିଶ୍ରୁତି ମିଳିଥିବାବେଳେ ସମାଧାନ ପାଇଁ କୌଣସି ପଦକ୍ଷେପ ସରକାର ଗ୍ରହଣ କରିନାହାନ୍ତି। ଠାକୁରଙ୍କ ପୂଜାର୍ଚ୍ଚନା ସହ ଭୋଗରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଏହାର ତୁରନ୍ତ ସମାଧାନ ନିମନ୍ତେ ସେବାୟତମାନେ ଦାବି କରିଛନ୍ତି। ଅନ୍ୟପଟେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ାଙ୍କ ଉପସ୍ଥିତିରେ ସେବାୟତଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାରିପଦା ଦେବୋତ୍ତର ପାଇଁ ବାକିଥିବା ୫୦ ଲକ୍ଷ ଟଙ୍କା ଏବଂ ମନ୍ଦିର ଭିତରେ ରୋଷଘର ନିର୍ମାଣ ପାଇଁ ୩୮ ଲକ୍ଷ ଟଙ୍କା ଆସିଛି। ସେହିପରି ବାରିପଦା ସହର ଭିତରେ ଠାକୁରଙ୍କ ଜାଗା ଯେତେ ସବୁ ଜବରଦଖଲ ହୋଇଛି ସେଠାରୁ ଆୟ ହେଉଥିବା ଟଙ୍କାରୁ କିଛି ଅଂଶ ବାରିପଦା ଦେବତ୍ତୋର ବିଭାଗକୁ ଆସିବ। ବାରିପଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ୧୨୦ କୋଟି ଟଙ୍କାର ଡିପିଆର୍‌ ପ୍ରସ୍ତୁତ ହୋଇଥିବାବେଳେ ଆଗାମୀ ଏକ ମାସ ମଧ୍ୟରେ ସେବାୟତଙ୍କୁ ସାକ୍ଷାତ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେବା ପରେ ସେବାୟତମାନେ ଧାରଣାକୁ ସ୍ଥଗିତ ରଖିଥିବା ଜଣାଯାଇଛି।

ଅଭିନବ ଉପାୟରେ ସେବାୟତଙ୍କ ପ୍ରତିବାଦ

ଗଞ୍ଜେଇ ଜବତ, ଜଣେ ଗିରଫ

ସୋର,୧୭।୨/ଏନ୍‌ଏନ୍‌ଏସ୍‌: ଅବକାରୀ ବିଭାଗ ପକ୍ଷରୁ ଖଇରା ଥାନା ଅନ୍ତର୍ଗତ ବଣପାରିଆ ଗ୍ରାମରେ ଚଢ଼ଉ କରାଯାଇ ୨.୫୦୦ କିଲୋଗ୍ରାମ୍‌ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦୁଷ୍ମନ୍ତ ନାୟକ। ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍‌ ଦ୍ୱାରା ଚଢ଼ଉ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ନୀଳଗିରି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସାହୁ, ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଜ୍ଞାପ୍ରିୟା ନାୟକ, ସହ ଉପନିରୀକ୍ଷକ ଦୀପିକା ପରିଡ଼ା, ମାନସ କୁମାର ମିଶ୍ର, ବସନ୍ତ ବାରିକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ତପନ ମଲ୍ଲିକ, ଶଶୀକାନ୍ତ ସାହୁ, ସନ୍ତୋଷ ବେହେରା, ମିନତୀ ପରିଡ଼ା ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ୍‌ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ

ସୋର,୧୭।୨/ଏନ୍‌ଏନ୍‌ଏସ୍‌: ସୋର ଡାକ୍ତରଖାନାରେ ରୋଗୀ ମୃତ୍ୟୁକୁ ନେଇ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ସୋର ଥାନା ଆଙ୍କୁଳା ଗ୍ରାମର ମକରା ଦାସଙ୍କ ଘରକୁ ତାଙ୍କ ଶ୍ୱଶୁର ଆସିଥିବାବେଳେ ଅପରାହ୍ନରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଜ୍ୱାଇଁ ମକରା ଓ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ କାର୍ଯ୍ୟରତ ଡାକ୍ତର ସୁମନ୍ତ ଧଡ଼ା ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ପରିବାର ଲୋକେ ଡାକ୍ତର ବିଳମ୍ବରେ ରୋଗୀ ଦେଖିବାକୁ ଆସିଥିବା କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେଠାରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ଭିଡିଓ ଉତ୍ତୋଳନ କରିବା ସହିତ ଡାକ୍ତରଙ୍କୁ ଘେରିଥିଲେ। ଫଳରେ ଡାକ୍ତରଖାନା ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଖବରପାଇ ସୋର ପୁଲିସ୍‌ ଡାକ୍ତରଖାନାରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ହାଜୀ ମହମ୍ମଦ ଅବଦୁଲ୍‌ ବାରୀଙ୍କ ଶ୍ରାଦ୍ଧବାର୍ଷିକ ପାଇଁ ସ୍ମୃତି କମିଟି ଗଠିତ

ଭଦ୍ରକ,୧୭।୨/ଏନ୍‌ଏନ୍‌ଏସ୍‌: ରାଷ୍ଟ୍ରୀୟ ସଦ୍‌ଭାବନା ପୁରୁଷ୍କାରପ୍ରାପ୍ତ ବିଶିଷ୍ଟ ସମାଜସେବୀ ତଥା ଭଦ୍ରକ ମୁସଲିମ୍‌ ଜମାତର ଆଜୀବନ ସଭାପତି ସ୍ୱର୍ଗତ ହାଜୀ ମହମ୍ମଦ ଅବଦୁଲ୍‌ ବାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ହାଜୀ ଅବଦୁଲ୍‌ ମୁକିତ୍‌ ଖାନ୍‌ଙ୍କ ଅଧ୍ୟକ୍ଷତା ଓ ଫେଲୋସିପ୍‌ର ସମ୍ପାଦକ ଏସ୍‌ ଏମ୍‌ ଫାରୁକ୍‌ଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଏହି ବୈଠକରେ ସର୍ବପ୍ରଥମେ ଏକ ନୂଆ କମିଟି 'ମାନବବାଦୀ ମହମ୍ମଦ ଅବଦୁଲ ବାରୀ ସ୍ମୃତି କମିଟି' ଗଠିତ ହୋଇଥିଲା। ସଭାପତି ଭାବେ ସୁଧାକର ରାଉତଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ୩ ଉପସଭାପତି ଭାବେ ବିଦ୍ୟାଧର ସାହୁ, ଅବଦୁଲ୍‌ ଦୟାନ ଜିଆ ଓ ଅଶୋକ କୁମାର ଦାସଙ୍କୁ ଅର୍ପଣ କରାଯାଇଛି। ସମ୍ପାଦକ ଭାବେ ମୁସ୍ତାକ୍‌ ଗୌହର, ସହ-ସମ୍ପାଦକ ଭାବେ ମିର୍ଜା ଇଜାଜ୍‌ ବେଗ ଓ କୋଷାଧକ୍ଷ ଭାବେ ବିବେକ ମୁଖାର୍ଜୀଙ୍କୁ ଦାୟିତ୍ୱଭାର ଦିଆଯାଇ କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ ସ୍ୱର୍ଗତ ହାଜୀ ଅବଦୁଲ ବାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଆସନ୍ତା ମାର୍ଚ୍ଚ ୨୯ରେ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଶ୍ରାଦ୍ଧ ବାର୍ଷିକରେ କବିଙ୍କ ଲିଖିତ ସ୍ମରଣିକା ପତ୍ରିକା ପ୍ରକାଶ କରାଯିବ। ଏହି ସ୍ମୃତି କମିଟିର ସଭ୍ୟଭାବେ ଦିବ୍ୟାଙ୍ଗି ନାୟକ, ମନାୱର ହୋସେନ୍‌, ଲଲାଟେନ୍ଦୁ ମହାପାତ୍ର, ନାସିର ବକ୍ସ, ଲକ୍ଷ୍ମୀକାନ୍ତ ବାରିକ, ନିହାର ଦାସ, ନରେନ୍ଦ୍ର ସାମଲ, କମଳାକାନ୍ତ ସ୍ୱାଇଁ, ହାଜୀ ଏନାମ୍‌ ମହମ୍ମଦ, ହାଜୀ କାସିମ୍‌ ଖାନ୍‌, ଡ଼. ରବି ମହାପାତ୍ର, ଶେଖ ଅନୱର୍‌, ମିର୍ଜା ଏଲ୍ତାମ ବେଗ, ହାଜୀ ଜ୍ୟୋତ୍ସ୍ନା ସାହା, ହାଜୀ ଇବରାର ହୋସେନ ଓ ମଂଜୁର ହୋସେନ୍‌ ପ୍ରମୁଖ ଅଂଶଗ୍ରହଣ କରି ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମ ପାଇଁ ଆଲୋକପାତ କରିଥିଲେ।

ବିଦ୍ୟୁତ୍‌ ଆଘାତରେ ଯୁବକ ମୃତ

ଧାମନଗର,୧୭।୨/ଏନ୍‌ଏନ୍‌ଏସ୍‌: ଧାମନଗର ବ୍ଲକ୍‌ ଭଗବାନପୁର ପଞ୍ଚାୟତସ୍ଥିତ ପଦ୍ମପୋଖରୀ ଗ୍ରାମରେ ବିଦ୍ୟୁତ୍‌ ଆଘାତରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଭୋଳାନାଥ କବି(୨୮)। ଡ୍ରାଇଭର୍‌ ଭାବେ କାର୍ଯ୍ୟ କରୁଥିବା ଭୋଳାନାଥ ସୋମବାର ରାତିରେ ଚଳାଉଥିବା ହାଇୱା ନେଇ ବାରିକପୁର ନିକଟସ୍ଥ ପାଇମହୁରା ଅଞ୍ଚଳକୁ ଯାଉଥିବା ସମୟରେ ଇଲେଭେନ୍‌ କେଭି ବିଦ୍ୟୁତ୍‌ ତାର ସଂସ୍ପର୍ଶରେ ଗାଡ଼ିଟି ଆସି ଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ପଦ୍ମପୋଖରୀ ଗାଁରେ ଶେଷକୃତ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଏଫ୍‌ଏମ୍‌ୟୁରେ ପ୍ରାକ୍‌ ବିବାହ କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବ

ବାଲେଶ୍ୱର,୧୭।୨/ଏନ୍‌ଏନ୍‌ଏସ୍‌: ଭାରତର ମହିଳା ଆୟୋଗଙ୍କ ପ୍ରମୁଖ କାର୍ଯ୍ୟକ୍ରମ 'ତେରେ ମେରେ ସପ୍‌ନେ' ଅଧୀନରେ ସ୍ଥାପିତ ପ୍ରାକ୍‌ ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର୍‌ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଦୃଢ଼ ଓ ସମନ୍ୱିତ ପରିବାର ଗଠନ ପାଇଁ ସଠିକ୍‌ ଆଲୋଚନା, ପରସ୍ପର ବୁଝାମଣା ଓ ମୂଲ୍ୟବୋଧ ଆଧାରିତ ସମ୍ପର୍କର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ କାର୍ଯ୍ୟକାରୀ ଆଲୋଚନା, ଲିଙ୍ଗ ସମ୍ବେଦନଶୀଳତା ଓ ଆଇନ ସଚେତନତାର ଭୂମିକା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ମହିଳା ଆୟୋଗ ସଦସ୍ୟା ମୁକ୍ତା ସାହୁ ଓ ପ୍ରତିଭା ଶତପଥୀ ମଧ୍ୟ ବିବାହିତ ଜୀବନରେ ପରାମର୍ଶ, ସଚେତନ ନିଷ୍ପତ୍ତି ଓ ପରସ୍ପର ସମ୍ମାନର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍‌ ଭାସ୍କର ବେହେରା ଅତିଥିଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଏପରି ସାମାଜିକ ପ୍ରୟାସର ପ୍ରସଙ୍ଗିକତା ଉଲ୍ଲେଖ କରିଥିଲେ। ଏଥିସହ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍‌ ପବିତ୍ର ମୋହନ ନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଏକ ପ୍ରାଯୁକ୍ତିକ ଅଧିବେଶନ ଆୟୋଜିତ ହୋଇଥିଲା ଏବଂ ପରେ ଶିକ୍ଷା ସାମଗ୍ରୀ ବଣ୍ଟା ଯାଇଥିଲା। ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନର ସେକ୍ରେଟେରୀ ହରିଶ ଚନ୍ଦ୍ର ରାଜ ଓ ପ୍ରାକ୍‌ ବିବାହ ପରାମର୍ଶ କେନ୍ଦ୍ରର କେନ୍ଦ୍ର ପ୍ରମୁଖ ବିଜୟ କୁମାର ଆଚାର୍ଯ୍ୟ କେନ୍ଦ୍ରର ଲକ୍ଷ୍ୟ, ସେବା ଓ ପ୍ରସାର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ବାଲେଶ୍ୱର ସହଦେବଖୁଣ୍ଟାରେ ସ୍ଥାପିତ ପ୍ରାକ୍‌ ବିବାହ ପରାମର୍ଶ କେନ୍ଦ୍ରର ସରକାରୀ ଭାବେ ଉଦ୍‌ଘାଟନ ଘୋଷଣା କରାଯାଇଥିଲା। ଅଞ୍ଚଳରେ ସୁସ୍ଥ ସମ୍ପର୍କ, ସଚେତନ ବିବାହ ନିଷ୍ପତ୍ତି ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉଲ୍ଲେଖ କରାଯାଇଛି।

ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟ ପକ୍ଷରୁ ସୃଜନଶୀଳ କାର୍ଯ୍ୟକ୍ରମ

ତିହିଡ଼ି,୧୭।୨/ଏନ୍‌ଏନ୍‌ଏସ୍‌: ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ ଅନ୍ତର୍ଗତ ପୀରହାଟସ୍ଥିତ ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟ ପକ୍ଷରୁ ସୃଜନଶୀଳ କାର୍ଯ୍ୟକ୍ରମ, କବିତାପାଠ ଓ ସାରସ୍ୱତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନ ବିଶ୍ୱାରେ ସଂଗଠନର ସଭାପତି ବରିଷ୍ଠ ସାହିତ୍ୟିକ ଉମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ମହାଶିବରାତ୍ରୀ' ଶୀର୍ଷକ ଉପରେ ବରିଷ୍ଠ ଶିକ୍ଷାବିତ୍‌ ନିରଞ୍ଜନ ନାୟକ, କବି ବଳରାମ ମଲ୍ଲିକ, ରବୀନ୍ଦ୍ର କୁମାର ସେନାପତି, ଜୟନ୍ତ କୁମାର ମହାନ୍ତି, ମୁକୁନ୍ଦ ଦେବ ନାୟକ, ସୁବାସ ଚନ୍ଦ୍ର ଦାସ ଓ ଅଧିବକ୍ତା ବିପ୍ଳବ ନାୟକ ପ୍ରମୁଖ ଯୋଗଦେଇ ପୁରାଣର ତତ୍ତ୍ୱ ଓ ତଥ୍ୟକୁ ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ବିଷୟରେ ଗୋଟିଏ ଭାବବାଦ ଓ ଅନ୍ୟଟି ବସ୍ତୁବାଦ ଦିଗ ରହିଛି। ଏହାର ସଠିକ୍‌ ଓ ନିର୍ଭୁଲ୍‌ ଆଲୋଚନାର ଆବଶ୍ୟକତା ରହିଛି ବୋଲି ସଭାପତି ଶ୍ରୀ ମିଶ୍ର କହିଥିଲେ। ବିଶିଷ୍ଟ କବି ରବି କୁମାର ମହାନ୍ତିଙ୍କ ସଂଯୋଜନାରେ କବିତାପାଠ ଅନୁଷ୍ଠିତ

ହୋଇଥିଲା। ଚଳିତ ବର୍ଷ ସଂଗଠନର ବାର୍ଷିକ ଉତ୍ସବ ଆସନ୍ତା ଏପ୍ରିଲ୍‌ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। କବି ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଟ୍ରକ୍‌, ଲୋଡର୍‌ ମେସିନ୍‌ ଓ ସ୍କର୍ପିଅ ଜବତ

ଲୁହାପଥର ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଯୋଡ଼ା,୧୭।୨/ଏନ୍‌ଏନ୍‌ଏସ୍‌: କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ପଳସା ସଂରକ୍ଷିତ ଜଙ୍ଗଲ ନିକଟରେ ବେଆଇନ ଲୁହାପଥର ଚାଲାଣ ବେଳେ ପୁଲିସ୍‌ ଚଢ଼ଉ କରି ଟ୍ରକ୍‌, ଲୋଡର୍‌ ମେସିନ୍‌ ଓ ସ୍କର୍ପିଅ ଜବତ କରିଛି। ଏହାସହ ବାମ୍ପୋରୀ ଥାନା ଅନ୍ତର୍ଗତ କଟୁଆପାଲି ଗ୍ରାମର ମହେନ୍ଦ୍ର ବେହେରାକୁ ଗିରଫ କରିଛି। ଖଣି ମାଫିଆମାନେ ସୋମବାର ରାତିରେ ପଳସା ଜଙ୍ଗଲରୁ ଏକ ୧୬ ଚକିଆ ଟ୍ରକ୍‌ରେ ୩୬ ଟନ୍‌ ଲୁହାପଥର ଚାଲାଣ କରୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପୁଲିସ୍‌ର ଏକ ୭ ଜଣିଆ ଟିମ୍‌ ଚଢ଼ଉ କରିଥିଲା। ତେବେ ମହେନ୍ଦ୍ର ଗିରଫ ହୋଇଥିବାବେଳେ ତାଙ୍କ ସାଥୀମାନେ ଘଟଣାସ୍ଥଳରୁ ଫେରାର୍‌ ହୋଇଯାଇଥିଲେ। ଏନେଇ ପୁଲିସ୍‌ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ନୂତନ ବ୍ଲକ୍‌ ସଭାପତିଙ୍କୁ ସମ୍ବର୍ଦ୍ଧନା

ଖଇରା,୧୭।୨/ଏନ୍‌ଏନ୍‌ଏସ୍‌: ଜାତୀୟ କଂଗ୍ରେସ୍‌ ପକ୍ଷରୁ ବାଲେଶ୍ୱର ଜିଲ୍ଲା ତଥା ବିଭିନ୍ନ ବ୍ଲକ୍‌ କମିଟି ପୁନର୍ଗଠନ ପ୍ରକ୍ରିୟାରେ ଖଇରା ବ୍ଲକ୍‌ ପାଇଁ ସଭାପତି ଭାବେ ମହତୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ରଙ୍କୁ ମନୋନୀତ କରାଯାଇଛି। ଏହାସହ ସଞ୍ଜୟ କୁମାର ଦଳେଇଙ୍କୁ ଜିଲ୍ଲା ଉପସଭାପତି ଭାବେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଇରା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ୍‌ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗଦେଇ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ ଏବଂ ବ୍ଲକ୍‌ ଦଖଲ ଲାଗି କର୍ମୀମାନେ ଏବେଠାରୁ କାର୍ଯ୍ୟ କରିବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା, ବରିଷ୍ଠ ନେତା ବଳରାମ ଲେଙ୍କା, ମନୋରଞ୍ଜନ ପରମାଣିକ, ପ୍ରଶାନ୍ତ ପାତ୍ର, ପ୍ରଶାନ୍ତ ଦାସ, ଶୂନ୍ୟବାସୀ ଜେନା, ତାପସ କୁମାର ରାୟ, ପ୍ରଫୁଲ୍ଲ ବଳବନ୍ତରାୟ,ମଧୁସୂଦନ ଜେନା ଓ ବସନ୍ତ ବେଜ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସକୁ ସୁଦୃଢ଼ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ନବନିଯୁକ୍ତ ସଭାପତି ଶ୍ରୀପାତ୍ର ପ୍ରକାଶ କରିଥିଲେ।

ମା' ଦ୍ୱାରଶୁଣୀ କ୍ରିକେଟ୍‌ ଟୁର୍ଣ୍ଣାମେଣ୍ଟ: ଫୁଟକିଶୋଳ ଟିମ୍‌ ଚାମ୍ପିଅନ୍‌

ବାରିପଦା,୧୭।୨/ଏନ୍‌ଏନ୍‌ଏସ୍‌: ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରୋତ୍ସାହନ ନିମିତ୍ତ ମୋରଡ଼ା ବ୍ଲକ୍‌ ଅନ୍ତର୍ଗତ କାନ୍ଦଣା ଗ୍ରାମରେ ଲକି କ୍ଲବ୍‌ ଆନୁକୂଲ୍ୟର

୧୦ମ ବୋର୍ଡ ପରୀକ୍ଷା ଦେଲେନି ବୈଭବ ସୂର୍ଯ୍ୟବଂଶୀ

ସମସ୍ତିପୁର,୧୭।୨/ଏଜେନ୍ସି: ଭାରତୀୟ କ୍ରିକେଟ୍‌ର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଖେଳ ପାଇଁ ଜୀବନର ଗୁରୁତ୍ୱପୂର୍ଣ୍ଣ ଦଶମ ବୋର୍ଡ ପରୀକ୍ଷାକୁ ନିଜକୁ ଦୂରେଇ ରଖିଛନ୍ତି।

୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେବାର ଥିଲା। ହେଲେ ସେ ପରୀକ୍ଷା ଦେବାକୁ ଆଜି ତାଙ୍କ କେନ୍ଦ୍ରକୁ ଆସି ନାହାନ୍ତି। ସେ ପରୀକ୍ଷା ବଦଳରେ କ୍ରିକେଟ୍‌କୁ ହିଁ ବାଛିଛନ୍ତି।

ଆଗାମୀ ଆଇପିଏଲ୍ ପାଇଁ ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନ ରୟାଲ୍ସ ପ୍ରାକ୍ଟିସ୍ କ୍ୟାମ୍ପରେ ସାମିଲ ହୋଇସାରିଥିବାରୁ ବୋର୍ଡ ପରୀକ୍ଷା ଦେଇପାରିବେ ନାହିଁ ବୋଲି ତାଙ୍କ କୋଚ୍ ମନୀଷ ଓଝା କହିଥିଲେ। ବର୍ତ୍ତମାନ ସେ ନାଗପୁରରେ ପ୍ରାକ୍ଟିସ୍ ଚଳାଇଛନ୍ତି।

ସୂର୍ଯ୍ୟବଂଶୀ ବିହାରର ତାଜପୁରରେ ଥିବା ମୋଡେଷ୍ଟୀ ସ୍କୁଲର ଛାତ୍ର। ଆଜିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୧୧ ଯାଏ ଚାଲିବାକୁ ଥିବା ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ତାଙ୍କୁ ଦେବାର ଥିଲା। ପୋଦାର ଅନ୍ତର୍ଜାତୀୟ ସ୍କୁଲ୍ ସୂର୍ଯ୍ୟବଂଶୀଙ୍କ ପରୀକ୍ଷା କେନ୍ଦ୍ର ଥିଲା। ହେଲେ ସେ ଆଜି ପରୀକ୍ଷା କେନ୍ଦ୍ରକୁ ଯାଇ ନାହାନ୍ତି।

ପୋଦାର ସ୍କୁଲ୍‌ର ପ୍ରିନ୍ସିପାଲ ଏନ୍‌କେ ସିହ୍ନା ଏହା ଉପରେ ନିଜର ମତ ମଧ୍ୟ ରଖି କହିଛନ୍ତି, 'ବୈଭବ ସୂର୍ଯ୍ୟବଂଶୀ ଆଜି ଅନୁପସ୍ଥିତ ରହିଛନ୍ତି। ସେ ଆଜି ପରୀକ୍ଷା କେନ୍ଦ୍ରକୁ ଆସି ନାହାନ୍ତି। ତେଣୁ ସିବିଏସ୍‌ଇର ନୀତି ଅନୁସାରେ ତାଙ୍କୁ ଅନୁପସ୍ଥିତ ଦର୍ଶାଇବୁ। ପରୀକ୍ଷା ଦିନ କୌଣସି ଶିକ୍ଷାର୍ଥୀ ଯଦି କେନ୍ଦ୍ରକୁ ନ ଆସନ୍ତି, ତେବେ ଏହାକୁ ଅନୁପସ୍ଥିତ ଭାବେ ଭାବେ ବିବେଚନା କରାଯାଏ। ସେହି ଅନୁସାରେ ସୂର୍ଯ୍ୟବଂଶୀଙ୍କୁ ଅନୁପସ୍ଥିତ ଶିକ୍ଷାର୍ଥୀଙ୍କ ତାଲିକାରେ ରଖାଯାଇଛି। ଆମେ ଆଶା କରିଥିଲୁ ଯେ ସେ ଆସିବେ ଓ ପରୀକ୍ଷା ଦେବେ। କିନ୍ତୁ ବିଭିନ୍ନ କାରଣ ପାଇଁ ସେ ଆସି ପାରି ନାହାନ୍ତି। ସମ୍ଭବତଃ କୌଣସି କ୍ରିକେଟ୍ ମ୍ୟାଚ୍ କିମ୍ବା ପ୍ରାକ୍ଟିସ୍ ପାଇଁ ସେ ଆଜି ଆସି ନାହାନ୍ତି। ମୁଁ ଭାବୁଛି ସେ ନିଶ୍ଚିତ ଭାବେ ପରବର୍ତ୍ତୀ ପରୀକ୍ଷା ଦେବେ।'

ନିକଟରେ ଶେଷ ହୋଇଥିବା ଅଣ୍ଡର ୧୯ ବିଶ୍ୱକପ୍‌ରେ ସୂର୍ଯ୍ୟବଂଶୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ। ଇଂଲଣ୍ଡ ବିପକ୍ଷ ଫାଇନାଲ୍‌ରେ ସେ ୮୦ ବଲ୍‌ରୁ ରେକର୍ଡ ୧୭୫ ରନ୍ କରିଥିଲେ। ଫାଇନାଲ୍‌ରେ ବିଜୟୀ ହୋଇ ଭାରତ ଟ୍ରଫି ମଧ୍ୟ ହାସଲ କରିଥିଲା।

ଗମ୍ଭୀରଙ୍କୁ ଆଇପିଏଲ୍‌ରୁ ଅଫର୍

ନୂଆଦିଲ୍ଲୀ,୧୭।୨/ଏଜେନ୍ସି: ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜି ରାଜସ୍ଥାନ ରୟାଲ୍ସ ପକ୍ଷରୁ ବଡ଼ ପ୍ରସ୍ତାବ ମିଳିଛି। ରିପୋର୍ଟ ଅନୁସାରେ ଟିମ୍‌ର ନୂଆ ନିବେଶକଙ୍କ ମଧ୍ୟରୁ ଜଣେ ଗମ୍ଭୀରକୁ ପାର୍ଟନର୍, ମେଣ୍ଟର୍ ଏବଂ ସିଇଓର ଅଫର୍ ଦେଇଛନ୍ତି। ଏହା ସହିତ ତାଙ୍କୁ ୨ରୁ ୩ ପ୍ରତିଶତ ଇକ୍ୱିଟି ଷ୍ଟେକ୍ ଦେବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। କୁହାଯାଉଛି ଫ୍ରାଞ୍ଚାଇଜିର ଅଧିକାଂଶ ଶେୟାରଧାରକ ନିଜ ଅଂଶଧର ନୂଆ ମାଲିକଙ୍କ ବିକିଛନ୍ତି ଏବଂ ସଉଦା ଟ୍ରାନ୍ସଫର୍ ପ୍ରକ୍ରିୟାରେ ରହିଛି।

ତେବେ ଗମ୍ଭୀର ଏବେ ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ଥିବାରୁ ଏହି ପ୍ରସ୍ତାବକୁ ସ୍ୱୀକାର କରିପାରିବେ ନାହିଁ। ଲୋଧା କମିଟି ସୁପାରିସ ଅନୁସାରେ ସୁପ୍ରିମ୍‌କୋର୍ଟର ସ୍ପଷ୍ଟ ନିୟମ ରହିଛି ଯେ କୌଣସି ବି ବ୍ୟକ୍ତି ଏକକାଳୀନ ଟିମ୍ ଇଣ୍ଡିଆ ଏବଂ କୌଣସି ଆଇପିଏଲ୍ ଫ୍ରାଞ୍ଚାଇଜି ସହିତ ଆଧିକାରିକ ଭୂମିକାରେ ରହିପାରିବେ ନାହିଁ। ଗମ୍ଭୀରଙ୍କ ନିକଟତମ ସୂତ୍ରର କହିବା କଥା ହେଉଛି, ସେ ଏବେ ସମ୍ପୂର୍ଣ୍ଣ ଭାବେ ନିଜ ବର୍ତ୍ତମାନର ପଦରେ ରହିବ। ତାଙ୍କର ବିସିସିଆଇ ସହିତ କଣ୍ଟ୍ରାକ୍ଟ ହୋଇଛି ଏବଂ ଏହା ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ଶେଷ ହେବ।

ସନ୍ନ୍ୟାସ ପରେ ଗମ୍ଭୀର ଆଇପିଏଲ୍‌ରେ ସକ୍ରିୟ ଭୂମିକା ତୁଲାଇଥିଲେ। ୨୦୨୨ ଏବଂ ୨୦୨୩ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି)ର ମେଣ୍ଟର୍ ରହି ଦୁଇଥର ଯାକ ଟିମ୍‌କୁ ପ୍ଲେଅଫ୍‌ରେ ପହଞ୍ଚାଇଥିଲେ। ଏହାପରେ ୨୦୨୪ ସିଜନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ସହିତ ଯୋଡ଼ିହୋଇ ଫ୍ରାଞ୍ଚାଇଜିକୁ ତୃତୀୟ ଆଇପିଏଲ୍ ଟାଇଟଲ୍ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ପୁଣି ଜୁନିୟର୍ ପୁରୁଷ ଟିମ୍ କୋଚ୍ ହେବେ ଶ୍ରୀଜେଶ୍!

ନୂଆଦିଲ୍ଲୀ,୧୭।୨/ଏଜେନ୍ସି: ପୂର୍ବତନ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ପୁଣି ଥରେ ଜୁନିୟର ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ପାଇଁ ଚେଷ୍ଟା କରୁଛନ୍ତି। ଶ୍ରୀଜେଶଙ୍କ କାର୍ଯ୍ୟକାଳ ଗତ ବର୍ଷ ଡିସେମ୍ବରରେ ଶେଷ ହୋଇଥିଲା, କିନ୍ତୁ ସେ ପୁନର୍ବାର ଆବେଦନ କରିଛନ୍ତି। ବିଶ୍ୱାସ କରାଯାଉଛି ଯେ ମୁଖ୍ୟ ପ୍ରଶିକ୍ଷକଙ୍କ ନିଯୁକ୍ତି ସମ୍ପର୍କରେ କିଛି ଦିନ ମଧ୍ୟରେ ନିଷ୍ପତ୍ତି ନିଆଯାଇପାରେ। ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଶ୍ରୀଜେଶଙ୍କୁ ଅଗଷ୍ଟ ୨୦୨୪ ରେ ଜୁନିୟର ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା। ଶ୍ରୀଜେଶଙ୍କ ମାର୍ଗଦର୍ଶନରେ, ଭାରତ ଗତ ଡିସେମ୍ବରରେ ଚେନ୍ନାଇରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିଥିଲା। ଦଳ ଆର୍ଜେଣ୍ଟିନାକୁ ୪-୨ ଗୋଲ୍‌ରେ ପରାସ୍ତ କରି ନଅ ବର୍ଷ ପରେ ଟୁର୍ଣ୍ଣାମେଣ୍ଟରେ ପୋଡିୟମ୍ ଫିନିସ୍ କରିଥିଲା। ହକି ଇଣ୍ଡିଆ ମହାସଚିବ ଭୋଳା ନାଥ ସିଂହ କହିଛନ୍ତି ଯେ ଅତି କମରେ ଅନ୍ୟ ଛଅ ଜଣ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ତେବେ ସେ ନାମ ପ୍ରକାଶ କରିନାହାନ୍ତି। ସେ କହିଛନ୍ତି, 'ନିୟମିତ ପ୍ରକ୍ରିୟା ଅନୁଯାୟୀ, ବିଶ୍ୱକପ୍ ପରେ ଶ୍ରୀଜେଶଙ୍କ ଚୁକ୍ତିନାମା ସମାପ୍ତ ହୋଇଥିବାରୁ ଜୁନିୟର ପୁରୁଷ ଦଳର ପ୍ରଶିକ୍ଷକ ପଦ ପାଇଁ ଏକ ବିଜ୍ଞାପନ ଜାରି କରାଯାଇଛି। ଶ୍ରୀଜେଶଙ୍କ ସମେତ ଛଅରୁ ସାତ ଜଣ ପ୍ରାର୍ଥୀ ଆଗ୍ରହ ପ୍ରକାଶ କରିଛନ୍ତି। ସ୍କ୍ରିନିଂ ଏବଂ ସାକ୍ଷାତକାର ପରେ, ଆଗାମୀ ଏକରୁ ଦୁଇ ସପ୍ତାହ ମଧ୍ୟରେ ନିଯୁକ୍ତି ଦିଆଯିବ।'

ଟି-୨୦ ବିଶ୍ୱକପ୍‌ରେ ବଡ଼ ବିପର୍ଯ୍ୟୟ

ଅଷ୍ଟ୍ରେଲିଆ ଗ୍ରୁପ୍ ପର୍ଯ୍ୟାୟରୁ ବିଦା

- ସୁପର୍-୮ରେ ଜିମ୍ବାୱେ
- ବର୍ଷା କାରଣରୁ ଜିମ୍ବାୱେ-ଆୟର୍ଲାଣ୍ଡ ମ୍ୟାଚ୍ ରଦ୍ଦ
- କଙ୍ଗାରୁ ଦ୍ୱିତୀୟ ଥର ଗ୍ରୁପ୍ ପର୍ଯ୍ୟାୟରୁ ବାହାର

ପାଲ୍ଲେକେଲ,୧୭।୨/ଏଜେନ୍ସି: ଚଳିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦୨୧ ସଂସ୍କରଣ ଚାମ୍ପିଅନ୍ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। କାଣ୍ଡିର ପାଲ୍ଲେକେଲ ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ଥିବା ଜିମ୍ବାୱେ ଓ ଆୟର୍ଲାଣ୍ଡ ମଧ୍ୟରେ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଯାଇଛି। ଏପରିକି ଟସ୍ ମଧ୍ୟ ପଡ଼ିପାରି ନଥିଲା। ଏହା ସହିତ ଜିମ୍ବାୱେ ସୁପର୍-୮ରେ ପ୍ରବେଶ କରିଛି।

ଦିନକ ପୂର୍ବରୁ ଶ୍ରୀଲଙ୍କା ୮ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ଶୋଚନୀୟ ଭାବେ ପରାଜିତ କରିଥିଲା। ଏହା ପୂର୍ବରୁ ଫେବୃଆରୀ ୧୩ରେ ଜିମ୍ବାୱେ ୨୩ ରନ୍‌ରେ ହରାଇଥିଲା। ଏବେ ଅଷ୍ଟ୍ରେଲିଆ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟରେ ଓମାନ୍‌କୁ ୨୦ ତାରିଖରେ ଭେଟିବ। ଏହି ଗୁରୁତ୍ୱହୀନ ମ୍ୟାଚ୍‌ରେ ବିଜୟୀ ହେଲେ ମିଚେଲ୍ ମାର୍ଶଙ୍କ ଟିମ୍ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିପାରିବ ନାହିଁ। ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ଥର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ଏହା ପୂର୍ବରୁ ୨୦୦୯ରେ ରିକି ପଣ୍ଟିଙ୍କ ନେତୃତ୍ୱରେ ଟିମ୍ ଗ୍ରୁପ୍ ପର୍ଯ୍ୟାୟରୁ ବାହାର ହୋଇଯାଇଥିଲା।

ଗ୍ରୁପ୍-ବି'ରୁ ଶ୍ରୀଲଙ୍କା ୬ ପଏଣ୍ଟ୍ ଏବଂ ଜିମ୍ବାୱେ ୫ ପଏଣ୍ଟ୍ ସହିତ ସୁପର୍-୮ରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆ ଏବେ ଅନ୍ତିମ ମ୍ୟାଚ୍ ଜିତିଲେ ବି ୪ ପଏଣ୍ଟ୍ ହେବ। ଗୋଟିଏ ଗ୍ରୁପ୍‌ରୁ ଦୁଇଟି ଟିମ୍ ପରବର୍ତ୍ତୀ ରାଉଣ୍ଡକୁ ଯିବାର ଥିବାରୁ ଅଷ୍ଟ୍ରେଲିଆ ବାଦ୍ ପଡ଼ିଛି। ସୁପର୍-୮ରେ ପହଞ୍ଚିବା ସହିତ ଜିମ୍ବାୱେ ୨୦୨୮ ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିନେଇଛି। ଟିମ୍‌କୁ ଏବେ କ୍ୱାଲିଫାୟର୍ ଖେଳିବାକୁ ପଡ଼ିବ ନାହିଁ। ନିୟମ ଅନୁସାରେ ଶୀର୍ଷ-୮ ଟିମ୍ ଏବଂ ଆୟୋଜକ ଦେଶ ବିଶ୍ୱକପ୍‌ରେ ସିଧା ଖେଳିଥାନ୍ତି। ଅନ୍ୟପକ୍ଷରେ ବାକି ଟିମ୍‌କୁ କ୍ୱାଲିଫାୟର୍ ଖେଳିବାକୁ ପଡ଼ିଥାଏ।

ଅନ୍ୟ ଗ୍ରୁପ୍‌ଗୁଡ଼ିକରୁ ଆୟୋଜକ ଭାରତ, ଇଂଲଣ୍ଡ, ସାଉଥ୍ ଆଫ୍ରିକା, ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟ ସୁପର୍-୮ରେ ସ୍ଥାନ ପକ୍କା କରିସାରିଛନ୍ତି। ଏବେ ଅନ୍ତିମ ସୁପର୍-୮ ସ୍ଥାନ ପାଇଁ ପାକିସ୍ତାନ ଓ ଆମେରିକା ମଧ୍ୟରେ ମୁକାବିଲା ବାକି ରହିଛି। ଫଳରେ ଫେବୃଆରୀ ୧୮ରେ ହେବାକୁ ଥିବା ନାୟିୟା ବିପକ୍ଷ ମ୍ୟାଚ୍ ପାକିସ୍ତାନ ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ପାକିସ୍ତାନ ଏଥିରେ ବିଜୟୀ ହେଲେ ସୁପର୍-୮ ଖେଳିବ। ନଚେତ୍ ଆମେରିକାର ସୁପର୍-୮ରେ ପହଞ୍ଚିଯିବ। ଜିମ୍ବାୱେ ସୁପର୍-୮ରେ ପହଞ୍ଚିବା ପରେ ଗ୍ରୁପ୍-୧ର ଲାଇନ୍‌ଅପ୍ ବୃତ୍ତାନ୍ତ ହୋଇଛି। ସୁପର୍-୮ର ଗ୍ରୁପ୍-୧ରେ ଭାରତ, ସାଉଥ୍ ଆଫ୍ରିକା, ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍ ରହିଛନ୍ତି। ଭାରତ ସୁପର୍-୮ରେ ନିଜର ପ୍ରଥମ ମ୍ୟାଚ୍ ଫେବୃଆରୀ ୨୨ ତାରିଖରେ ସାଉଥ୍ ଆଫ୍ରିକା ବିପକ୍ଷରେ ଖେଳିବ। ସେହିପରି ୨୬ ତାରିଖରେ ଟିମ୍ ଚେନ୍ନାଇରେ ଜିମ୍ବାୱେକୁ ଭେଟିବ। ଭାରତର ଶେଷ ସୁପର୍-୮ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ସହ ହେବ। ଏହି ମ୍ୟାଚ୍ କୋଲ୍‌କାତାରେ ଖେଳାଯିବ। ସୁପର୍-୮ରେ ଗ୍ରୁପ୍-୧ର ସମସ୍ତ ମ୍ୟାଚ୍ ଭାରତରେ ଆୟୋଜିତ ହେବ। ଗ୍ରୁପ୍-୨ରେ ଏବେ ସୁଦ୍ଧା ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ଶ୍ରୀଲଙ୍କା ରହିଛନ୍ତି। ଶେଷ ଟିମ୍ ଭାବେ ପାକିସ୍ତାନ କିମ୍ବା ଆମେରିକା ଯୋଗ୍ୟତା ଅର୍ଜନ କରିବ। ଏହି ଗ୍ରୁପ୍‌ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ।

ଚଳିତ ବିଶ୍ୱକପ୍‌ରେ ରଦ୍ଦ ହେବାରେ ଜିମ୍ବାୱେ-ଆୟର୍ଲାଣ୍ଡ ମ୍ୟାଚ୍ ପ୍ରଥମ ମ୍ୟାଚ୍। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟ ଇତିହାସରେ ମୋଟ ୮ ମ୍ୟାଚ୍ ରଦ୍ଦ ହୋଇଛି। ୨୦୧୬ ସଂସ୍କରଣରେ ଦୁଇଟି ମ୍ୟାଚ୍ ରଦ୍ଦ ହୋଇଥିଲା। ୨୦୦୭, ୨୦୧୦, ୨୦୧୨, ୨୦୨୨ ଏବଂ ୨୦୨୪ରେ ଗୋଟିଏ ଲେଖାଏଁ ମ୍ୟାଚ୍ ହୋଇପାରି ନଥିଲା।

ସୁପର୍-୮ରେ ନ୍ୟୁଜିଲାଣ୍ଡ୍

- କାନାଡାକୁ ୮ ୱିକେଟ୍‌ରେ ହରାଇଲା
- ଯୁବରାଜ କାମରା ଟୁର୍ଣ୍ଣାମେଣ୍ଟର ସର୍ବକନିଷ୍ଠ ଶତକଧାରୀ

ଚେନ୍ନାଇ,୧୭।୨/ଏଜେନ୍ସି: କାନାଡାକୁ ୮ ୱିକେଟ୍‌ରେ ହରାଇ ନ୍ୟୁଜିଲାଣ୍ଡ ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ପ୍ରବେଶ କରିଛି। ସ୍ଥାନୀୟ ଚେପକ୍ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଡି'ର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା କାନାଡା ୪ ୱିକେଟ୍ ବିନିମୟରେ ୧୭୩ ରନ୍ କରିଥିଲା। ଜବାବରେ କିୱି ଟିମ୍ ୧୫.୧ ଓଭରରେ ମାତ୍ର ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

୧୭୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ପାଇଁ ଗ୍ଲେ ଫିଲିପ୍ସ ଓ ରଚିନ୍ ରବୀନ୍ଦ୍ର ଅର୍ଦ୍ଧଶତକ ହାସଲ କରିଥିଲେ। ଦୁହିଁଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ଅପରାଜିତ ୧୪୬ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଫିଲିପ୍ସ ୩୬ ବଲ୍‌ରେ ୪ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୭୬ ରନ୍ କରିଥିଲେ। ଏହା ବ୍ୟତୀତ ସେ ତିନିଟି କ୍ୟାଚ୍ ମଧ୍ୟ ନେଇଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ୟପକ୍ଷରେ ରଚିନ୍ ୩୯ ବଲ୍‌ରେ ୪ ଚୌକା ଓ ୩ ଛକା ବଳରେ ୫୯ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ପୂର୍ବରୁ ଦୁଇ ଓପ୍ନର ଟିମ୍ ସିଫର୍ଟ ୬ ଏବଂ ଫିନ୍ ଏଲେନ୍ ୨୧ ରନ୍ କରି ଆଉଟ୍ ହୋଇଥିଲେ। କାନାଡା ପକ୍ଷରୁ ସାଦ୍ ବିନ୍ ଜାଫର୍ ଏବଂ ଡିଲୋନ୍ ହେଲିଗର୍ ୱିକେଟ୍ ଦୁଇଟି ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା କାନାଡା ଚମତ୍କାର ଆରମ୍ଭ କରିଥିଲା। ଟିମ୍ ପକ୍ଷରୁ ଯୁବରାଜ ସାମ୍ରା ଶତକ ହାସଲ କରିଥିଲେ। ସେ ୬୫ ବଲ୍‌ରେ ୧୧ ଚୌକା ଏବଂ ୬ ଛକା ସହାୟତାରେ ୧୧୦ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ସହିତ ୧୯ ବର୍ଷ ୧୪୧ ଦିନ ବୟସରେ ସେ ଟି-୨୦ ବିଶ୍ୱକପ୍ ଇତିହାସରେ ଶତକ ହାସଲ କରିବାରେ ସର୍ବକନିଷ୍ଠ ବ୍ୟାଟର୍ ହୋଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଅହମଦ ଶାହଜାଦ୍‌ଙ୍କ ନାମରେ ଥିଲା। ଶାହଜାଦ୍ ୨୦୧୪ରେ ୨୨ ବର୍ଷ ୧୨୭ ଦିନ ବୟସରେ ବଂଗ୍ଲାଦେଶ ବିପକ୍ଷରେ ମୀରପୁରରେ ଶତକ ହାସଲ କରିଥିଲେ। ସାମ୍ରା ୧୧୦ ରନ୍ ଚଳିତ ଟୁର୍ଣ୍ଣାମେଣ୍ଟର ସର୍ବୋଚ୍ଚ ସ୍କୋର୍ ଏବଂ ଦ୍ୱିତୀୟ ଶତକ। ଯୁବରାଜ ସାମ୍ରାଙ୍କ ବ୍ୟତୀତ କାନାଡା ପକ୍ଷରୁ କ୍ୟାପ୍ଟେନ୍ ଦିଲ୍‌ପ୍ରୀତ୍ ସିଂହ ୩୯ ବଲ୍‌ରେ ୪ ଚୌକା ସହାୟତାରେ ୩୬ ରନ୍ କରିଥିଲେ। ଯୁବରାଜ ଓ ଦିଲ୍‌ପ୍ରୀତ୍‌ଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୮୪ ବଲ୍‌ରେ ୧୧୬ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ନବନୀତ ଧାଲିୱାଲ୍ ୧୦ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନରୀ, ଜ୍ୟାକବ୍ ଡଫି, କାଇଲ୍ ଜେମିସନ୍ ଏବଂ ଜେମନ୍ସ ନିଶାମ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

ନେପାଳର ପ୍ରଥମ ବିଜୟ

ମୁମ୍ବାଇ,୧୭।୨/ଏଜେନ୍ସି: ନେପାଳ ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ମଙ୍ଗଳବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି' ମ୍ୟାଚ୍‌ରେ ଟିମ୍ ସ୍କଟ୍‌ଲାଣ୍ଡଖୁ ୭ ୱିକେଟ୍‌ରେ ହରାଇ ଦେଇଛି। ପ୍ରଥମ ଥର ପାଇଁ ଟୁର୍ଣ୍ଣାମେଣ୍ଟରେ ଟସ୍ ଜିତିଥିବା ନେପାଳ ପିଚ୍ଛିଂ ନିଷ୍ପତ୍ତି ନେଇଥିଲା। ସ୍କଟ୍‌ଲାଣ୍ଡ ପ୍ରଥମେ ୭ ୱିକେଟ୍ ହରାଇ ୧୭୦ ରନ୍ କରିଥିବା ବେଳେ ଜବାବରେ ନେପାଳ ୧୯.୨ ଓଭର୍‌ରେ ୩ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି। ଲକ୍ଷ୍ୟର ପିଛା କରୁଥିବା ନେପାଳ ପକ୍ଷରୁ ଓପ୍ନର୍ କୁଶଲ ଭୁର୍ତେଲ୍ ଓ ଆସିଫ୍ ଶେଖ୍ ପ୍ରଥମ ୱିକେଟ୍ ପାଇଁ ୭୪ ରନ୍ ଯୋଡ଼ିଥିଲେ। ଭୁର୍ତେଲ୍ ୪୩ ଏବଂ ଆସିଫ୍ ୩୩ ରନ୍ କରି ଆଉଟ୍ ହେବା ପରେ କ୍ୟାପ୍ଟେନ୍ ରୋହିତ ପୌଡେଲ୍ ୧୬ ରନ୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଦୀପେନ୍ଦ୍ର ସିଂହ ଐରୀ ଓ ଗୁଲ୍‌ଶନ୍ ଝା ଟିମ୍‌କୁ ପ୍ରଥମ ବିଜୟ ଦେଇଥିଲେ। ଉଭୟଙ୍କ ମଧ୍ୟରେ ୭୩ ରନ୍‌ର ଅପରାଜିତ ପାର୍ଟନରଶିପ୍ ହୋଇଥିଲା।

ସ୍କଟ୍‌ଲାଣ୍ଡକୁ ୭ ୱିକେଟ୍‌ରେ ହରାଇଲା
ଦୀପେନ୍ଦ୍ର ସିଂହ ଐରୀଙ୍କ ଅର୍ଦ୍ଧଶତକ

ଦୀପେନ୍ଦ୍ର ଐରୀ ୨୩ ବଲ୍‌ରେ ୪ ଚୌକା ଓ ୩ ଛକା ସହାୟତାରେ ୫୦ ରନ୍ ଏବଂ ଗୁଲ୍‌ଶନ୍ ୧୭ ବଲ୍‌ରେ ୨୪ ରନ୍ କରି ଅପରାଜିତ ରହିଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ମାଇକେଲ୍ ଲିସ୍କ ତିନୋଟି ଯାକ ୱିକେଟ୍ ଅକ୍ତିଆର କରିଥିଲେ।

ପୂର୍ବରୁ ଜର୍ଜ ମୁନ୍‌ସେ ଓ ମାଇକେଲ୍ ଜୋନ୍ସ ୮୦ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରି ସ୍କଟ୍